# ତୁମ୍ଭର ବଂଶ ଶତ୍ରୁଗଣର ନଗରଦ୍ୱାର ଅଧିକାର କରିବେ

ମୁଁ, ନୀତି ଦିନ ପରି, ଘଣ୍ଟାଏ କିମ୍ବା ଦୁଇ ଘଣ୍ଟା ବିଳମ୍ବ ଅଟେ। ପାଳକ ମହୋଦୟ ଉଠି, କହିଲେ, "ବର୍ତ୍ତମାନ, ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ସଦାସର୍ବଦା ବିଳମ୍ବିତ ରହୁଥିବା ଶ୍ରୀମାନ ବ୍ରାନହାମ୍‌ଙ୍କ ସହିତ ପରିଚିତ କରାଇବାକୁ ଚାହେଁ।" ତେବେ, ମୋର କରିବା ପାଇଁ ଅନେକ କିଛି ବିଷୟ ରହିଛି ତେଣୁକରି ମୁଁ—ମୁଁ କଦା ଏକଦା କେବଳ ଥରେ ଅଧେ ବିଳମ୍ବ ରହିଥାଏ। ମାତ୍ର ଏଥରକ ମୁଁ ଏହା ସମ୍ବନ୍ଧରେ କିଛି ହେଲେ କରିପାରିଲି ନାହିଁ। ଏଥରକ ଏହା ପାଗ ଥିଲା ଯେଉଁଥି ଯୋଗୁଁ କି ଏହା ସେହିପରି ହୋଇଥିଲା। ମୁଁ ଏହାକୁ ପାଗ ଉପରେ ଦୋଷ ଦେଇ ରକ୍ଷା ପାଇ ଯାଇପାରେ। ଭାଇ ରୋଜ, ଏହାକୁ ଅଳ୍ପ ଟିକେ, ସ୍ଥଗିତ କରିବାକୁ ପଡିଲା। ଶୁଭ ସକାଳ, ଭଉଣୀ ରୋଜ। ଏବଂ ଆଜି ସକାଳେ ଏଠାରେ ଭାଇ ରୋଜ ଏବଂ ଭଉଣୀ ରୋଜଙ୍କୁ, ଏବଂ ଭାଇ ଶେରିଟ୍, ଏବଂ ଅନ୍ୟାନ୍ୟ ଭାଇମାନଙ୍କୁ, ଆପଣ ସେଠାରେ ଥିବା ଉତ୍ତମ ଉତ୍ତମ ଲୋକମାନଙ୍କୁ, ପାଇଥିବା ହେତୁ ଖୁସି ଅଟେ।

2 ମୁଁ ଏହା ଶୁଣିଲି, କେହି ଜଣେ ମୋତେ କହିଲେ, "ଯେତେବେଳେ ଏହା ଫିନିକ୍ସରେ ବର୍ଷା ହୁଏ, ସେତେବେଳେ ସମସ୍ତେ କେବଳ ବିଛଣା ଭିତରେ ରହିଥାଆନ୍ତି," ଏପରି ଏକ ପରିବର୍ତ୍ତନ ହୋଇଥାଏ, ଆପଣ ଜାଣନ୍ତି। ଏହି ଦିନଗୁଡିକ ମଧ୍ୟରୁ ଗୋଟିକରେ ମୁଁ ଏକ ମାଗଣା ଭୋଜନ ପାଇବାକୁ ଯାଉଅଛି। ସେମାନେ ମୋତେ କହିଥିଲେ ଯେ ସେହି ପ୍ରତ୍ୟେକ ଦିନରେ ଯେତେବେଳେକି ସୂର୍ଯ୍ୟ ପ୍ରକାଶ ନ ଦିଏ ଆପଣ ଏକ ମାଗଣା ଭୋଜନ ପାଇପାରନ୍ତି। ମୁଁ ଆଜି ଏହାକୁ ଲକ୍ଷ୍ୟ କରିବାକୁ ଯାଉଅଛି, ଯେ ସେମାନେ ଏଥିପାଇଁ ଦେୟ ଦିଅନ୍ତି।

3 ମୁଁ ଗତ ରାତ୍ରି, କୌଣସି ମଣ୍ଡଳୀକୁ କହୁଥିଲି। ମୋତେ ତାର ନାମ ପ୍ରକୃତରେ ମନେ ନାହିଁ। ଏବଂ ତେଣୁକରି, ଆମର ଗତରାତ୍ରି, ସେଠାରେ ସେବାରେ, ଏକ ସୁନ୍ଦର ସମୟ ରହିଥିଲା। ଏବଂ ସେଠାରେ ଉପରେ ଭାଇ ଆଉଟ୍ଲଙ୍କ ଠାରେ, ଏବଂ ଟେମ୍ପେ ପର୍ଯ୍ୟନ୍ତ, ଏବଂ ଆମେମାନଙ୍କର ଏହି ସହଭାଗୀତାରେ କେବଳ ଏକ ଉତ୍ତମ ସମୟ ଅତିବାହିତ ହେଉଅଛି। ଏବଂ ମୁଁ ଏହି ସମ୍ମିଳନୀରେ ଏହି ସମସ୍ତ ସେବକ ଭାଇମାନଙ୍କୁ ଭେଟିବାର ଆଶା କରୁଛି, ତେଣୁକରି ଆମ ପାଖରେ ଏଠାରେ ଏକ ପ୍ରକାର ଚାରିଆଡ଼େ ଏକାଠି ବସି, ଭାଇ ରୋଜ, ଏବଂ ପରସ୍ପର ସହ କଥା ହେବାକୁ ସମୟ ରହିବ। ଏବଂ ତାହାହିଁ ଅଟେ ଯାହା ପାଇଁ କି ମୁଁ ଆସିଅଛି, ଯେ ସହଭାଗୀତା କରେ। ଏବଂ ଆମ ପାଖରେ ଥିଲା...ଆମର କାର୍ଯ୍ୟସୂଚୀକୁ ଦେଖି ଏବଂ ଅନେକ ସ୍ଥାନଗୁଡିକୁ ଖୋଜି। ମାତ୍ର ମୁଁ ଭାବିଲି ଯେ ଏହା ସବୁଠାରୁ ବଡ ସୁଯୋଗ ଥିଲା, କାରଣ ମୁଁ ଭିନ୍ନ ଭିନ୍ନ ଲୋକମାନଙ୍କୁ ଭେଟିବାକୁ—କୁ ପାଇଲି, ସେମାନଙ୍କୁ ଦେଖିବାକୁ ଏବଂ ଆଗକୁ ଯିବାର ପାଇଲି।

4 ବେଳେବେଳେ ପ୍ରଚାରରେ, ପ୍ରତ୍ୟେକ ସେବକ ଗୋଟିଏ ବା ଅନ୍ୟ ପ୍ରକାରେ, ଭୁଲ୍ ବୁଝା ଯାଇଥାଆନ୍ତି । ଅନେକ ଥର, ଲୋକମାନେ ଏପରି କିଛି ବିଷୟକୁ ଗ୍ରହଣ କରି ନିଅନ୍ତି ଯାହା ଆପଣ କହିଥିବେ ଏବଂ ଏକ ପ୍ରକାରେ କେବଳ...ଏହା ଯଦି ସେମାନଙ୍କ ସପକ୍ଷରେ ଟିକିଏ ରହିଥାଏ, ତେବେ ସେମାନେ ଏହାକୁ ସେହିପରି ଭାବରେ କହିବେ । ଏବଂ ତାହାପରେ ପରବର୍ତ୍ତୀ ଜଣ ଏହାକୁ ନିଅନ୍ତି, ଏହା ଆଉ ଟିକିଏ ଅଧିକ ସପକ୍ଷବାଦୀ ହୋଇଥାଏ । ପ୍ରଥମ ବିଷୟ ଆପଣ ଜାଣନ୍ତି, ଏହା ତ ମୂଳ ବିଷୟଠାରୁ ହିଁ ବହୁତ ଦୂରକୁ ଚାଲି ଯାଇଥାଏ ।

5 ତେଣୁକରି—ତେଣୁକରି ଆମେମାନେ, ପ୍ରଚାରରେ, ଅନେକ ଥର, ମୁଁ ଏକ ପ୍ରକାରେ ନାମଧାରୀ ସଂସ୍ଥା, ଏବଂ ସଂଗଠନ ଓ ବଭିନ୍ନ ବିଷୟଗୁଡିକ ଉପରେ ଟିପ୍ପଣୀ କରିଥାଏ । ବେଳେ ବେଳେ, ତେବେ ଲୋକମାନେ କହିଥାନ୍ତି, "ଭାଇ ବ୍ରାନହାମ୍ ଏକ ସଂଗଠନ ବିରୁଦ୍ଧରେ ଅଟନ୍ତି ।" ତାହା ଭୁଲ ଅଟେ । ମୁଁ କୌଣସି ସଂସ୍ଥାର ବିରୋଧୀ ନୁହେଁ । ମାତ୍ର ଏହା ଅନେକ ଥର ଏପରି ହୋଇଥାଏ ଯେ ଲୋକମାନେ କେବଳ ସେହି ସଂଗଠନ ଉପରେ ନିର୍ଭର କରନ୍ତି, ଆପଣ ଦେଖନ୍ତୁ, ଏବଂ ସେମାନଙ୍କର ସମସ୍ତ ଭରସାକୁ ଖ୍ରୀଷ୍ଟଙ୍କ ପରିବର୍ତ୍ତେ ତାହା ଉପରେ ଉପସ୍ଥାପନ କରନ୍ତି ।

6 ସେମାନେ ଏହା ଦେଖିବାକୁ ଚାହାଁନ୍ତି ଯେ ସେମାନେ ସେହି ସଂସ୍ଥାକୁ କେତେ ଜଣ ସଦସ୍ୟମାନଙ୍କୁ ନେଇପାରନ୍ତି । ତେବେ, ଏହା ବହୁତ ଉତ୍ତମ ଅଟେ । ମୁଁ—ମୁଁ...ତାହା ଠିକ୍ ଅଟେ । ମୁଁ ଭାବୁଛି ଯେ ପ୍ରତ୍ୟେକ ସଂସ୍ଥା ସେହି ପ୍ରତ୍ୟେକ ସଦସ୍ୟଙ୍କୁ ପାଇବା ଉଚିତ୍ ଯେତିକି ସେ ପାରନ୍ତି । ତାହା ବହୁତ ଭଲ ଅଟେ । ମାତ୍ର ଯେତେବେଳେ ଏହି ବିଷୟ ଆସେ ଯେ ଆପଣ ସେହି ଅପରିବର୍ତ୍ତିତକୁ ନିଅନ୍ତି ଏବଂ ତାହା ଉପରେ ପବିତ୍ରଆତ୍ମାଙ୍କ ଅପେକ୍ଷା ଅଧିକ ଗୁରୁତ୍ତ୍ୱ ଉପସ୍ଥାପିତ କରିଥାଆନ୍ତି, ଯେପରିକି ଭାଇ ରୋଜ କିଛି ସମୟ ପୂର୍ବରୁ ଏଠାରେ କହୁଥିଲେ, ଏବଂ ସେହି ବିଷୟଗୁଡିକ ସବୁ, ତେବେ ଆପଣ ଲୋକମାନଙ୍କୁ—ଆପଣ ଲୋକମାନଙ୍କୁ ଏହା ଚିନ୍ତା କରୁଥିବାର ପାଆନ୍ତି, "ଆମେ *ଏଥି*ରେ ଅନ୍ତର୍ଭୁକ୍ତ ଅଟୁ, ଏବଂ ଆମେ *ସେଥି*ରେ ଅନ୍ତର୍ଭୁକ୍ତ ଅଟୁ ।" ସର୍ବଶେଷରେ, ଆମେମାନେ ସମସ୍ତେ ପରମେଶ୍ୱରଙ୍କର ଅନ୍ତର୍ଭୁକ୍ତ ଅଟୁ । ବୁଝିଲେ?

7 ତେବେ, ଯଦି ମୁଁ ଜଣେ ବ୍ୟକ୍ତିଙ୍କୁ ଡଙ୍ଗାରେ ନଦୀ ତଳକୁ ଯାଉଥିବାର ଦେଖେ...ଏବଂ ମୁଁ ଇଣ୍ଡିୟାନାର ଏକ ନଦୀ କୂଳରେ ରହେ, ଓହାୟୋ ନଦୀର କୂଳରେ, ଏବଂ ମୁଁ ଠିକ ଝରଣା ନିକଟରେ ରୁହେ । ଏହା ଏକ ଅତ୍ୟନ୍ତ ଦୁର୍ଗମ ସ୍ଥାନ ଅଟେ, ସେହି ଝରଣାଟି, କାରଣ ଏହା ଆପଣଙ୍କୁ ଠିକ ବର୍ତ୍ତମାନ ହିଁ ଅତିଶୟ ଜୋର ଧକ୍କା ଦେବ । ଯଦି ଆପଣ କେବେ ବି ସେହି ଝରଣା ଉପର ଦେଇ ଯାଆନ୍ତି, ସେଠାରେ କୌଣସି ଡଙ୍ଗା ଚାଲିପାରେ ନାହିଁ, କାରଣ ଏହା ତ ଏପରିକି, ପ୍ରାୟଃ ଚାଳିଶ-କିମ୍ବା-ପଚାଶ ଫୁଟ ସିଧା ତଳକୁ ଖସୁଥିବା ଅଟେ, ଏବଂ ତାହାପରେ ତଳ ଭାଗରେ ଏକ ବଡ ଘୂର୍ଣ୍ଣୟନ ଆସେ, ଯାହାକି ଏହା ଠିକ ପଥର ଉପରେ, ସେଠାରେ ଥିବା ପଥରଶଯ୍ୟା ଉପରେ ଆଘାତ କରେ । ଏବଂ ମୁଁ ଅନୁମାନ କରୁଛି ଯେ ସେହି—ସେହି—ସେହି ଟୋପିଗୁଡିକ, ସେହି ଧଳା ଟୋପିଗୁଡିକ, ଚାଳିଶ-ଫୁଟ ଉଚ୍ଚ ଝରଣାରୁ ତଳେ ବାଡେଇ

ହେଉଥିବା, ଦେଖନ୍ତୁ, ଯେଉଁଠାରେ ଏହା ତଳକୁ ଆଘାତ କରି, ପୁଣି ଉପରକୁ ଉଠି ଆସିଥାଏ । ଏବଂ ତାହାପରେ ଠିକ ସେହିପରି ଭାବରେ ପ୍ରବାହିତ ହୋଇଥାଏ, ଏବଂ ଏକ ବହୁତ ବଡ଼ ଗାତ ମଧ୍ୟକୁ ଚାଲିଯାଏ ଯାହାକି ପ୍ରାୟଃ ଷାଠିଏ ବା ସତୁରି ଫୁଟ ଗଭୀର ଅଟେ । ଏବଂ ସେଠାରେ ଏକ ଘୂର୍ଣ୍ଣୟନ ରହିଥାଏ ଯାହାକି ଏହାକୁ ଏହି ଉପାୟରେ ଘୂରାଇଥାଏ, ଏବଂ ଏହାକୁ ବାହାରକୁ ଆଣିଥାଏ ଏବଂ ଏକ ଚ୍ୟାନେଲ ଦେଇ ଗତି କରାଇଥାଏ । ଆପଣ ଦେଖନ୍ତୁ, ସେଠାରେ ବଞ୍ଚିଯିବାର କୌଣସି ଉପାୟ ନାହିଁ ।

8 କିଛି ଦିନ ପୂର୍ବେ ଜଣେ ବ୍ୟକ୍ତି ଏକ ଜୀବନ ରକ୍ଷକ ଲାଇଫ୍ ଜ୍ୟାକେଟ୍ ପିନ୍ଧି ଏଠାକୁ ଯାଇଥିଲେ । ସେମାନେ କେବଳ ସେହି ବିଷୟକୁ ସେଠାରେ ଯେତେବେଳେ ସେ ଖସିଥିଲେ, *ସେହିପରି* ଭାବରେ ଦେଖିଥିଲେ । [ଭାଇ ବ୍ରାନହାମ୍ ତାଙ୍କ ଆଙ୍ଗୁଳି ଟିପନ୍ତି—ସମ୍ପା ।] ଏପରିକି ସେହି ଜୀବନ ରକ୍ଷକ ଜ୍ୟାକେଟ୍ ସୁଦ୍ଧା, ସେହି ଭୟଙ୍କର ବେଗର ପ୍ରବାହ ତାଙ୍କୁ ଠିକ୍ ତଳକୁ ନେଇ ଯାଇଥିଲା । ଏବଂ ତାଙ୍କ ଆଉ କେବେବି ଖୋଜ ଖବର ମିଳିଲା ନାହିଁ । ଏହା କେବେବି ଜଣା ପଡିଲା ନାହିଁ ଯେ ତାଙ୍କ ସହିତ କଅଣ ହେଲା । ସେ ସେଠାରେ ତଳେ ଥିବା ସେହି ପଥର କିମ୍ବା କୌଣସି ଅଗରେ ଝୁଲି ରହିଥିଲେ, ବୋଧହୁଏ ଗୋଟିଏ କିମ୍ବା ଦୁଇ ମାଇଲ୍ ଚାରିପାଖରେ, ସେହି ପ୍ରକାରେ, ଏବଂ ବଞ୍ଚିବାର କୌଣସି ଉପାୟ ନ ଥିଲା ।

9 ଏବଂ ଯଦି ମୁଁ କାହାରିକୁ ଏକ ଛୋଟ ପୁରୁଣା ଡଙ୍ଗାରେ, ସେହି ନଦୀ ତଳକୁ ଯାଉଥିବାର ଦେଖେ, ସେ ସେଠାରେ ବସିରହି ପଢୁଥାଆନ୍ତି, ଯାଉଥାଆନ୍ତି, ଏବଂ ମୁଁ ତାଙ୍କ ଉପରେ ଚିତ୍କାର କରିଥାଏ, "ସେହି ଡଙ୍ଗାରୁ ବାହାରି ଯାଅ । ସେହି ଡଙ୍ଗାଟି ସେହି ତରଙ୍ଗକୁ ସହ୍ୟ କରିବାରେ ସକ୍ଷମ ହେବ ନାହିଁ ।" ତେବେ, ଏପରି କିଛି ନୁହେଁ ଯେ ମୋର ସେହି ବ୍ୟକ୍ତିଙ୍କ ବିରୁଦ୍ଧରେ କିଛି ବିଷୟ ଅଛି, ଯଦିଓ ମୋତେ ତାଙ୍କୁ କ୍ରୋଧ କରିବାକୁ ପଡିଥାଏ ଏବଂ ତାଙ୍କୁ ପ୍ରକୃତରେ କଡା କଥା କହିବାକୁ ପଡିଥାଏ । ମୋର ଯେ ସେହି ବ୍ୟକ୍ତିଙ୍କ ବିରୁଦ୍ଧରେ କିଛି ଅଛି ତାହା ନୁହେଁ । ମୁଁ ସେହି ବ୍ୟକ୍ତିଙ୍କୁ ଭଲ ପାଏ, ମାତ୍ର ମୁଁ ଜାଣୁଛି ସେ ଧକ୍କା ହେବାକୁ ଯାଉଛନ୍ତି । ସେହି କାରଣ ଯେ ମୁଁ ତାଙ୍କୁ ଉଚ୍ଚ ପାଟିରେ ଚିତ୍କାର କରିଥାଏ । କାରଣ ସେ ନୁହଁନ୍ତି...ଏହାର କାରଣ ହେଲା ଯେ ମୁଁ ତାଙ୍କୁ ଭଲ ପାଏ, ତାହାହିଁ ହେଉଛି—ହେଉଛି ସେହି କାରଣ ଯେ ମୁଁ ଉଚ୍ଚ ପାଟିରେ ଚିତ୍କାର କରିଥାଏ । ଯଦି ମୁଁ ଚିନ୍ତା କରୁ ନ ଥାଆନ୍ତି, ତେବେ ମୁଁ କହିଥାଆନ୍ତି, "ଠିକ ଅଛି, ଭଲ ମୁକ୍ତି ପାଇଲି," ବଢି ଯାଅ, ଦେଖନ୍ତୁ, ଯଦି ମୁଁ ତାଙ୍କ ପାଇଁ ଚିନ୍ତା କରୁ ନ ଥାଆନ୍ତି ।

10 ମାତ୍ର ସେହି ବିଷୟ ଯେଉଁଥି ଯୋଗୁଁ ମୁଁ ସେହି କଥା କହିଥାଏ ତାର କାରଣ ହେଉଛି ମୁଁ ମଣ୍ଡଳୀକୁ ନେଇ ଉତ୍ସାହିତ ଅଟେ । ମୁଁ—ମୁଁ ପରମେଶ୍ୱରଙ୍କ ମଣ୍ଡଳୀକୁ ନେଇ ଉତ୍ସାହିତ ଅଟେ । ଏବଂ ମୁଁ—ମୁଁ ଏହାକୁ କେବଳ ସାଂଗଠନିକ-ମନୋଭାବରେ ହୋଇ ଯାଉଥିବାର ଦେଖିବାଟା ଘୃଣା କରେ । ଏବଂ ମୁଁ ସେହି ଧାରାକୁ ଜାଣେ, ଯେ ସେହି ଉପାୟରେ ପ୍ରତ୍ୟେକ ମଣ୍ଡଳୀ ସେହି ପଥର ଆଡ଼କୁ ଚାଲି ଯାଇଥାନ୍ତି, ଠିକ୍ ସେହିପରି ଭାବରେ, ଠିକ ସେହି ସାଂଗଠନିକ ଧାରା ପ୍ରବାହ ଦେଇ ଚାଲି ଯାଇଥାନ୍ତି ।

11 ଲୁଥରାନ୍‌ମାନଙ୍କ ସମୟରେ ସେହି ଉଦ୍ଦୀପନା ବିଷୟରେ କେବଳ ଚିନ୍ତା କରନ୍ତୁ, ଦେଖନ୍ତୁ ଯେ ଏହା କେଉଁ ଆଡକୁ ଗଲା। ଏବଂ ଠିକ ଯେତେବେଳେ ଏହା ଆଘାତ କରେ, ଏହା ଆଉ କେବେବି ଉଠେ ନାହିଁ। ଲୁଥରାନ୍‌ମାନେ ଆଉ କେବେବି ଫେରିଲେ ନାହିଁ। ୱେସ୍‌ଲି ମେଥୋଡିଷ୍ଟମାନଙ୍କୁ ଦେଖନ୍ତୁ, କେବେବି ଫେରିଲେ ନାହିଁ। ପିଲ୍‌ଗ୍ରିମ୍ ହୋଲିନେସ୍, ନାଜରିନ୍, ଅବଶିଷ୍ଟ ସମସ୍ତଙ୍କୁ, ବାପ୍‌ଟିଷ୍ଟ, ପ୍ରେସ୍‌ବିଟେରିଆନ୍‌କୁ ଦେଖନ୍ତୁ। ସେମାନଙ୍କର ଏକ ଉଦ୍ଦୀପନା ରହିଥିଲା, ଏବଂ ତାହାପରେ କୌଣସି ଜଣେ ବ୍ୟକ୍ତି ପରମେଶ୍ୱରଙ୍କ ଶକ୍ତି ସହିତରେ ଛିଡା ହେଲେ, ସେ ଆତ୍ମାରେ ହୋଇ ଏକ ପଦକ୍ଷେପ ଆରମ୍ଭ କଲେ। ତେବେ ସେହି ବ୍ୟକ୍ତି ଚାଲିଯିବା ମାତ୍ରେ, ତାହାପରେ ସେମାନେ ସେଥିରୁ ଏକ ସଂସ୍ଥାକୁ ସ୍ଥାପନ କରି ପକାଇଲେ।

12 ଯେପରିକି ମୁଡି ବାଇବଲ ସଂସ୍ଥାନ, ଉତ୍ତମ ସ୍ଥାନ, ମାତ୍ର ଏହା କେବେବି ସେହିପରି ହେବ ନାହିଁ ଯେପରିକି ତାହା ମୁଡିଙ୍କ ସମୟରେ ରହିଥିଲା। ବୁଝିଲେ? ଏବଂ ଯେଉଁ ବିଷୟଗୁଡିକ ପାଇଁ ମୁଡି ସପକ୍ଷରେ ଛିଡା ହୋଇଥିଲେ, ସେଗୁଡିକ ଏହାଠାରୁ ଅନେକ ଅନେକ ମାଇଲ୍ ଦୂରରେ ଅଟନ୍ତି, ତେଣୁ ଆପଣ ସେଠାରେ ଅଛନ୍ତି। ଏବଂ ତେବେ ଏହା ସମସ୍ତ ବୌଦ୍ଧିକ ଅଟେ, ଯେଉଁଠାରେକି ମୁଡି ଏହାକୁ ଆତ୍ମାରେ ସ୍ଥାପନ କରିଥିଲେ, ଆପଣ ଦେଖନ୍ତୁ। ଏବଂ ତେଣୁକରି ଆପଣ—ଆପଣ ପାଇବେ ଯେ, ସେହି ବିଷୟଗୁଡ଼ିକରେ।

13 ତେବେ, ଯେତେବେଳେ ମୁଁ ପ୍ରଥମେ ଆରମ୍ଭ କରିଥିଲି, ଏବଂ ଏଠାରେ ଫିନିକ୍ସକୁ, ଅନେକ ବର୍ଷ ପୂର୍ବେ, ପେଣ୍ଟିକଷ୍ଟାଲ୍ ଆନ୍ଦୋଳନରେ ଆସିଥିଲି, ସେତେବେଳେ ମୋ ପାଖରେ ନିଜେ ଏକ ସଂସ୍ଥା ଆରମ୍ଭ କରିବାର ଏକ ସୁଯୋଗ ରହିଥିଲା। ସେହି ଶେଷ-ବୃଷ୍ଟିର ଭାଇମାନେ ମୋ ପାଖକୁ ଆସି, କହିଥିଲେ, "ଏହାହିଁ ତାହା ଅଟେ। ଆସନ୍ତୁ ଆମେମାନେ ଆରମ୍ଭ କରିବା। କାହିଁକି, ଆମେମାନେ ତ ଅବଶିଷ୍ଟ ସେସମସ୍ତଙ୍କ ତୁଳନାରେ ବଡ଼ ହୋଇଯିବା—ହୋଇଯିବା।"

14 ମୁଁ କହିଲି, "ଦୟା ହେଉ! ଏହା ତାହା ନୁହେଁ। ଭାଇମାନେ, ତାହା ସେହି ବିଷୟ ନୁହେଁ—ତାହା ନୁହେଁ। ଆପଣ—ଆପଣ ତ ସେହି ମାର୍ଗରୁ—ରୁ ଲକ୍ଷ ଲକ୍ଷ ମାଇଲ୍ ଦୂରରେ ଅଟନ୍ତି। ପରମେଶ୍ୱର ଏହାକୁ କଦାପି ଆଶୀର୍ବାଦ କରିବେ ନାହିଁ।" ନିଜର ଇତିହାସ ପଢନ୍ତୁ। ବାଇବଲ ପଢନ୍ତୁ। ସେଠାରେ ଆଉ ଅନ୍ୟ କୌଣସି ସଂସ୍ଥା ଏଥିରୁ ବାହାରି ଆସିବ ନାହିଁ, ଯାହାକି ଏଥିରୁ ବାହାରିବ। ତାହା ଠିକ୍ ଅଟେ। ଏହା ସଂଗଠିତ ହେବ ଏବଂ ତାହା ଭିତରକୁ ଚାଲିଯିବ... ଏହା ବର୍ତ୍ତମାନ ଲାଅଦିକୀୟ ସ୍ଥିତିରେ ଅଛି। ମାତ୍ର ମୁଁ ଆପଣଙ୍କୁ କହିବି, ଭାଇ, ସେଠାରେ ଆଉ ଉଠିବା ହେତୁ କୌଣସି ପରମେଶ୍ୱର-ଆଶୀଷିତ ସଂଗଠନ ନାହାଁନ୍ତି। ସେଠାରେ ଆଉ ଏହାର କିଛି ବି ନାହିଁ। ଆମେମାନେ ପ୍ରଭୁଙ୍କ ଆଗମନ ସମୟରେ ଅଛୁ। ବୁଝିଲେ? ଏବଂ ପରମେଶ୍ୱର ଏହି ବଡ ଗୀର୍ଜା ସଂଘର ପଦକ୍ଷେପରୁ ଅବଶିଷ୍ଟାଂଶକୁ ବାହାର କରି ନେବେ, ଯାହାକି ବର୍ତ୍ତମାନ, କନ୍ୟା ପାଇଁ ଚାଲିଛି, ମାତ୍ର ସେଠାରେ ଆଉ କୌଣସି ବି ବିଷୟ, ଆତ୍ମିକ ଭାବରେ, ଆଉ ଅଧିକ, ସଂଗଠିତ ହେବ ନାହିଁ। ବୁଝିଲେ? ଏହା ସମାପ୍ତ ହୋଇଯାଇଛି।

15 ଯେତେବେଳେ ମୁଁ ମୋର ଭାଇମାନଙ୍କୁ, ମୂଲ୍ୟବାନ ଭାଇମାନଙ୍କୁ ସେହି ଆଡ଼େ ଆଉଜେଇ ହୋଇଥିବାର ଦେଖେ, ସେତେବେଳେ ମୋ ଭିତରେ ଥିବା ସବୁକିଛି ସହିତ ମୁଁ ଢାଳି ଦେଇଥାଏ। ଏବଂ ବେଳେବେଳେ ଭାଇମାନେ କୁହନ୍ତି, "ତେବେ, ଭାଇ ବ୍ରାନହାମ୍ ଆମ ବିରୁଦ୍ଧରେ ଅଛନ୍ତି। ଆମେମାନେ..." ତାହା ଭୁଲ ଅଟେ। ମୋର ପ୍ରଭୁ! ତାହା—ତାହା ମୋ ମନଠାରୁ ସବୁଠୁଁ ଦୂରବର୍ତ୍ତୀ ବିଷୟ ଅଟେ, ଯେ କାହାରି ବିରୁଦ୍ଧରେ ହେବା। ମୁଁ—ମୁଁ ଆପଣଙ୍କ ପାଇଁ ଅଟେ। ମୁଁ ଆପଣଙ୍କର ଭାଇ ଅଟେ, ଦେଖନ୍ତୁ, ଏବଂ ମୋର ଯଥାସାଧ୍ୟ ଚେଷ୍ଟା କରୁଅଛି। ଏବଂ ସେହି କାରଣ ହେତୁ ମୁଁ କଦାପି କୌଣସି ନିର୍ଦ୍ଦିଷ୍ଟ ସଂଗଠନରେ ଯୋଗ ଦେଇ ନାହିଁ, ଯେପରିକି ମୁଁ ମଧ୍ୟସ୍ଥିରେ ଛିଡା ହୋଇ କହିପାରେ, "ଭାଇ, କରନ୍ତୁ ନାହିଁ। ତାହା ସେହି ଉପାୟରେ ନୁହେଁ।"

16 ସେମାନେ କୁହନ୍ତି, "ଆମେ ଆସେମ୍ବଲିଜର ଅନ୍ତର୍ଭୁକ୍ତ ଅଟୁ।" ତାହା ଅଦ୍ଭୁତ ଅଟେ। ଆସେମ୍ବଲିଜ ଅଫ ଗଡ଼ ମୋ ପାଇଁ ଏକ ଚମତ୍କୃତ ଭାବରେ ଆଶୀର୍ବାଦ ରହି ଆସିଛି। "ଆମେମାନେ ଫୋରସ୍କ୍ୱାୟାର ଅଟୁ।" ତେବେ, ଦେଖନ୍ତୁ ଯେ ସେମାନେ ମୋ ପାଇଁ କି ଏକ ଆଶୀର୍ବାଦ ରହି ଆସିଛନ୍ତି। "ଆମେ ହେଉଛି ଯୀଶୁଙ୍କର ନାମ।" ଦେଖନ୍ତୁ ଯେ ସେମାନେ ମୋ ପାଇଁ କି ଏକ ଆଶୀର୍ବାଦ ରହି ଆସିଛନ୍ତି। "ଆମେମାନେ ସେହି *ଜଣକ* ଅଟୁ, *ଅନ୍ୟ*ଜଣକ ଅଟୁ।" ଯାହା ବି ହେଉ, ସେଗୁଡ଼ିକ ସବୁ ଆଶୀର୍ବାଦ ଅଟେ। ସେମାନେ—ସେମାନେ ପରମେଶ୍ୱରଙ୍କର ଲୋକ ଅଟନ୍ତି। ବୁଝିଲେ? ଏବଂ ପରମେଶ୍ୱରଙ୍କ ଲୋକମାନେ ଏହାର ସମସ୍ତ କିଛିରେ ଅଛନ୍ତି।

17 ଏବଂ ଯେତେବେଳେ ଆମେମାନେ ନିଜକୁ ଯୋଡ଼ିବାଉ ଆରମ୍ଭ କରି, ଏହା କହୁ, "ଆମେମାନେ ଏଠାରେ ଚର୍ଚ୍ଚ ଅଫ ଗଡ଼ ଅପେକ୍ଷା ଅଳ୍ପ ଟିକିଏ ଅଧିକ ଉତ୍ତମ ଅଟୁ," ଆପଣ ଦେଖନ୍ତୁ, କିମ୍ବା, "ଆମେମାନେ ଫୋରସ୍କ୍ୱାୟାର କିମ୍ବା ଜୀସସ୍ ନେମ୍‌ଠାରୁ ଅଳ୍ପ ଟିକିଏ ଅଧିକ ଉତ୍ତମ ଅଟୁ," କିମ୍ବା ସେହିପରି କିଛି ଗୋଟାଏ। ଯେତେବେଳେ ଆମେମାନେ କେବଳ ଏକ...ବୋଧହୁଏ ଆମେମାନେ ଧାରଣାଗୁଡିକ ମଧ୍ୟରେ ଅଳ୍ପ ଟିକିଏ ଭିନ୍ନ ହୋଇପାରୁ। ଆମେମାନେ ସମସ୍ତେ ଆଜି ରାତ୍ରି ଭୋଜନ କରିବାକୁ ଯାଉ, ଆମେମାନେ ସମସ୍ତେ ଭିନ୍ନ ଭିନ୍ନ ପିଠା ଗ୍ରହଣ କରିଥାଉ, ମାତ୍ର ଆମେମାନେ ତ ସମାନ ଭାବରେ ଠିକ ସେହି ପିଠାକୁ ହିଁ ଭୋଜନ କରୁଅଛୁ, ଆପଣ ଦେଖନ୍ତୁ। ତାହାହିଁ ସେହି ଧାରଣା ଅଟେ। ତେଣୁ ଏହାର ଧାରଣା, ହେଉଛି, ଯଦି—ଯଦି ଆମେମାନେ କେବଳ ଆମର ସହଭାଗିତାକୁ ଦେଖିପାରୁ। ତେଣୁ ସଂଗଠନ ଆଡକୁ ଆଉଜିବାକୁ ଯାଆନ୍ତୁ ନାହିଁ। କାଲବରୀ ଆଡକୁ ଆଉଜେଇ ହୁଅନ୍ତୁ। ଆପଣ ଏହି ଅନ୍ୟ ଜିନିଷଗୁଡ଼ିକ ପ୍ରତି ମୃତ ହୋଇଯାଆନ୍ତୁ। ବୁଝିଲେ? ଏବଂ ମୁଁ ବିଶ୍ୱାସ କରେ...

18 ଯେତେବେଳେ ଏହା ମୋ ମନରେ ଅଛି ତେବେ ମୋତେ ଏହା କହିବାକୁ ଦିଅନ୍ତୁ। ମୁଁ ବିଶ୍ୱାସ କରେ ଯେ ଗୋଟିଏ ସଂସ୍ଥା ଏକ ଭଲ ଭୂମିକା ଗ୍ରହଣ କରିଅଛି। କାରଣ, ଅନେକ ଥର, ଭାଇମାନେ, ଯେତିକି ମନ୍ଦ ଭାବରେ ଆମେ ଏହା ଭାବିବାକୁ ଘୃଣା କରୁ, ସେତିକି

ଅଧିକ ଆମମାନଙ୍କ ମଧ୍ୟରେ ଏପରି କିଛି ବିଷୟଗୁଡିକ ଉଙ୍କି ମାରିଥାଏ, ଏବଂ ସେହିପରି ବିଷୟଗୁଡିକ, ଯାହାକୁ ବିରୁଦ୍ଧାଚରଣ ବୋଲି କୁହାଯାଏ । ଏବଂ ଲୋକମାନେ କେବଳ ସେହି ବିରୁଦ୍ଧାଚରଣଗୁଡିକୁ ନେବେ ଓ ଲୋକମାନଙ୍କୁ ଯେକୌଣସି ଉପାୟରେ ବି ଛିନ୍ନଛତ୍ର କରି ପକାଇବେ । ଏବଂ ଭାଇମାନଙ୍କର ଏକ ଗୋଷ୍ଠୀ ଏକତ୍ର ହୁଅନ୍ତି ଯେଉଁମାନେକି...ଯାହାକି ମୁଁ...ମୋର ଯାହା କହିବାର ଅର୍ଥ ତାହା ହେଉଛି ସେହପରି ଭାବରେ ବାହାରିଯିବା ଯେପରିକି ସେମାନେ ପ୍ରାରମ୍ଭିକ ଦିନରେ କରିଥିଲେ ଏବଂ ସମସ୍ତ ପ୍ରକାରର ବିଷୟ କରିଥିଲେ । ଏବଂ—ଏବଂ ଆଜି ମଧ୍ୟ ଆମ ପାଖରେ ତାହାସବୁ ଅଛି, ଦେଖନ୍ତୁ, ଠିକ ଏକ ଚଳପ୍ରଚଳ ଭାବରେ । ଏବଂ ଏପରି ଏକ ଲୋକ ଯେଉଁମାନେକି ନିଜକୁ ଏକତ୍ର କରିପାରନ୍ତି...

19 ପେଣ୍ଟିକଷ୍ଟର ସେହି ପ୍ରକୃତ ଚିତ୍ର, ମୋ ମତରେ, ଯେତେବେଳେ ଏହା ସଂଗଠନ କଥା ଆସେ, ତାହା ସେହି—ସେହି ମଣ୍ଡଳୀ ଅଟେ, ଭାଇ ପେଥ୍ରସ୍, ସ୍ୱିଡେନ୍‌ର ସେହି ଫିଲାଡେଲ୍‌ଫିଆ ମଣ୍ଡଳୀ । ତେବେ, ସେମାନଙ୍କର ଏଥିରେ କୌଣସି ଫରକ୍ ପଡେ ନାହିଁ ଯେ ଆପଣଙ୍କର କେଉଁ ପ୍ରକାରର ଏକ ଶିକ୍ଷା ଅଛି, ଯେପର୍ଯ୍ୟନ୍ତକି ଏହା ଶାସ୍ତ୍ରସଙ୍ଗତ ଅଟେ । ଯଦି ଆପଣ ଏହାକୁ *ଏହି* ଉପାୟରେ, *ସେହି* ଉପାୟରେ, କିମ୍ବା ଅନ୍ୟ କୌଣସି ପ୍ରକାରେ ଦେଖିବାକୁ ଚାହାଁନ୍ତି, ଯେପର୍ଯ୍ୟନ୍ତକି ଆପଣଙ୍କର ସହଭାଗୀତା ରହିଥାଏ ଏବଂ ପ୍ରକୃତ ପରିଷ୍କାର ପବିତ୍ର ଜୀବନ ଯାପନ କରୁଥାନ୍ତି । ସେଠାରେ ଆପଣ ଅଛନ୍ତି । ତାହା ଉତ୍ତମ ଅଟେ । ଏବଂ ଯଦି ଆପଣ ଏହା କହିବାକୁ ଚାହାଁନ୍ତି ଯେ ଯୀଶୁ ଏକ ଧଳା ଘୋଡା ଉପରେ ଆସୁଛନ୍ତି, ଏବଂ ଅନ୍ୟ ଜଣେ କୁହନ୍ତି ଯେ ସେ ଏକ ଧଳା ମେଘରେ ଆସୁଛନ୍ତି, ତାହାଙ୍କୁ ସେହି ଉପାୟରେ ଦେଖୁଥାଆନ୍ତୁ । ତେବେ କେବଳ ଆଗକୁ ବଢିଯାଆନ୍ତୁ, ଯେପର୍ଯ୍ୟନ୍ତକି ଆପଣ ଏକ ଉତ୍ତମ ପରିଷ୍କାର ଜୀବନ ଯାପନ କରୁଥାନ୍ତି ଏବଂ ସହଭାଗୀତା କରୁଥାନ୍ତି । ତାହାହିଁ ସେହି ଉପାୟ ଅଟେ । ତାହାହିଁ ଏହା ଅଟେ ।

20 ବନ୍ଧୁଗଣ, ତେବେ, ତାହା, ବର୍ତ୍ତମାନ, ସେହି ଗୋଟିଏ କାରଣ ଅଟେ, ଯେ ମୁଁ ଏହି ବ୍ୟବସାୟୀ ପୁରୁଷ ଗୋଷ୍ଠୀ ସହିତରେ ଅଛି । କାରଣ, ମୁଁ ଜାଣେ ଯେ ସେଠାରେ ଅନେକ ଗୁଡିଏ ବିଷୟ ଅଛି ଯାହା ସଳଖ କରାଯିବା ଉଚିତ୍ । ମାତ୍ର ଏହା ତ—ଏହା ତ ସର୍ବୋତ୍କୃଷ୍ଟ ଅଟେ ଯାହା ଆମ ପାଖରେ ଅଛି । ହଁ । ତାହା ଠିକ୍ । ହଁ । ସେଠାରେ ଅନେକ ଗୁଡିଏ ବିଷୟ ଅଛି ଯାହା ମୋତେ କହିବାକୁ ପଡିବ । ଏବଂ—ଏବଂ ଆପଣ, ଏଠାରେ ଥିବା ସେହି ଭାଇମାନେ ଆପଣଙ୍କୁ କହିବେ, ଯେ ମୁଁ ସେମାନଙ୍କୁ କୌଣସି କଡା କଥା କହିବାରେ ପଛଘୁଞ୍ଚା ଦିଏ ନାହିଁ । ମୁଁ ପରମେଶ୍ୱରଙ୍କ ସେବକ ଭାବରେ ଏଠାରେ, ସତ କହିବା ପାଇଁ ଅଛି । ଏବଂ ମୋତେ ଏଥିପାଇଁ ଉତ୍ତର ଦେବାକୁ ହେବ । ତାହା ଠିକ୍ ଅଟେ । ଭାଇ ରୋଜ କହିଲେ, "ସେଇଥିପାଇଁ ତ ଆମେ ଆପଣଙ୍କୁ ପସନ୍ଦ କରୁ ।" ତେବେ, ତାହା—ତାହା, ତେବେ, ଆମେ କରି ନ ପାରୁ... ଆମକୁ—ଆମକୁ ତ ଏହି ବାକ୍ୟ ସହିତ ରହିବାକୁ ଅଛି । ବୁଝିଲେ?

21 ତେବେ କିଛି ସମୟ ପୂର୍ବରୁ, ମୁଁ ଭାବୁଛି, ଆପଣ ସେଥିରେ ଥିଲେ...ଗତ ବର୍ଷ ମୁଁ ବିଦେଶରେ, କିମ୍ବା ସେହି ଦ୍ୱୀପରେ ଥିଲି, ଏବଂ ସେମାନଙ୍କର ଏକ ସଭା ହୋଇଥିଲା, ଏବଂ

କେତେକ ଭାଇ ଏହି ମହାନ ସଭା ବିଷୟରେ ଗର୍ବ କରୁଥିଲେ ଯେଉଁଠାରେକି ସେମାନଙ୍କର ସମଗ୍ର ଦେଶରୁ, ବ୍ୟବସାୟୀମାନେ ରହିଥିଲେ । ଏବଂ ସେମାନେ ଏହା ବିଷୟରେ କଥାବାର୍ତ୍ତା କରୁଥିଲେ, "ମୋର ସେହି କୋଣରେ ଗୋଟିଏ ଛୋଟ ସ୍ଥାନଟି ରହିଥିଲା । ମୋର ବ୍ୟବସାୟ ଭଲ ନ ଥିଲା । ଏବଂ ମୋର ଏକ ଭୟଙ୍କର ସମୟ ଚାଲୁଥିଲା । ଏବଂ ପ୍ରଥମ ବିଷୟ ଆପଣ ଜାଣନ୍ତି, ମୁଁ—ମୁଁ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବାକୁ ଆସିଲି, ଏବଂ—ଏବଂ, ଓଃ, ବର୍ତ୍ତମାନ ମୁଁ ସବୁକିଛି ବିଷୟ ପାଇଅଛି ।" ତେବେ, ତାହା ଉତ୍ତମ ଅଟେ । ଆମେ ଏହାକୁ ପ୍ରଶଂସା କରୁ । ତାହା ଉତ୍ତମ, ମାତ୍ର ସମୃଦ୍ଧୀର ଅର୍ଥ ସଦାସର୍ବଦା ଖ୍ରୀଷ୍ଟ ନୁହଁନ୍ତି । ତାହା, ଦେଖନ୍ତୁ, ଏବଂ ଆମକୁ ତାହା ଜଗି ରହିବାକୁ ଅଛି । ତେବେ, ତାହା ଉତ୍ତମ ଅଟେ । ବୁଝିଲେ? ମୁଁ...ତାହା ବିରୁଦ୍ଧରେ କିଛି ନାହିଁ ।

22 ମାତ୍ର ମୁଁ ଏକ ପ୍ରକାରେ ସେହି ରାତ୍ରି ଭାଇମାନଙ୍କ ପଛରେ ଯାଇଥିଲି । ଆମେମାନେ ସେହି ମୋଟେଲକୁ ଗଲୁ ଯେଉଁଠାରେକି ଆମମାନଙ୍କର ଏକ—ଏକ ଗୋଷ୍ଠୀ ରହୁଥିଲୁ, ଏବଂ ଭାଇ ଶାକାରିଆନ୍ ଏବଂ ଆମେମାନେ ସମସ୍ତେ । ଏବଂ ମୁଁ କହିଲି, "ତେବେ," ମୁଁ କହିଲି, "ଭାଇମାନେ, ମୁଁ ଆପଣଙ୍କୁ କହିବାକୁ ଯାଉଛି ।" ମୁଁ କହିଲି, "ମୁଁ—ମୁଁ ଭାବୁଛି ଯେ ଆପଣ ଭାଇମାନେ ପୁରୁଷମାନଙ୍କର ସେହି ଶ୍ରେଷ୍ଠ ଗୋଷ୍ଠୀ ଅଟନ୍ତି ଯାହା ମୋ ଜୀବନରେ, ମୁଁ କଦାଚ ସାକ୍ଷାତ କରିଅଛି । ମାତ୍ର," ମୁଁ କହିଲି, "ଏହାର ବିଷୟ ହେଉଛି," ମୁଁ କହିଲି...

23 ମୁଁ କୌଣସି ସଂସ୍ଥାର ଅନ୍ତର୍ଭୁକ୍ତ ନୁହେଁ, କିନ୍ତୁ ମୁଁ ତାହା ଦ୍ୱାରା ସେହି ସହଭାଗୀତାରେ ସମ୍ପୃକ୍ତ ଅଟେ । ମୁଁ ସେମାନଙ୍କ ସହିତ ଏକ ସହଭାଗୀତା କାର୍ଡ ନେଇଥାଏ, ଏକମାତ୍ର କାର୍ଡ ଯାହା ମୁଁ ନେଇଥାଏ, କାରଣ ଏହା ସମସ୍ତ ସଂସ୍ଥାଗୁଡିକୁ ପ୍ରତିନିଧିତ୍ୱ କରେ, ଆପଣ ଦେଖନ୍ତୁ । ଏବଂ ତାହାହିଁ ଅଟେ ଯାହାକି ମୁଁ ପସନ୍ଦ କରେ । ତାହାହିଁ ଅଟେ ଯାହା ପାଇଁ ମୁଁ ଚେଷ୍ଟା କରୁଅଛି ।

24 "ମାତ୍ର," ମୁଁ କହିଲି, "ସେହି ବିଷୟ ଯାହା ମୋତେ ବ୍ୟତିବ୍ୟସ୍ତ କରିଥାଏ, ତାହା ଏହା ଯେ ସେଠାରେ ଥିବା ସେହି ଲୋକମାନଙ୍କ ଆଗରେ ଆପଣ ଭାଇମାନେ, ଯେଉଁମାନେକି ଆପଣଙ୍କ ଅପେକ୍ଷା ଏକ ହଜାର ଗୁଣ ଅଧିକ ସମୃଦ୍ଧଶାଳୀ ଅଟନ୍ତି, ଏବଂ ତାହାପରେ ସେମାନଙ୍କୁ ଏହା କହିବାକୁ ଚେଷ୍ଟା କରନ୍ତି ଯେ ଖ୍ରୀଷ୍ଟ ହେଉଛନ୍ତି ସମୃଦ୍ଧୀ । ସେମାନଙ୍କୁ କଦାପି ସେହିସବୁ ବିକ୍ରୟ କରିବାକୁ ଚେଷ୍ଟା କରନ୍ତୁ ନାହିଁ ।" ବୁଝିଲେ?

25 କେବେବି ଜଗତ ସହିତ ତୁଳନା କରିବାକୁ ଚେଷ୍ଟା କରନ୍ତୁ ନାହିଁ । ଜଗତକୁ ଆମ ଭୂମି ଉପରକୁ ଆସିବାକୁ ଦିଅନ୍ତୁ । ସେମାନଙ୍କ ଭୂମିକୁ ଯାଆନ୍ତୁ ନାହିଁ । ବୁଝିଲେ? ବୁଝିଲେ? ଆପଣ ସେମାନଙ୍କର ଭୂମିକୁ ଯିବେ, ଆମେ ସେମାନଙ୍କ ସହିତ କେବେବି ଚମକିବା ନାହିଁ । ଅବଶେଷରେ, ସୁସମାଚାର ଚମକେ ନାହିଁ; ଏହା ଉଜ୍ଜ୍ୱଳ ହୋଇଥାଏ । ହଲିଉଡ୍ ଚମକି ଥାଏ । ସୁସମାଚାର ଉଜ୍ଜ୍ୱଳ ହୋଇଥାଏ । ସେଠାରେ ଉଜ୍ଜ୍ୱଳ ହେବା ଓ ଚମକି ଉଠିବା ମଧ୍ୟରେ ବହୁତ ପାର୍ଥକ୍ୟ ଅଛି ।

26 ଏବଂ ତେଣୁକରି, ବର୍ତ୍ତମାନ, ଏବଂ ମୁଁ କହିଲି, "ସେହି ପ୍ରାରମ୍ଭିକ ପେଣ୍ଟିକଷ୍ଟାଲ୍

ଭାଇମାନେ ଯେଉଁମାନଙ୍କ ପାଖରେ କିଛି ରହିଥିଲା, ଏଥିରୁ ମୁକ୍ତି ପାଇବାକୁ ଚେଷ୍ଟା କରିଥିଲେ, ଏବଂ ଗରିବ ଲୋକମାନଙ୍କୁ ଖାଇବାକୁ ଦେଇଥିଲେ, ଏବଂ ସେହିପରି ବିଷୟ ପ୍ରଭୃତି କରିଥିଲେ, ଏବଂ କୌଣସି କିଛି ବିନା, ଦେଖନ୍ତୁ, ସୁସମାଚାର ପ୍ରଚାର କରିବା ପାଇଁ, ସହଭାଗୀତା କରିବା ପାଇଁ ଚାଲି ଯାଇଥିଲେ।" ମୁଁ କହିଲି, "ବର୍ତ୍ତମାନ ଆମେମାନେ ତ ତାହା ଉପରେ ଯେ ଆମେମାନେ କେତେ ଜିନିଷ ପାଇଅଛୁ ଗର୍ବ କରିବାକୁ ଚେଷ୍ଟା କରୁଅଛୁ।" ମୁଁ କହିଲି, "ଏହା କେତେ ଏକ ପାର୍ଥକ୍ୟ ଅଟେ!"

27 ଏବଂ ଜଣେ ବହୁମୂଲ୍ୟ ସାନ ଭାଇଟିଏ, ଅଳ୍ପ କିଛି ସମୟ ପରେ ସେ ଛିଡା ହୋଇଗଲେ, ମୋତେ କହିଲେ, ସେ କହିଥିଲେ, "ଭାଇ ବ୍ରାନହାମ୍, ତାହାହିଁ ତ ସବୁଠୁ ବଡ ଭୁଲ ଥିଲା ଯାହାକି ସେହି ଲୋକମାନେ କଦାଚ କରିଥଲେ।"

28 ଏବଂ ମୁଁ କହିଲି, "ତେବେ, ଦେଖନ୍ତୁ, ଭାଇ, ମୁଁ ତାହା ସଙ୍କେତ କରିବାକୁ ଚେଷ୍ଟା କରୁ ନ ଥିଲି ଯେ ଲୋକମାନଙ୍କ ପାଖରେ ଯାହାକିଛି ଅଛି ସେମାନେ ତାହାସବୁ ବିକ୍ରୟ କରି ଦିଅନ୍ତୁ। ମାତ୍ର ମୁଁ ତ କେବଳ ଏହି ବ୍ୟବସାୟୀମାନଙ୍କୁ ଏକ ବିଚାର ପରିବେଷଣ କରିବାକୁ ଚେଷ୍ଟା କରୁଅଛି।"

ସେ କହିଲେ, "ତାହାହିଁ ସେହି ସବୁଠାରୁ ବଡ ଭୁଲ ଥିଲା, ଯାହା ସେହି ଲୋକମାନେ କରିଥିଲେ।"

29 ମୁଁ କହିଲି, "ସେମାନେ ତାହା ପବିତ୍ରଆତ୍ମାଙ୍କ ଦ୍ୱାରା କରିଥିଲେ। ପବିତ୍ରଆତ୍ମା ସେମାନଙ୍କୁ ତାହା କରିବାକୁ କହିଥିଲେ।" ପବିତ୍ରଆତ୍ମା କାହାରିକୁ ବି କିଛି କରିବାକୁ କୁହନ୍ତି, ଆପଣ ତାହା କରନ୍ତୁ ଯାହା ସେ ଆପଣଙ୍କୁ କରିବାକୁ କହିଛନ୍ତି।

30 ଏବଂ ସେ କହିଲେ, "ତେବେ, ଏହା ତ ସବୁଠାରୁ ଖରାପ ଭୁଲ ଥିଲା ଯାହାକି ମଣ୍ଡଳୀ କଦାଚ କରିଥିଲା।"

31 ମୁଁ କହିଲି, "କାହିଁକି, ଭାଇ?" ଏବଂ ଠିକ ସେଠାରେ ସେହି ବ୍ୟକ୍ତିଙ୍କ ସମ୍ମୁଖରେ ଯାହାଙ୍କ ସହିତ ମୁଁ କଥାବାର୍ତ୍ତା କରୁଥିଲି।

32 ସେ କହିଲେ, "କାରଣ, ସେଠାରେ ଥିବା ମଣ୍ଡଳୀରେ ଏକ କଳି ଝଗଡା ଉପୁଯିବା ମାତ୍ରେ, ସେଠାରେ ସେହି ଗ୍ରୀକ୍ ଏବଂ—ଏବଂ ସେହି ଏବ୍ରୀମାନଙ୍କ ମଧ୍ୟରେ ଏକ ପାର୍ଥକ୍ୟ ଉପୁଜି ଥିଲା, ଏବଂ ଇତ୍ୟାଦି ସବୁ ହୋଇଥିଲା," କହିଲେ, "ସେହି ଲୋକମାନଙ୍କ ପାଇଁ ଯିବା ହେତୁ ଆଉ କୌଣସି ସ୍ଥାନ ନ ଥିଲା। ସେମାନଙ୍କ ପାଖରେ ଫେରିବା ପାଇଁ ମଧ୍ୟ କୌଣସି ଘର ନ ଥିଲା।"

ମୁଁ କହିଲି, "ଅବିକଳ ଠିକ୍ ଯାହା ପରମେଶ୍ୱରଙ୍କ ଇଚ୍ଛା ଥିଲା।"

ସେ କହିଲେ, "ଏହା କିପରି ପରମେଶ୍ୱରଙ୍କ ଇଚ୍ଛା ହୋଇପାରିବ?"

33 ମୁଁ କହିଲି, "ସେମାନେ ସବୁଆଡେ ଯାଇ, ସୁସମାଚାର ବ୍ୟାପ୍ତ କଲେ, କାରଣ ସେମାନଙ୍କ ପାଖରେ ଯିବା ପାଇଁ ଆଉ କୌଣସି ସ୍ଥାନ ନ ଥିଲା।"

34 ପବିତ୍ରଆତ୍ମା କୌଣସି ଭୁଲ କରନ୍ତି ନାହିଁ। ଏହା ତ କରନ୍ତି ହିଁ ନାହିଁ। ତାହାହିଁ ସବୁ କିଛି ଅଟେ। ଏବଂ ଯେପରି ମୁଁ ଗତକାଲି ରାତିରେ କହୁଥିଲି, ଆପଣଙ୍କୁ ତ କେବଳ ପରମେଶ୍ୱରଙ୍କୁ ଧରିବାକୁ ରହିଥାଏ, ଏବଂ ତାହାଙ୍କର ବାକ୍ୟକୁ ଧରିବାକୁ ରହିଥାଏ, ଏବଂ ଠିକ ଏହାକୁ ଧରି ରହିବାକୁ ପଡ଼ିଥାଏ। ଯାଏ ଆସେ ନାହିଁ ଯେ ଏହା ଆପଣଙ୍କୁ କେଉଁ ଆଡକୁ କଢାଇ ନେଇଥାଏ, ଠିକ ଏହାକୁ କେବଳ ଅନୁସରଣ କରି ଚାଲନ୍ତୁ। ଏହାକୁ ସେହିପରି ଭାବରେ କରିବା ଜାରି ରଖିଥାଆନ୍ତୁ।

35 ମାତ୍ର ମୁଁ ନିଶ୍ଚିତ ଭାବରେ ଏହି ବ୍ୟବସାୟୀ ପୁରୁଷ ସହଭାଗୀତାର ଏକ—ଏକ ସମର୍ଥକ ଅଟେ। ଏବଂ ପ୍ରତ୍ୟେକ ସମ୍ମିଳନୀରେ ଯେଉଁଠାକୁ ମୋତେ ନିମନ୍ତ୍ରଣ କରାଯାଏ, ମୁଁ ସବୁବେଳେ ଯାଇ କଥା କହିଥାଏ, ତାହା ସବୁ କହିଥାଏ ଯାହା ମୁଁ କହିପାରେ। କେବଳ ଏପରି କିଛି କହିବାକୁ ଚେଷ୍ଟା କରେ ନାହିଁ, ଯାହାକି କାହାରିକୁ, *ଅମୁକ-ଓ-ଅମୁକ*କୁ ଖୁସି କରି ଦେବ। ମାତ୍ର ପ୍ରତ୍ୟେକ ଥର ଯେତେବେଳେ ମୁଁ ମୋର ସଭାକୁ ଯାଏ, ମୁଁ ଅଧ୍ୟୟନ କରିବାକୁ ଏବଂ ପ୍ରାର୍ଥନା କରିବାକୁ ଓ ଉପବାସ କରିବାକୁ ଚେଷ୍ଟା କରିଥାଏ, ଏବଂ କହିଥାଏ, "ପ୍ରଭୁ ଯୀଶୁ, ମୁଁ ଏପରି କଅଣ—କଅଣ କହିପାରିବି ଯାହାକି ସେହି ଲୋକମାନଙ୍କୁ ସାହାଯ୍ୟ କରିବ।"

36 ସମସ୍ତେ ଜାଣନ୍ତି ଯେ ମୁଁ ଜଣେ ପ୍ରଚାରକ ନୁହେଁ। ମୁଁ ଜଣେ ବକ୍ତା ନୁହେଁ। ମୁଁ—ମୁଁ ଜଣେ...କେହି ବି ତାହା ଜାଣନ୍ତି। ମୁଁ ଜଣେ ପ୍ରଚାରକ ନୁହେଁ। ମୋର—ମୋର ବାର୍ତ୍ତା ହେଉଛି ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା, ଏବଂ ସେହିପରି ପ୍ରଭୃତି କରିବା। ମାତ୍ର, ମୁଁ ଜଣେ ପ୍ରଚାରକ ନୁହେଁ। କେହି ବି ଯେଉଁମାନେକି ମୋତେ ପ୍ରଚାର କରୁଥିବାର ଶୁଣନ୍ତି, ତାହା ଜାଣିଥିବେ। ମାତ୍ର ମୁଁ ଯାହା କହିଥାଏ, ମୁଁ ସେଥିରେ ଏତେ ଜୋର ଦେଇଥାଏ ଯେ ତାହା କିଛି ଗୋଟାଏ କରିବ।

37 କେବଳ ଏହା କହିବା ହେତୁ ନୁହେଁ ଯେ, "କଅଣ ସେ ଜଣେ—ଜଣେ ଶକ୍ତିଶାଳୀ ବକ୍ତା ନୁହଁନ୍ତି କି? କଅଣ ସେ ତାଙ୍କର ବ୍ୟାକରଣକୁ ସଠିକ ଭାବରେ ବ୍ୟବହାର କରୁ ନାହାଁନ୍ତି କି? କଅଣ ସେ ପ୍ରଚାରମଞ୍ଚରେ ଅଦ୍ଭୁତ ନୁହଁନ୍ତି କି?" ମୁଁ ତାହା ଚାହେଁ ନାହିଁ। ମୁଁ—ମୁଁ ତାହା କରିପାରିବି ନାହିଁ। ପରମେଶ୍ୱର ମୋତେ କେବେବି ତାହା ପାଇଁ ଡାକି ନ ଥିଲେ।

38 ମାତ୍ର ମୁଁ ତ ଏପରି କିଛି ବିଷୟ ଖୋଜିବାକୁ ଚେଷ୍ଟା କରୁଛି ଯାହାକି ସେହି ବ୍ୟକ୍ତିଙ୍କୁ ସାହାଯ୍ୟ କରିବ, ଏବଂ ସେହି ମଣ୍ଡଳୀକୁ ଏକ ଉତ୍ତମ ମଣ୍ଡଳୀ ହେବାରେ ସାହାଯ୍ୟ କରିବ, ଏକ ଉତ୍ତମ ଲୋକ ହେବା ପାଇଁ ସାହାଯ୍ୟ କରିବ, ଏହା ଉପରେ ପ୍ରାର୍ଥନା କରିବାରେ ସାହାଯ୍ୟ କରିବ।

39 ତେବେ, ମୁଁ ଏହିପରି ଭାବରେ କଥାବାର୍ତ୍ତା କରୁଥିଲି କାରଣ ମୁଁ ଏବେ ସୁଦ୍ଧା ଅଳ୍ପ କେତେକ ଲୋକମାନଙ୍କୁ ଏକାଠି ହେଉଥିବାର ଦେଖିଲି, ଏବଂ ବର୍ଷା ହେଉଅଛି। ସେହି କାରଣରୁ ମୁଁ

ଏହିସବୁ କଥା କହୁଥିଲି । ତେବେ, ପନ୍ଦର ମିନିଟ୍ ପରେ ।

40 ଏବଂ ବର୍ତ୍ତମାନ ମୁଁ ଭାଇଙ୍କୁ ଧନ୍ୟବାଦ ଦେବାକୁ ଚାହେଁ । ମୁଁ ଭାଇ ଫୁଲରଙ୍କୁ ବହୁତ ଦିନରୁ ଜାଣିଅଛି, ତାଙ୍କୁ ସବୁବେଳେ ମୋ ହୃଦୟର ଗଭୀରତାରୁ, ପ୍ରେମ କରିଅଛି । ଏବଂ ଆମମାନଙ୍କ ମଧ୍ୟରେ ଅନେକ କିଛି ବିଷୟମାନ ସାର୍ବଜନିକ ଅଛି, ଭାଇ ଫୁଲର୍ । ଏବଂ ତେଣୁକରି ଆମେ…ମୁଁ ବର୍ତ୍ତମାନ ଭାଇ ଫୁଲରଙ୍କୁ ବହୁ ବର୍ଷ ଧରି ଦେଖିଅଛି, ଏବଂ ମୁଁ ତାଙ୍କୁ ପରମେଶ୍ୱରଙ୍କ ଜଣେ ପ୍ରକୃତ ଖାଣ୍ଟି ଲୋକ ବୋଲି ଜାଣିଅଛି, ଏବଂ ମୁଁ ତାଙ୍କୁ ଭଲ ପାଏ । ଏବଂ ମୁଁ ଆଜି ସକାଳେ ଏଠାରେ ସହଭାଗୀତା ପାଇଁ ଅଛି । ତେବେ ଦୁଃଖିତ ଯେ ମୁଁ ତାଙ୍କର ପ୍ରଚାର କରିଥିବା ରାତିକୁ ହରାଇଥିଲି ଯେତେବେଳେକି ଏହା ଏଠାରେ ବିଜ୍ଞାପନ ଦିଆ ଯାଇଥିଲା, କିନ୍ତୁ ଏହା ଏପରି କିଛି ଥିଲା ଯାହା ବିଷୟରେ ମୁଁ କିଛି କରିପାରି ନ ଥିଲି । ଏବଂ ମୁଁ ଆଜି ସକାଳେ ଏଠାରେ ଉପସ୍ଥିତ ହୋଇଥିବାରୁ, ତାଙ୍କ ମଣ୍ଡଳୀକୁ ସୁନ୍ଦର ଭାବରେ, ଦେଖିଥିବାରୁ ଆନନ୍ଦିତ ଅଟେ, ଯେ ପରମେଶ୍ୱର କିପରି ସେମାନଙ୍କୁ ସମୃଦ୍ଧ କରିଛନ୍ତି ଏବଂ ସେମାନଙ୍କୁ ଆଶୀର୍ବାଦ କରିଛନ୍ତି । ଏବଂ—ଏବଂ ସମସ୍ତକିଛି ବିଷୟ ଯାହା ସେ ତାଙ୍କ ପାଇଁ କରିଛନ୍ତି, ମୁଁ ନିଶ୍ଚିତ ଭାବରେ ତାହା ପ୍ରଶଂସା କରେ । ପରମେଶ୍ୱର ତାଙ୍କୁ ଆଶୀର୍ବାଦ କରିବା ଜାରି ରଖନ୍ତୁ, ଏବଂ ଏହି ଆରାଧନାଳୟକୁ, ଏବଂ—ଏବଂ ସେହି—ସେହି ଟ୍ରଷ୍ଟି ବୋର୍ଡଙ୍କୁ, ଦୀକନ୍‌ମାନଙ୍କୁ, ଏବଂ ମଣ୍ଡଳୀର ସମସ୍ତ ସଦସ୍ୟମାନଙ୍କୁ ଆଶୀର୍ବାଦ କରିବା ଜାରି ରଖନ୍ତୁ । ଏବଂ ଏହା ହେଉ ଯେ ଆପଣ ପ୍ରଭୁଙ୍କ ଅନୁଗ୍ରହରେ ବୃଦ୍ଧି ପାଆନ୍ତୁ ଏବଂ ସମୃଦ୍ଧ ହୁଅନ୍ତୁ, ତାହାହିଁ ମୋର ବିନମ୍ର ପ୍ରାର୍ଥନା ।

41 ତେବେ, ଆମେମାନେ ବାକ୍ୟ ନିକଟକୁ ଯିବା ପୂର୍ବରୁ, ଆସନ୍ତୁ ଆମେମାନେ ପ୍ରଥମେ, ଲେଖକଙ୍କ ନିକଟକୁ ଯିବା । ଆସନ୍ତୁ ଆମେମାନେ ପ୍ରାର୍ଥନାର ଅଳ୍ପ କ୍ଷଣ ପାଇଁ ନିଜର ମସ୍ତକଗୁଡିକୁ ନତ କରିବା ।

42 ଯେତେବେଳେକି ଆମେମାନେ ବର୍ତ୍ତମାନ ପରମେଶ୍ୱରଙ୍କ ପବିତ୍ର ଉପସ୍ଥିତିରେ, ନିଜର ମସ୍ତକ ଓ ହୃଦୟଗୁଡିକୁ ନତ କରି ବସିଅଛୁ, କଅଣ ଆପଣମାନଙ୍କ ହୃଦୟରେ ଏପରି କିଛି ଏକ ଅନୁରୋଧ ଅଛି କି, ଯାହାକି ଆପଣଙ୍କର କିଛି ଆବଶ୍ୟକତା ରହିଅଛି, ଏପରି କିଛି ଯାହା ପ୍ରଭୁ ଆପଣଙ୍କୁ ଦିଅନ୍ତୁ ବୋଲି ଆପଣ ଚାହୁଁଥାଆନ୍ତି, ଯେପରିକି ମୁଁ ଆଜି ସକାଳେ ଏଠାରେ ଗୀର୍ଜାରେ ଆପଣମାନଙ୍କୁ ମୋର ପ୍ରାର୍ଥନାରେ ସ୍ମରଣ କରିପାରେ? କଅଣ ଆପଣ କେବଳ ନିଜର ହାତକୁ ଉଠାଇ ଏହାକୁ ଜଣାଇବେ କି? ଏହାକୁ କେବଳ ନିଜ ମନରେ ରଖିଥାଆନ୍ତୁ, ଏହା ଯାହାକିଛି ବି ଅଟେ । ପ୍ରଭୁ ଆପଣ ସମସ୍ତଙ୍କୁ ଆପଣଙ୍କର ପ୍ରତ୍ୟେକ ଅନୁରୋଧକୁ ପ୍ରଦାନ କରନ୍ତୁ ।

43 ଦୟାଳୁ ଏବଂ ପବିତ୍ର ପିତା ପରମେଶ୍ୱର, ଯିଏକି ସମସ୍ତ କିଛି ବିଷୟକୁ ଖ୍ରୀଷ୍ଟ ଯୀଶୁଙ୍କ ଜରିଆରେ, ତାହାଙ୍କ ଗୌରବ ନିମନ୍ତେ ସୃଷ୍ଟି କରିଥିଲେ, ଆମେମାନେ ଆଜି ସକାଳେ ଆମ ହୃଦୟରେ ଧନ୍ୟବାଦ ଦେବା ସହ ତୁମର ଉପସ୍ଥିତିକୁ ଆସୁଅଛୁ । ଏବଂ ଯେତେବେଳେକି

ଆମେମାନେ ବର୍ଷାରେ ଗାଡି ଚଲାଇ ଆସିଅଛୁ, ଏବଂ ପବନ ପ୍ରବାହିତ ହେଉଅଛି, ବର୍ଷା ପଡୁଅଛି, ହେ ସ୍ୱର୍ଗସ୍ଥ ପିତା, ଆମେମାନେ ପ୍ରାର୍ଥନା କରୁଛୁ, ଯେ ତୁମେ ଆମ ଉପରେ ସ୍ୱର୍ଗର ବର୍ଷାକୁ ଢାଳି ଦେବ, ଆଜି ଆମମାନଙ୍କ ହୃଦୟରେ, ଏକତ୍ର, ସେହି ଆତ୍ମିକ ବୃଷ୍ଟିକୁ, ଶେଷ ବୃଷ୍ଟି ଓ ପ୍ରଥମ ବୃଷ୍ଟିକୁ ଢାଳି ଦେବ।

44 ପିତା, ଆମେମାନେ ପ୍ରାର୍ଥନା କରୁଛୁ ଯେ ତୁମେ ଏହି ମଣ୍ଡଳୀକୁ ଆଶୀର୍ବାଦ କରିବ। ଆମେମାନେ ଏଥିପାଇଁ, ଏଠାକାର ପାଳକଙ୍କ ପାଇଁ, ଏଠାକାର ମଣ୍ଡଳୀ ପାଇଁ ଅତ୍ୟଧିକ ଧନ୍ୟବାଦୀ ଅଟୁ; ଏପରି ଏକ...ସେହି ସ୍ଥାନ ନିମନ୍ତେ ଯେଉଁଠାରେକି ଲୋକମାନେ ସେମାନଙ୍କ ମୁଣ୍ଡ ଉପରେ ଏକ ଛାତ ଏବଂ ବସିବା ପାଇଁ ଏକ ସୁନ୍ଦର ଆରାମଦାୟକ ଆସନ ସହିତ ସାକ୍ଷାତ କରିପାରନ୍ତି।

45 ଆମେମାନେ ନିଜ ମନରେ ଏହି ପ୍ରାଥମିକ ମଣ୍ଡଳୀ, ଏହି ଆରମ୍ଭିକ, ପ୍ରେରିତିକ, କ୍ୟାଥୋଲିକ୍ ମଣ୍ଡଳୀର ଇତିହାସକୁ ଫେରିଯାଉ, ଏବଂ ଦେଖୁ ଯେ ସେମାନେ କିପରି ପରମେଶ୍ୱରଙ୍କ ବାକ୍ୟ ଶୁଣିବା ପାଇଁ, ପଥରର ଖଣ୍ଡ ଉପରେ କିମ୍ବା ଯାହାକିଛି ସମ୍ଭବ ତାହା ଉପରେ ବସି ରହିଥିଲେ, ଏବଂ ତାହାପରେ ଚଟାଣରେ ଆଣ୍ଠୁପାତ କରି ରହିଥିଲେ, ଏବଂ ଏହା ଥଣ୍ଡା, ଓ ପଥର ଏବଂ ମଇଳା ଥିଲା, ଏବଂ ସେଠାରେ ସେମାନଙ୍କର ହାତକୁ ସ୍ୱର୍ଗ ଆଡ଼େ ଉଠାଇ ପବିତ୍ରଆତ୍ମାଙ୍କ ଉପସ୍ଥିତିକୁ ଉପଭୋଗ କରିଥିଲେ। ସେମାନଙ୍କ ଜୀବନରେ ସେମାନଙ୍କୁ ଏପରି ଏକ ଦୃଢସଂକଳ୍ପ ଦିଅ ଯେ ସେମାନେ ଏକ ସିଂହ ଗୁମ୍ଫା ଭିତରକୁ ମଧ୍ୟ ଚାଲିଯିବେ, ଏପରିକି ପାଦଟିଏ ସୁଦ୍ଧା କଦାପି ଘୁଞ୍ଚିବେ ନାହିଁ, ମାତ୍ର ସ୍ୱର୍ଗ ଆଡ଼େ ଦୃଷ୍ଟି କରି ସେମାନଙ୍କ ମୁଖମଣ୍ଡଳରେ ହସ ରହିଥିବ, ଏହା ଜାଣି ଯେ, ଅଳ୍ପ କିଛି ମିନିଟରେ, ସେମାନେ ତାହାଙ୍କ ଉପସ୍ଥିତିରେ ଛିଡା ରହିବେ ଯାହାଙ୍କୁ ସେମାନେ ପ୍ରେମ କରନ୍ତି।

46 ଓଃ, ଆମ ପିତୃପୁରୁଷଙ୍କ ବିଶ୍ୱାସ, ଅନ୍ଧକାର, ଜ୍ୱଳନ୍ତ ଅଗ୍ନି ଏବଂ ଖଡ୍ଗ ସତ୍ତ୍ୱେ ବଞ୍ଚି ରହିଛି। ହେ ପ୍ରଭୁ, ଆମମାନଙ୍କ ମଧ୍ୟରେ, ଏହିପରି ବିଶ୍ୱାସକୁ ନୂତନୀକୃତ କର। ଆମକୁ ପବିତ୍ରଆତ୍ମାଙ୍କର ସେହି ମହାନ ପ୍ରେରିତିକ ଆଶୀର୍ବାଦ ପ୍ରଦାନ କର।

47 ଆଜି ପ୍ରତ୍ୟେକ ଜଣ ଯେଉଁମାନେକି ସେମାନଙ୍କର ହାତ ଉଠାଇ ଥିଲେ, ପ୍ରଭୁ, ତୁମେ ଜାଣ ଯେ ସେମାନଙ୍କର କଅଣ ପ୍ରୟୋଜନ ଅଛି। ତୁମେ ଜାଣିଛ ଯେ ସେହି ହାତ ପଛରେ କଅଣ ରହିଥିଲା, ସେହି ହୃଦୟରେ କେଉଁ ଉଦ୍ଦେଶ୍ୟ ଏବଂ ଧ୍ୟେୟ ରହିଥିଲା। ହେ ପ୍ରଭୁ, ତୁମେ ହିଁ ଏକାକୀ ସମସ୍ତ ଆବଶ୍ୟକତାକୁ ଯୋଗାଇପାର। ଏବଂ ମୁଁ ସେମାନଙ୍କ ପାଇଁ ପ୍ରାର୍ଥନା କରେ, ସେମାନଙ୍କର ଆବଶ୍ୟକତାକୁ ନ ଜାଣି, ମାତ୍ର ମୋର ପ୍ରାର୍ଥନାକୁ ସେମାନଙ୍କ ପାଇଁ ଏକ ନିବେଦନ ଭାବରେ ଅର୍ପଣ କରେ। ତୁମର ସେବକ ଭାବରେ, ମୁଁ ପ୍ରତ୍ୟେକ ଜଣଙ୍କ ପାଇଁ ନିଷ୍ଠାପରତା ସହିତ ପ୍ରାର୍ଥନା କରେ, ଯେ, ସେମାନେ ଯାହା ଯାହା ମାଗିଛନ୍ତି, ସେମାନେ ତାହା ପ୍ରାପ୍ତ କରନ୍ତୁ। ପିତା, ସେମାନଙ୍କୁ ଆଶୀର୍ବାଦ କର।

48 ଏବଂ ବର୍ତ୍ତମାନ ଯେତେବେଳେ ଆମେମାନେ ତୁମର ବାକ୍ୟ ମଧ୍ୟରୁ ପାଠ କରିବୁ,

ଏବଂ ଏହି ରବିବାର ଶିକ୍ଷାର ଶ୍ରେଣୀକୁ ଶିକ୍ଷାଦାନ ଦେବୁ, ଯେପରିକି ତାହା, ଆଜି ସକାଳେ ହୋଇଥିଲା, ପ୍ରଭୁ, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ଏହି ବାକ୍ୟଗୁଡ଼ିକୁ ନେବ ଏବଂ ସେଥିରୁ ସମସ୍ତ ଅବିଶ୍ୱାସକୁ ବାହାର କରି ଦେବ; ଯାହାକି, ଶୟତାନର କୌଣସି ବି ଶକ୍ତି ତାକୁ ଏକାଠି କରିବାକୁ ଚେଷ୍ଟା କରିଥାଏ, ଯେପରିକି ଏହାକୁ ବଢିବାରୁ ବାଧା ଦିଏ, ହେ ପ୍ରଭୁ, ଏହା ହେଉ ଯେ ଏହା ପ୍ରତ୍ୟେକ ହୃଦୟ ମଧ୍ୟକୁ ଚାଲି ଯାଉ, ଏବଂ ସେଠାରେ ଧାର୍ମିକତାର ଫଳ ଗଛରେ ପରିଣତ ହେଉ । ବିଶ୍ୱାସ, ତାହା ନେଇକରି ଆସୁ ଯାହା ତୁମେ ତୁମର ବାକ୍ୟକୁ ତାହା ସାଧନ କରିବା ନିମନ୍ତେ, ଏହା କହି ନିରୂପିତ କରିଅଛ, "ଏହା ମୋ ନିକଟକୁ ଶୂନ୍ୟରେ ଫେରି ଆସିବ ନାହିଁ, ମାତ୍ର ଯାହା ନିମନ୍ତେ ଉଦ୍ଦିଷ୍ଟ ତାହା ପୂରଣ କରିବ ।"

49 ତେବେ, ହେ ପ୍ରଭୁ, ତୁମ୍ଭର ଦାସକୁ ପବିତ୍ର କର । ତୁମର ବାକ୍ୟ ତ ଆଗରୁ ପବିତ୍ରୀକୃତ ହୋଇଅଛି । ଏବଂ, ଏକତ୍ର, ଆମେମାନେ ସେହି ମେଷପଲଙ୍କୁ ଖାଇବାକୁ ଦେବାରେ ସମର୍ଥ ହୋଇପାରୁ ଯାହାକୁ ଶିକ୍ଷାଦାନ ନିମନ୍ତେ—ନିମନ୍ତେ ପବିତ୍ରଆତ୍ମା ଆମକୁ ଦେଇଅଛନ୍ତି । ଆମେ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

50 ତେବେ, ଆପଣମାନଙ୍କ ପାଇଁ ଯେଉଁମାନେକି ସେହି—ସେହି ବାର୍ତ୍ତା ସହିତ, ପାଠ କରିବାକୁ ପସନ୍ଦ କରନ୍ତି, ମୁଁ...ମୁଁ ଆପଣମାନଙ୍କୁ ପଚାରେ, ଯଦି ଆପଣ ସେହି ପୁସ୍ତକରେ ଓଲଟାଇବେ । ଏବଂ ମୁଁ ଆଜି ସକାଳେ ଲୋକମାନଙ୍କ ପାଇଁ, ଏକ ପ୍ରକାର, ଛୋଟ ରବିବାର ଶ୍ରେଣୀର ବାର୍ତ୍ତା ନେଇକି ଆସିଛି ।

51 କଅଣ ଆପଣମାନେ ମୋତେ ଚାରିଆଡେ, ସବୁ ଜାଗାରେ, ଠିକ୍ ଭାବରେ ଶୁଣିପାରୁଛନ୍ତି କି? ମୁଁ ଏହି ମାଇକ୍ରୋଫୋନ୍‌କୁ ଉପରକୁ କରି ଦେଇଛି । ମୋ ଗଳା ଅଳ୍ପ ଟିକିଏ ଖରଖରାଉଅଛି । ମୁଁ, ଠିକ ଏଠାରେ ଓହ୍ଲାଇବା ମାତ୍ରେ, ମୋତେ ଫ୍ଲୁ ଜ୍ୱର ହୋଇଗଲା । ଶୟତାନ ମୋତେ ଏହି ସ୍ଥାନରୁ ଦୂରେଇ ରଖିବା ପାଇଁ ଯଥାସମ୍ଭବ ଚେଷ୍ଟା କରିଥିଲା । ମୁଁ ଜାଣେ ନାହିଁ । ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର ନିଶ୍ଚିତ ଭାବରେ ଏଥର ଏହି ସମ୍ମିଳନୀ ଉପରେ କିଛି ଗୋଟାଏ ମହାନ ବିଷୟକୁ ଢାଳିବେ, କାରଣ ଶୟତାନ ମୋତେ ଏଥିରୁ ଦୂରେଇ ରଖିବା ପାଇଁ ଯାହା ସମ୍ଭବ କରିପାରେ ତାହା କରିଛି ।

52 ମାତ୍ର ବର୍ତ୍ତମାନ ଆମେମାନେ ଆଦିପୁସ୍ତକ, ତାର 22 ତମ ପର୍ବରୁ ପାଠ କରିବାକୁ ଯାଉଛୁ । ଏବଂ ଆପଣମାନେ ଯେଉଁମାନେକି ନିଜର ବାଇବଲକୁ ଓଲଟାଇବେ, ଆସନ୍ତୁ ଆମେମାନେ ଏକାଠି, ଏହାର ଏକ ଅଂଶକୁ ପାଠ କରିବା । ଆଦିପୁସ୍ତକ 22, ଆସନ୍ତୁ ଆମେମାନେ ୨ମ ପଦରୁ ଆରମ୍ଭ କରିବା ।

> *ଆଉ ପରମେଶ୍ୱରଙ୍କ ନିରୂପିତ ସ୍ଥାନରେ ଉପସ୍ଥିତ ହୁଅନ୍ତେ; ଅବ୍ରହାମ ସେଠାରେ ଏକ ଯଜ୍ଞବେଦି ନିର୍ମାଣ କରି ତହିଁ ଉପରେ କାଠ ସଜାଡି, ଆପଣା ପୁତ୍ର ଇସ୍‌ହାକକୁ ବାନ୍ଧି, ବେଦିର କାଠ ଉପରେ ଶୁଆଇଲେ ।*

*ଅନନ୍ତର ଅବ୍ରହାମ ହସ୍ତ ବିସ୍ତାରି, ପୁତ୍ର କୁ ବଧ କରିବା ନିମନ୍ତେ ଛୁରିକୀ ଧରିଲେ ।*

*ଏପରି ସମୟରେ ଆକାଶରୁ **ସଦାପ୍ରଭୁ**ଙ୍କର ଦୂତ ତାଙ୍କୁ ଡାକି, କହିଲେ, ହେ ଅବ୍ରହାମ, ହେ ଅବ୍ରହାମ: ତହିଁରେ ସେ କହିଲେ, ଦେଖନ୍ତୁ ମୁଁ ଏଠାରେ ।*

*ତହିଁରେ ସେ କହିଲେ, ତୁମ୍ଭେ ସେହି ବାଳକର ପ୍ରତିକୂଳରେ ହସ୍ତ ବିସ୍ତାର କର ନାହିଁ, ଓ ତାହା ପ୍ରତି କିଛି କର ନାହିଁ: କାରଣ ପରମେଶ୍ୱରଙ୍କ ପ୍ରତି ତୁମ୍ଭର ଭୟ ଅଛି, ଏହା ଏବେ ଆମ୍ଭେ ବୁଝିଲୁ, ଯେହେତୁ ତୁମ୍ଭେ ଆମ୍ଭଙ୍କୁ* ଆପଣାର *ପୁତ୍ର, ଆପଣାର ଏକମାତ୍ର ପୁତ୍ର ଦେବାକୁ ହିଁ ଅସମ୍ମତ ନୋହିଲ ।*

*ସେତେବେଳେ ଅବ୍ରହାମ ଅନାଇ,* ଆପଣା *ପଛଆଡ଼ ବୁଦାର* ଲତାରେ *ବଦ୍ଧ ଶୃଙ୍ଗ ଗୋଟିଏ ମେଷ, ଦେଖିଲେ,* କିମ୍ବା *ବଦ୍ଧ ଶୃଙ୍ଗ ଗୋଟିଏ ମେଷ ଦେଖିଲେ,* ବରଂ: *ତହିଁରେ ଅବ୍ରହାମ ଯାଇ ସେହି ମେଷକୁ ଆଣି, ଆପଣା ପୁତ୍ର ବଦଳେ ତାକୁ ହୋମ-ନିମନ୍ତେ ଉତ୍ସର୍ଗ କଲେ…ତାକୁ ଉତ୍ସର୍ଗ କଲେ ।*

*ପୁଣି ଅବ୍ରହାମ ସେହି ସ୍ଥାନର ନାମ ଯିହୋବା-ଯିରି ରଖିଲେ: ଏଣୁକରି ଆଜିଯାଏ ଲୋକେ କହନ୍ତି, ପରବତରେ **ସଦାପ୍ରଭୁ** ଯୋଗାଇବେ ।*

*ଆଉ **ସଦାପ୍ରଭୁ**ଙ୍କ ଦୂତ ଦ୍ୱିତୀୟ ଥର ଆକାଶରୁ ଅବ୍ରହାମଙ୍କୁ ଡାକି କହିଲେ,*

***ସଦାପ୍ରଭୁ** କହୁଅଛନ୍ତି, ତୁମ୍ଭେ ଆମ୍ଭଙ୍କୁ ଆପଣାର ପୁତ୍ର, ଆପଣାର ଏକମାତ୍ର ପୁତ୍ର ଦେବାକୁ ଅସମ୍ମତ ନୋହିଲ,… ତୁମ୍ଭର ଏହି କର୍ମ ସକାଶୁ, ଆମ୍ଭେ ଆପଣା ନାମରେ, ଶପଥ କରି କହୁଅଛୁ:*

*ଆମ୍ଭେ ତୁମ୍ଭକୁ ଅବଶ୍ୟ ଆଶୀର୍ବାଦ କରି, ଆକାଶସ୍ଥ…ତାରାଗଣ, ଓ ସମୁଦ୍ରର…*ବାଲି *ପରି ତୁମ୍ଭର ବଂଶ ଅତିଶୟ ବୃଦ୍ଧି କରିବା; ତୁମ୍ଭର ବଂଶ ଶତ୍ରୁଗଣର ନଗରଦ୍ୱାର ଅଧିକାର କରିବେ ।*

53 ମୁଁ ସେଠାରେ ଏକ ପାଠ ନିମନ୍ତେ ସେହି ଶେଷ ବାକ୍ୟାଂଶକୁ ନେବାକୁ ଚାହେଁ: *ତୁମ୍ଭର ବଂଶ ଶତ୍ରୁଗଣର ନଗରଦ୍ୱାର ଅଧିକାର କରିବେ ।* ତାହା ଏକ—ଏକ ଅଦ୍ଭୁତ ପ୍ରତିଜ୍ଞା ଅଟେ ।

54 ତେବେ, ଆମେମାନେ ସମସ୍ତେ ଏହି କାହାଣୀ ସହିତ ପରିଚିତ, ବୋଧହୁଏ ଏହାକୁ ବାରମ୍ବାର, ସମୟ ପରେ ସମୟ, ପଢ଼ିଥିବୁ, ଅବ୍ରହାମଙ୍କ ବିଷୟରେ, ଏବଂ ପରମେଶ୍ୱର ତାଙ୍କୁ କିପରି ତାଙ୍କ ଦେଶରୁ ଡାକିଥିଲେ, ଏବଂ କିପରି ଯେ ସେ ଜଣେ ସାଧାରଣ ଲୋକ ଥିଲେ, କୌଣସି କିଛି ବିଶେଷ ନୁହେଁ । ମାତ୍ର ପରମେଶ୍ୱର ତାଙ୍କୁ ଡାକିଥିଲେ ଏବଂ ଏକ ପ୍ରତିଜ୍ଞା କରିଥିଲେ ।

55 ବର୍ତ୍ତମାନ, ମୁଁ ଚାହେଁ ଯେ ଆପଣ ଏହା ଧ୍ୟାନ ଦିଅନ୍ତୁ ଯେ ପରମେଶ୍ୱର ଅବ୍ରହାମଙ୍କୁ ଯାହା ପ୍ରତିଜ୍ଞା କରିଥିଲେ ତାହା କେବଳ ଅବ୍ରହାମଙ୍କ ପାଇଁ ନ ଥିଲା, ବରଂ ତାଙ୍କ ପରେ ଏହା

ତାଙ୍କର ବଂଶ ପାଇଁ ଥିଲା । ବର୍ତ୍ତମାନ, ଅନେକ ଲୋକ କୁହନ୍ତି, "ଓଃ, ଯଦି ମୁଁ ଅବ୍ରହାମଙ୍କ ପରି ହୋଇଥାଆନ୍ତି, ଯଦି ମୁଁ ସେଠାରେ ରହିଥାଆନ୍ତି ଯେଉଁଠାରେକି ପରମେଶ୍ୱର ମୋ ସହିତ କଥାବାର୍ତ୍ତା କରିଥାନ୍ତେ ଏବଂ—ଏବଂ ମୋତେ ଆଶ୍ୱାସନ ଦେଇଥାନ୍ତେ ଯେପରିକି ସେ ଅବ୍ରହାମଙ୍କ ସହିତ କରିଥିଲେ, ତାହାହେଲେ ମୁଁ କରିଥାଆନ୍ତି, ମୋର—ମୋର ବି ପ୍ରକୃତରେ ବିଶ୍ୱାସ ରହିଥାଆନ୍ତା, ଭାଇ ବ୍ରାନହାମ୍, ଯଦି ମୋର ରହିଥାଆନ୍ତା, ଯଦି ପରମେଶ୍ୱର ମୋ ସହିତ ସେହିପରି ଭାବରେ କଥା ହୋଇଥାଆନ୍ତେ ଯେପରିକି ସେ ଅବ୍ରହାମଙ୍କ ସହିତ କରିଥିଲେ ।" ମାତ୍ର ଆପଣଙ୍କ ପାଖରେ ତ ସେହି ସମାନ ପ୍ରତିଜ୍ଞା ଅଛି ଯାହା ଅବ୍ରହାମଙ୍କ ପାଖରେ ରହିଥିଲା, ଅର୍ଥାତ୍, ଯଦି ଆପଣ ଅବ୍ରହାମଙ୍କ ବଂଶ ଅଟନ୍ତି ।

56 ତାହାପରେ ଆପଣ କୁହନ୍ତି, "ମାତ୍ର, ଭାଇ ବ୍ରାନହାମ୍, ମୁଁ ଜଣେ ବିଜାତୀୟ ଅଟେ । ମୋ ପାଖରେ ଅବ୍ରହାମଙ୍କ ବଂଶ ରହିପାରିବ ନାହିଁ ।"

57 ଅବ୍ରହାମଙ୍କ ବଂଶ ପ୍ରାକୃତିକ ବଂଶ ନ ଥିଲା । ଏହା ତ ଆତ୍ମିକ ବଂଶ ଥିଲା, କାରଣ ତାହାର ସୁନ୍ନତ ବିଷୟ କିଛି ହିଁ ନ ଥିଲା । ସେହି ପ୍ରତିଜ୍ଞା, ସେ ତ ଏହାକୁ ଏପରିକି ସୁନ୍ନତ ହେବା ପୂର୍ବରୁ ତାଙ୍କୁ ଦେଇଥିଲେ । ମାତ୍ର ଏହା ତ ସୁନ୍ନତ ହେବା ପୂର୍ବରୁ ତାଙ୍କୁ ଦିଆଯାଇଥିଲା, ଏବଂ ତାହା ଏଇଥି ପାଇଁ ନ ଥିଲା କାରଣ ସେ ସୁନ୍ନତ ହୋଇଥିଲେ ଏବଂ ପରମେଶ୍ୱରଙ୍କ ସହିତ ସେହି ପ୍ରକାରେ ନିୟମରେ ଥିଲେ । ଏଇଥି ପାଇଁ ଥିଲା ଯେହେତୁ ଅବ୍ରହାମ ପରମେଶ୍ୱରଙ୍କୁ ବିଶ୍ୱାସ କରିଥିଲେ ।

58 ଏବଂ ଶାସ୍ତ୍ର କୁହେ, ଯେ, "ଯେତେବେଳେ ଆମେମାନେ ଖ୍ରୀଷ୍ଟଙ୍କଠାରେ ମୃତ ଅଟୁ, ଆମେମାନେ ଅବ୍ରହାମଙ୍କ ବଂଶ ହୋଇଯାଉ ।" ପାଉଲ ଏହା ବିଷୟରେ କୁହନ୍ତି, "ଏବଂ ସେ ଯିଏକି ଯିହୂଦୀ ଅଟେ ବାହ୍ୟରୂପେ ଯିହୂଦୀ ନୁହେଁ, ମାତ୍ର ଅନ୍ତରରେ ଯିହୂଦୀ ଅଟେ ।" ଅତଏବ, ଯଦି ଆପଣ ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଜନ୍ମ ହୋଇଛନ୍ତି, "ତାହାହେଲେ ଆପଣ ଅବ୍ରହାମଙ୍କ ବଂଶ ଅଟନ୍ତି, ଏବଂ ପ୍ରତିଜ୍ଞା ଅନୁଯାୟୀ ଅବ୍ରହାମଙ୍କ ସହିତ ଉତ୍ତରାଧିକାରୀ ଅଟନ୍ତି ।" ବୁଝିଲେ? ତେଣୁକରି ପ୍ରତ୍ୟେକ ପ୍ରତିଜ୍ଞା ଯାହା ପରମେଶ୍ୱର ଅବ୍ରହାମଙ୍କୁ ଦେଇଥିଲେ ତାହା ଆପଣଙ୍କର ଅଟେ, କାରଣ ଆତ୍ମିକ ଭାବରେ ଆପଣ ଅବ୍ରହାମଙ୍କ ବଂଶ ଅଟନ୍ତି ।

59 ଏବଂ ଆପଣ ତାହା ଅପେକ୍ଷା ଅଧିକ ଯିହୁଦୀ ଅଟନ୍ତି ଯେତେବେଳେକି ଆପଣ ସେତେବେଳେ ଥିଲେ ଯଦି ଆପଣ ଯିହୁଦୀ ରକ୍ତରେ ଜନ୍ମ ହୋଇଥାନ୍ତି, ଏବଂ ତାହାପରେ—ଏବଂ ତାହାପରେ ସେହି ମଣ୍ଡଳୀରେ ଜଣେ ପାରମ୍ପରିକ ଯିହୁଦୀ ହୁଅନ୍ତି, ଏବଂ ଏହି ବହୁମୂଲ୍ୟ ପବିତ୍ରଆତ୍ମା ଏବଂ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଅସ୍ୱୀକାର କରିବା ଲୋକ ହୁଅନ୍ତି । ବୁଝିଲେ? ଆପଣ ବହୁତ ଅଧିକ ଜଣେ ଯିହୂଦୀ ଅଟନ୍ତି, କାରଣ ଆପଣ ଏପରି ଜଣେ ଯିହୂଦୀ ଅଟନ୍ତି ଯିଏକି ସ୍ୱର୍ଗରୁ ଆସିଥିବା ପ୍ରତିଜ୍ଞାରୁ ଜନ୍ମ ହୋଇଥାନ୍ତି, ଯାହା ପରମେଶ୍ୱର ଅବ୍ରହାମଙ୍କୁ ଦେଇଥିଲେ, ଏବଂ ଅବ୍ରହାମ ଏହାକୁ ବିଶ୍ୱାସ ଦ୍ୱାରା ଗ୍ରହଣ କରିଥିଲେ, ଏବଂ ତାହାହିଁ ଥିଲା ଯାହାକି ତାଙ୍କୁ ଏପରି କରିଥିଲା ଯାହାକି ସେ ଥିଲେ । ଅବଶେଷରେ, ଜଣେ ଯିହୁଦୀ କେବଳ ପୃଥକୀକରଣ

ଅଟେ, ଏବଂ ଅତିକ୍ରମ କରିଥିବା, ଏବ୍ରୀ, ଏବଂ ସେହିପରି ପ୍ରଭୃତି ଅଟେ।

60 ତେବେ, ମାତ୍ର ଯେତେବେଳେ ଆପଣ ନିଜକୁ ଜଗତର ବିଷୟବସ୍ତୁଠାରୁ ପୃଥକ କରି ନେଇଥାନ୍ତି, ସେହି ପୃଥକୀକରଣର ରେଖାକୁ ଅତିକ୍ରମ କରି ଯାଇଥାନ୍ତି, ଏବଂ ଏକ ବିଦେଶୀ ଦେଶରେ ପ୍ରବାସ କରୁଥାନ୍ତି, ଏପରି ଏକ ଦେଶ ଯେଉଁଥିରେକି ଆପଣ ଆରମ୍ଭରୁ କେବେବି, ରହି ନ ଥିଲେ, ଏପରି ଏକ ଲୋକ ଯାହାଙ୍କ ସହିତ ଆପଣ ଆରମ୍ଭରୁ କେବେବି ଜଡିତ ହୋଇ ନ ଥିଲେ, ସେତେବେଳେ ଯାଇ ଆପଣ ଜଣେ ଆତ୍ମିକ ଯିହୁଦୀ ହୋଇଯାଆନ୍ତି। କାରଣ, ଠିକ ସେହି ସମାନ ଭାବରେ ଅବ୍ରହାମ, ଯେପରିକି ବିଶ୍ୱାସ ଦ୍ୱାରା, ନିଜ ଦେଶକୁ ପରିତ୍ୟାଗ କରିଥିଲେ, ନିଜର ଲୋକମାନଙ୍କୁ ପରିତ୍ୟାଗ କରି, ବିଦେଶୀ ଲୋକମାନଙ୍କ ସହିତ ଏକ ବିଦେଶୀ ଦେଶକୁ ଯାଇଥିଲେ, ସେହିପରି ଆପଣମାନେ ନିଜର ଲୋକମାନଙ୍କୁ ଛାଡିଅଛନ୍ତି, ଜଗତକୁ ପଛରେ ପରିତ୍ୟାଗ କରିଅଛନ୍ତି, ନିଜର ସହଯୋଗୀମାନଙ୍କୁ ଛାଡି ଅଛନ୍ତି, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଦେଇ, ପାର ହୋଇଅଛନ୍ତି, ଓ ପ୍ରବାସୀ ଅଟନ୍ତି, ଆଉ ଅବ୍ରହାମଙ୍କ ପରି, ଏକ ନଗରକୁ ଅନ୍ୱେଷଣ କରୁଛନ୍ତି, ଯାହାର ନିର୍ମାଣକାରୀ ଏବଂ ନିର୍ମାତା ପରମେଶ୍ୱର ଅଟନ୍ତି। ତାହାଙ୍କ ସହିତ, ତୀର୍ଥଯାତ୍ରୀ ହୋଇ, ତମ୍ବୁରେ ବାସ କରୁଅଛନ୍ତି, ମଣ୍ଡଳୀଗୁଡିକ, ସ୍ୱର୍ଗରାଜ୍ୟର ସହନାଗରିକ, ଭାବେ ଯୀଶୁ ଖ୍ରୀଷ୍ଟଙ୍କ ଦେଇ ସମସ୍ତ ଜିନିଷର ଉତ୍ତରାଧିକାରୀ ଅଟନ୍ତି। ବୁଝିଲେ? ଆମେମାନେ ପୃଥକ ହୋଇ, ଅତିକ୍ରମ କରିଅଛୁ।

61 ତେବେ, ଅବ୍ରହାମ, ସେହି ପ୍ରତିଜ୍ଞାଟି ଅବ୍ରହାମକୁ ଏବଂ ତାଙ୍କ ପରେ ତାଙ୍କ ବଂଶକୁ କରାଯାଇଅଛି। ତେବେ, ପରମେଶ୍ୱର ଅବ୍ରହାମଙ୍କୁ, ତାଙ୍କର ବଂଶ ବିଷୟରେ ଏହି ପ୍ରତିଜ୍ଞାକୁ ଦିଅନ୍ତି, ଯେ ସେ ଅବ୍ରହାମଙ୍କୁ ପରୀକ୍ଷା କରିବା ପରେ, ଅବ୍ରହାମ ପରୀକ୍ଷା ଦେଇ ଯିବା ପରେ, ନିଜ ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବେ। ତେବେ, ସେହି ପରୀକ୍ଷା ଆସିବା ପରେ, ତାହାପରେ...

62 ଅବ୍ରହାମ ତ ଆଗରୁ ପରିବର୍ତ୍ତିତ ହୋଇସାରିଥିଲେ, ଆମେ ଏହାକୁ କହିବା, ପ୍ରତିମାପୂଜାଠାରୁ ପରମେଶ୍ୱରଙ୍କ ଆଡକୁ। ଏବଂ ତାହାପରେ ପରମେଶ୍ୱର ତାଙ୍କୁ ପବିତ୍ରଆତ୍ମାଙ୍କ ଚିହ୍ନ ସ୍ୱରୂପେ, ସେହି ସୁନ୍ନତବିଧିକୁ ଦେଇଥିଲେ। ତାହାପରେ, ସୁନ୍ନତ ହେବା ପରେ, ତେବେ ସେହିପରୀକ୍ଷାର ସମୟ ଆସିଲା।

63 ମଣ୍ଡଳୀର ଏଠାରେ ଏକ ବହୁତ ସୁନ୍ଦର ପ୍ରତିଚିତ୍ରଣ, ଯେ, ଆମେମାନେ ଉଦ୍ଧାର କରାଯାଇସାରିବା ପରେ, ତାହାପରେ ଆମମାନଙ୍କୁ ପ୍ରତିଜ୍ଞା କରାଯାଇଥିବା ସେହି ସୁନ୍ନତର ମୁଦ୍ରାଙ୍କ ଦିଆ ଯାଇଥାଏ, ଯାହାକି ଶରୀରର ନୁହେଁ, ବରଂ ଆତ୍ମାର ଅଟେ। ଏବଂ ପବିତ୍ରଆତ୍ମା ଆମର ସୁନ୍ନତ ଚିହ୍ନ ଅଟନ୍ତି। ଏହା ପରମେଶ୍ୱରଙ୍କର ତୀକ୍ଷ୍ଣ ଛୁରି ଅଟେ। ଏହା ଆମଠାରୁ, ଜଗତର ଅତିରିକ୍ତ ମାଂସକୁ, କାଟି ପୃଥକ କରିପକାଏ। ପରମେଶ୍ୱରଙ୍କ ବାକ୍ୟ, ଏକ ଦ୍ୱି-ଧାର ଖଣ୍ଡଠାରୁ ତୀକ୍ଷ୍ଣତର! ତେଣୁକରି, ଆପଣ ଦେଖନ୍ତୁ, ପୁନର୍ବାର ଫେରି ଆସେ ଯେ, ପରମେଶ୍ୱରଙ୍କ ବାକ୍ୟ ହେଉଛି ସେହି ବିଷୟ ଯାହା ପବିତ୍ରଆତ୍ମା ବ୍ୟବହାର କରନ୍ତି; ଧର୍ମମତ

ନୁହେଁ, ନାମଧାରୀ ସଂସ୍ଥା ନୁହେଁ। ମାତ୍ର ବାକ୍ୟ ତ ତାହା ଅଟେ ଯାହାକି ଆମକୁ ଜଗତର ବିଷୟବସ୍ତୁଠାରୁ ପୃଥକ କରେ। ଏହା ଆମର ଧାରଣା ଏବଂ ଜିନିଷଗୁଡ଼ିକୁ କାଟି ପକାଏ, ଏବଂ ଆମକୁ ସମ୍ପୂର୍ଣ୍ଣଭାବେ ପରମେଶ୍ୱରଙ୍କ ନିକଟରେ ସମର୍ପିତ କରେ।

64 ଯୀଶୁ କହିଲେ, "ଯଦି ତୁମେ ମୋ ଠାରେ ରୁହ, ଏବଂ ମୋହର ବାକ୍ୟ ତୁମଠାରେ ରୁହେ।" ସେଠାରେ ଆପଣମାନେ ଅଛନ୍ତି। ତେବେ, ଏହା ଆପଣଙ୍କର ବାକ୍ୟ ନୁହେଁ। ଏହା ତାହାଙ୍କର ବାକ୍ୟ ଅଟେ। ତେବେ, ଆପଣ ଦେଖନ୍ତୁ, "ଯଦି ତୁମେ ମୋ ଠାରେ ରୁହ, ଏବଂ ମୋହର ବାକ୍ୟ ତୁମଠାରେ, ତାହାହେଲେ ତୁମର ଯାହା ଇଚ୍ଛା ତୁମେ ତାହା ମାଗିପାରିବ।" ଉଃ-ହୁଃ। ବୁଝିଲେ? ଏହା କଅଣ ଅଟେ, ଆପଣ ସ୍ୱୟଂ ନିଜର ଶବ୍ଦ କହୁ ନାହାଁନ୍ତି। ଆପଣ ତ ତାହାଙ୍କର ବାକ୍ୟ କହୁଅଛନ୍ତି।

65 ତେଣୁକରି ତେବେ ପବିତ୍ରଆତ୍ମା ହିଁ ସେହି ଜଣକା ଅଟନ୍ତି ଯିଏକି ପରମେଶ୍ୱରଙ୍କ ବାକ୍ୟକୁ ନିଅନ୍ତି ଏବଂ ଆମକୁ ଜଗତର ଏହି ବିଷୟବସ୍ତୁଠାରୁ ପୃଥକ କରନ୍ତି, ଦେଖନ୍ତୁ, ସୁନ୍ନତବିଧି, କାଟି ଦିଅନ୍ତି। ତାହାପରେ ଆପଣ ଏକ ପରୀକ୍ଷାର ସମୟ ଦେଇ ଗତି କରନ୍ତି।

66 ବର୍ତ୍ତମାନ, ଅବ୍ରହାମ, ତାଙ୍କୁ କଲଦୀୟମାନଙ୍କ ଦେଶ, ଉର ସହରରୁ, ଡକାଯିବା ପରେ, ସେ ଜଣେ ତୀର୍ଥଯାତ୍ରୀ, ପ୍ରବାସୀ ହୋଇଗଲେ। ଏବଂ ତାହାପରେ ପରମେଶ୍ୱର ତାଙ୍କୁ ଡାକିଲେ, ସେ ଏହା ପ୍ରମାଣିତ କରାଯିବା ପରେ ଯେ ସେ ଆଗକୁ ଯାଇ ପରମେଶ୍ୱରଙ୍କୁ ତାହାଙ୍କର ବାକ୍ୟରେ ଗ୍ରହଣ କରିବାକୁ ଯାଉଅଛନ୍ତି। ତାହାପରେ, ତେବେ ପରମେଶ୍ୱର ଯାହା କଲେ, ତାହା ହେଲା ତାଙ୍କୁ ଏକ ଚିହ୍ନ ଦେଲେ, ଯେ ସେ ତାଙ୍କୁ ଗ୍ରହଣ କରି ନେଇଛନ୍ତି, ଏବଂ ସେ ତାଙ୍କୁ ସୁନ୍ନତ କଲେ। ଏବଂ ସେ ଇଶ୍ମାୟେଲ ଓ ତାଙ୍କର ସମସ୍ତ ପରିବାରକୁ ସୁନ୍ନତ କଲେ।

67 ଏବଂ ତେବେ ଆପଣମାନେ ଦେଖନ୍ତୁ, ଯେତେବେଳେ—ଯେତେବେଳେ ଆପଣଙ୍କୁ ଡକା ଯାଇଥାଏ, ପ୍ରଥମେ ଆପଣ ଏକ ପରୀକ୍ଷା ଦେଇ ଯାଆନ୍ତି, ଏହା ଦେଖିବା ହେତୁ ଯେ କଅଣ ଆପଣ ପ୍ରକୃତରେ ଆଗକୁ ବଢିବାକୁ ଯାଉଛନ୍ତି କି ନାହିଁ। ଆଉ ତାହାପରେ ପରମେଶ୍ୱର ଆପଣଙ୍କୁ ପବିତ୍ରଆତ୍ମା ପ୍ରଦାନ କରନ୍ତି, ଯାହାକି ତାର ଚିହ୍ନ ଅଟେ ଯେ ସେ ଆପଣଙ୍କର ବିଶ୍ୱାସକୁ ଗ୍ରହଣ କରି ନେଇଛନ୍ତି ଯାହାକି ଆପଣଙ୍କର ତାହାଙ୍କଠାରେ ଅଛି ବୋଲି କୁହନ୍ତି। କଅଣ ଆପଣମାନେ ବର୍ତ୍ତମାନ ମୋତେ ବୁଝି ପାରୁଛନ୍ତି କି? ସେ ଏହାକୁ ଗ୍ରହଣ କରିବାକୁ ଯାଉଛନ୍ତି।

68 ତେବେ, ମୁଁ କଥା ହେଉଥିଲି…ଏଠାରେ କେତେକ ମୂଲ୍ୟବାନ ବାପ୍ଟିଷ୍ଟ ଭାଇମାନେ ବସି ଥାଇପାରନ୍ତି। ଏବଂ ସମସ୍ତେ ଜାଣନ୍ତି ଯେ ମୁଁ ଏକ ବାପ୍ଟିଷ୍ଟ ମଣ୍ଡଳୀରୁ ଆସିଛି। ମୁଁ ମୋର ବାପ୍ଟିଷ୍ଟ ଭାଇ ସହିତ କଥା ହେଉଥିଲି। ଏବଂ ସେ ମୋତେ କହିଲେ, "ଭାଇ ବ୍ରାନହାମ୍?" ସେ ଈଶ୍ୱରୀୟ ତତ୍ତ୍ୱବିଦ୍‌ରେ ଡାକ୍ତର ଉପାଧିପ୍ରାପ୍ତ ଥିଲେ, ଜଣେ ଅତି ଉତ୍ତମ ବ୍ୟକ୍ତି, ପ୍ରକୃତ ଖ୍ରୀଷ୍ଟିଆନ। ସେ କହିଲେ, "ମାତ୍ର, ଭାଇ ବ୍ରାନହାମ୍, ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଯେ ଖ୍ରୀଷ୍ଟ ଯୀଶୁଙ୍କଠାରେ ବିଶ୍ୱାସଠାରୁ କିଛି ଭିନ୍ନ ଅଟେ ତାହା ଆପଣ କେଉଁଠାରୁ ପାଇଲେ?"

ମୁଁ କହିଲି, "ଏହା ଅଲଗା ଅଟେ, ମୋର ମୂଲ୍ୟବାନ ଭାଇ।"

69 ସେ କହିଲେ, "କଅଣ ଆପଣ ଭାବୁ ନାହାଁନ୍ତି ଯେ ଯେତେବେଳେ ଆପଣ ଖ୍ରୀଷ୍ଟଙ୍କୁ ଗ୍ରହଣ କରନ୍ତି, ସେତେବେଳେ ଆପଣ ପବିତ୍ରଆତ୍ମାଙ୍କୁ ଗ୍ରହଣ କରନ୍ତି?"

70 ମୁଁ କହିଲି, "ସଠିକ୍ ଭାବରେ। ମାତ୍ର," ମୁଁ କହିଲି, "ଆପଣ ଦେଖନ୍ତୁ, ଆପଣ ସେପର୍ଯ୍ୟନ୍ତ କେବଳ କହୁଅଛନ୍ତି ଯେ ଆପଣ ଖ୍ରୀଷ୍ଟଙ୍କୁ ଗ୍ରହଣ କରିଅଛନ୍ତି, ଯେପର୍ଯ୍ୟନ୍ତକି ସେ ଏହାକୁ ଚିହ୍ନିତ ନ କରି ଦିଅନ୍ତି।"

71 ସେ କହିଲେ, "ଭାଇ ବ୍ରାନହାମ୍, ଅବ୍ରହାମ ପରମେଶ୍ୱରଙ୍କୁ ବିଶ୍ୱାସ କଲେ, ଏବଂ ଏହା ତାଙ୍କ ପାଇଁ ଧାର୍ମିକତା ବୋଲି ଗଣନା କରାଯାଇଥିଲା।

72 ମୁଁ କହିଲି, "ହଁ। ମାତ୍ର ପରମେଶ୍ୱର ତାଙ୍କୁ ଏକ ଚିହ୍ନ ଦେଇଥିଲେ, ଯେ ସେ ତାଙ୍କ ବିଶ୍ୱାସକୁ ଗ୍ରହଣ କରିଅଛନ୍ତି, ଯେତେବେଳେ ସେ ତାଙ୍କୁ ସୁନ୍ନତର ମୁଦ୍ରାଙ୍କ ଦେଲେ, ଯେ ସେ ତାଙ୍କ ବିଶ୍ୱାସକୁ ଚିହ୍ନିତ କରିଅଛନ୍ତି।" ଆମେନ୍।

73 ବର୍ତ୍ତମାନ, ଯେତେବେଳେ ଆମେ ଖ୍ରୀଷ୍ଟଙ୍କୁ ଆମର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରୁ, ସେତେବେଳେ, ଯଦି ଆମେମାନେ ସେଥିରେ ନିଷ୍ଠାବାନ ରହୁ, ତାହାହେଲେ ପରମେଶ୍ୱର ଆମକୁ, ସୁନ୍ନତର ସେହି ମୁଦ୍ରାଙ୍କ ଯାହାକି ପବିତ୍ରଆତ୍ମା ଅଟେ, ପ୍ରଦାନ କରିବା ଦ୍ୱାରା ଏକ ଚିହ୍ନ ଦିଅନ୍ତି, ଯେ ସେ ଖ୍ରୀଷ୍ଟଙ୍କଠାରେ ଆମର ବିଶ୍ୱାସକୁ ଗ୍ରହଣ କରି ନେଇଛନ୍ତି। ତାହାହିଁ ହେଉଛି ସେହି ସୁନ୍ନତର ମୁଦ୍ରାଙ୍କ। "ପରମେଶ୍ୱରଙ୍କ ପବିତ୍ରଆତ୍ମାକୁ ଦୁଃଖିତ କର ନାହିଁ ଯାହା ଦ୍ୱାରା ତୁମେ ମୁକ୍ତିର ଦିବସ ନିମନ୍ତେ ମୁଦ୍ରାଙ୍କିତ ହୋଇଅଛ।" ପରବର୍ତ୍ତୀ ସଭା ନିମନ୍ତେ ନୁହେଁ; ବରଂ ଆପଣଙ୍କର ମୁକ୍ତିର ଦିବସ ନିମନ୍ତେ। ତାହା ଠିକ୍, ଏଫିସୀୟ 4:30। ତେବେ, ସେହି ପ୍ରକାରେ ହିଁ ଆମେ ପବିତ୍ରଆତ୍ମାକୁ ଗ୍ରହଣ କରିଥାଉ।

74 ତେବେ, ଯଦି ଆପଣ କୁହନ୍ତି, "ଓଃ, ମୁଁ ଜଣେ ବିଶ୍ୱାସୀ ଅଟେ," ଏବଂ ପରମେଶ୍ୱର ଆପଣଙ୍କୁ କଦାପି ଏଯାଏଁ ପବିତ୍ରଆତ୍ମା ଦେଇ ନାହାଁନ୍ତି, ତାହାହେଲେ ସେ ଏହାକୁ କେବେବି ଚିହ୍ନିତ କରିନାହାଁନ୍ତି। ଆପଣ କେବଳ ସ୍ୱୀକାର କରୁଛନ୍ତି ଯେ ଆପଣ ବିଶ୍ୱାସ କରନ୍ତି। ମାତ୍ର ଯେତେବେଳେ ସମସ୍ତ ସନ୍ଦେହ...ମୁଁ ଏହା କହୁ ନାହିଁ ଯେ ଆପଣ ବର୍ତ୍ତମାନ ଜଣେ ବିଶ୍ୱାସୀ ନୁହଁନ୍ତି। ଏକ ନିର୍ଦ୍ଦିଷ୍ଟ ଅଂଶରେ, ଆପଣ ଜଣେ ବିଶ୍ୱାସୀ ଅଟନ୍ତି।

75 ମାତ୍ର ଯେତେବେଳେ ପରମେଶ୍ୱର ଅନୁଗ୍ରହ ପାଇଥାଆନ୍ତି, ବରଂ, ଆପଣ ତାହାଙ୍କଠାରେ ଅନୁଗ୍ରହ ପାଇଥାଆନ୍ତି, ଏବଂ ସେ ଆପଣଙ୍କୁ ତାହାଙ୍କର ସନ୍ତାନ ବୋଲି ଚିହ୍ନିତ କରନ୍ତି, ଏବଂ ସେ ଆପଣଙ୍କର ହୃଦୟକୁ ଜାଣନ୍ତି, ଏବଂ ସେ ଆପଣଙ୍କର ନିଷ୍ଠାପରତାକୁ ଦେଖନ୍ତି, ସେ ଜାଣନ୍ତି ଯେ ସମସ୍ତ କିଛି ବିଷୟ ଆପଣଙ୍କଠାରୁ ପୃଥକ ହୋଇଯାଇଛି। ତାହାପରେ ସେ ପବିତ୍ରଆତ୍ମାଙ୍କ ଦ୍ୱାରା, ପରମେଶ୍ୱରଙ୍କ ରାଜ୍ୟରେ ଆପଣଙ୍କୁ ମୁଦ୍ରାଙ୍କିତ କରନ୍ତି, ଜଗତକୁ ଏହା ପ୍ରମାଣ କରୁଥାଆନ୍ତି ଯେ ସେ ସେହି ବିଷୟକୁ ଗ୍ରହଣ କରିଅଛନ୍ତି ଯାହା ଆପଣ ତାହାଙ୍କ ଉପରେ ରଖିଛନ୍ତି ବୋଲି ସ୍ୱୀକାର କରନ୍ତି। ବର୍ତ୍ତମାନ ଏହାକୁ ବୁଝିଲେ କି?

76 ତେବେ, ତାହାର ତତକ୍ଷଣାତ୍ ପରେ ହିଁ, ପ୍ରଲୋଭନ ଆସିଥାଏ। "ପରମେଶ୍ୱରଙ୍କ ନିକଟକୁ ଆସୁଥିବା ପ୍ରତ୍ୟେକ ପୁତ୍ରକୁ ପ୍ରଥମେ ପରୀକ୍ଷିତ, ସିଦ୍ଧ ହେବାକୁ ଅଛି।"

77 ଯୀଶୁ, ନଦୀ କୂଳରେ, ଠିକ ଆତ୍ମାଙ୍କ ପୂର୍ଣ୍ଣତା ପାଇବା ମାତ୍ରେ, ଯେତେବେଳେ ଯୋହନ ତାଙ୍କୁ ବାପ୍ତିଜିତ କରିଥିଲେ, ତତକ୍ଷଣାତ୍ ହିଁ ଶୟତାନ ତାହାଙ୍କୁ ପ୍ରଲୋଭନର ଏକ ସମୟ ଦେଇ ଘେନିଯିବା ପାଇଁ, ପ୍ରାନ୍ତର ମଧ୍ୟକୁ ନେଇଗଲା। ମାତ୍ର ଯେତେବେଳେ ସେ ପରମେଶ୍ୱରଙ୍କ ବାକ୍ୟ ଗ୍ରହଣ କରି ଶୟତାନକୁ ଜୟ କଲେ, "ଏହା ଲେଖା ଅଛି। ଏହା ଲେଖା ଅଛି," ସେତେବେଳେ ସେ ନିଜର ସେବାକାର୍ଯ୍ୟ ପାଇଁ ପ୍ରସ୍ତୁତ ହୋଇ ବାହାରି ଆସିଲେ।

78 ଏବଂ ସେହିପରି ଭାବରେ ପରମେଶ୍ୱର ଅବ୍ରହାମଙ୍କ ସହ କରିଥିଲେ। ବର୍ତ୍ତମାନ, ପରମେଶ୍ୱର, ତାଙ୍କୁ ତାଙ୍କର ଦେଶରୁ ଡାକିବା ପରେ, ଏବଂ ସେ ଆପଣାକୁ ନିଜ ଦେଶଠାରୁ, ନିଜର ଲୋକମାନଙ୍କଠାରୁ ପୃଥକ କଲେ, ଏବଂ ତାହାପରେ ପରମେଶ୍ୱର ତାଙ୍କୁ ସୁନ୍ନତର ସେହି ମୁଦ୍ରାଙ୍କ ପ୍ରଦାନ କରନ୍ତି, ତାହାପରେ ତାଙ୍କୁ ସେହି ପୁତ୍ର ଦେଲେ। ତାହାପରେ ସେ ସେହି ଅନ୍ତିମ ପରୀକ୍ଷାକୁ ଗଲେ, ଠିକ୍ ସେହି ସମୟକୁ ଗଲେ ଯେଉଁଠାରେକି ତାଙ୍କୁ ତାଙ୍କର ନିଜ ପୁତ୍ର ଇସ୍ହାକଙ୍କୁ ଏକ ବଳିଦାନ ନିମନ୍ତେ ଉତ୍ସର୍ଗ କରିବାକୁ ପଡିଥିଲା। ଏବଂ ପରମେଶ୍ୱର କହିଲେ, "ଏହା ଦେଖି ଯେ ତୁମେ ତୁମର ଏକମାତ୍ର ପୁତ୍ରକୁ ଦେବାକୁ ହିଁ ଅସମ୍ମତ ନୋହିଲ, ମୁଁ ଜାଣେ ଯେ ତୁମେ ମୋତେ ପ୍ରେମ କର।" ସେ ତାଙ୍କୁ ସେହି ପରୀକ୍ଷା ଦେଇଥିଲେ।

79 ତେବେ ଏହାର ତତ୍କ୍ଷଣାତ ପରେ ହିଁ, ସେହି ଯୁଦ୍ଧକୁ ଠିକ ସେହିଠାରେ ଜୟ କରି ନିଆଗଲା, ସେ କହିଲେ, "ଏବଂ ତୁମ୍ଭର ବଂଶ ତାର ଶତ୍ରୁଗଣର ନଗରଦ୍ୱାର ଅଧିକାର କରିବ।" ଆମେନ୍। ମୋତେ ତାହା ଭଲ ଲଗେ। "ତାର ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବ।" ପ୍ରଭୁ ଇଚ୍ଛା କଲେ, ଆମେମାନେ ଅଳ୍ପ କିଛି କ୍ଷଣରେ ସେହି ଅନ୍ତିମ ବିନ୍ଦୁଠାରେ ପହଞ୍ଚିବା। ତେବେ ସେ ଏହାକୁ, ଅବ୍ରହାମକୁ ବିଶ୍ୱସ୍ତ ପାଇଲେ। ସେ ଅବ୍ରହାମଙ୍କୁ ବିଶ୍ୱସ୍ତ ବୋଲି ପାଇବା ପରେ, ତାହାପରେ ସେ ତାଙ୍କୁ ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବାର ସେହି ପ୍ରତିଜ୍ଞାକୁ ଦେଲେ।

80 ବର୍ତ୍ତମାନ ସେଠାରେ, ଅନେକ ଥର, ଯେଉଁଠାରେକି ଆମମାନଙ୍କ ମଧ୍ୟରୁ ଅନେକ ପେଣ୍ଟିକଷ୍ଟାଲ୍‌ମାନେ ଏକ ଭୁଲ୍ କରିଥାଉ, ଏବଂ ଏହା ଭାବି ଥାଉ, "ତେବେ, ପବିତ୍ରଆତ୍ମା ମୋ ଉପରେ ଢଳା ଯାଇଅଛନ୍ତି। ପରମେଶ୍ୱରଙ୍କ ମହିମା ହେଉ! ତାହା ହିଁ ସବୁ କିଛି ଯାହାକି ମୋର ରହିବାକୁ ଅଛି।" ନା, ମହାଶୟ। ଆପଣ ତ ଠିକ ସେତେବେଳେ ଆରମ୍ଭ କରୁଥାଆନ୍ତି। ଆପଣ, ଏହା ସେତେବେଳେ ନୁହେଁ। ଏହା ତ ଆପଣଙ୍କର ପରୀକ୍ଷା ଏବଂ ଆପଣଙ୍କର ପରୀକ୍ଷାର ବିଷୟ ଅଟେ।

81 ଠିକ ଯେପରିକି ଆମେମାନେ, ସେହି—ସେହି—ସେହି ପୁରାତନ ନିୟମରେ—ରେ ପାଇଥାଉ; ପରୀକ୍ଷା କରାଯିବା, ସିଦ୍ଧ କରାଯିବା, ଏବଂ ତାହାପରେ ଏକ ପୁତ୍ରକୁ ସ୍ଥାପିତ କରାଯିବା। ପୋଷ୍ୟ ସନ୍ତାନ ଗ୍ରହଣ କରାଯିବା, ପରିବାରରେ ଜଣେ ପୁତ୍ର ଜନ୍ମ ହେବା ପରେ,

ସେହି ପୁତ୍ରକୁ ଜଣେ ପୁତ୍ର ଭାବରେ ସ୍ଥାପିତ କରିବା । ସେ ଏକ ପୁତ୍ର ଅଟନ୍ତି, ତାହାପରେ ସେ ପରୀକ୍ଷିତ ହୋଇ ସିଦ୍ଧ କରାଯିବେ, ଏବଂ ଶିକ୍ଷକମାନଙ୍କ ଦ୍ୱାରା ଶିକ୍ଷା ଦିଆଯିବେ, ଏବଂ ଲକ୍ଷ୍ୟ ରଖାଯିବେ ଯେ ସେ କିପରି ଭାବରେ ବୃଦ୍ଧି ସାଧନ କରି ବାହାରି ଆସୁଛନ୍ତି । ଏବଂ ତାହାପରେ ସେ ତାଙ୍କର ପିତାଙ୍କ, ସମତୁଲ୍ୟ, ପ୍ରାୟଃ, ସମାନ ଭାବରେ ସ୍ଥାପିତ କରାଯାଆନ୍ତି ।

82 ତେବେ ତାହାହିଁ ଅଟେ ଯାହାକି ଆଜି ହେଉଅଛି । ଆମ ପାଖରେ ପ୍ରାୟଃ ଚାଳିଶ ବର୍ଷ, କିମ୍ୱା ଅଧିକ ପେଣ୍ଟିକଷ୍ଟର ପରୀକ୍ଷଣ ରହିଆସିଛି, ଦେଖନ୍ତୁ, ସେହି ମଣ୍ଡଳୀକୁ ପରୀକ୍ଷା କରାଯିବା, ଏହା ଦେଖିବା ହେତୁ ଯେ ସେମାନେ ସହ୍ୟ କରିବାକୁ ଯାଉଛନ୍ତି, କି ନାହିଁ । ଏହା ଦେଖିବା ଯେ କଅଣ ଆପଣ...ଏବଂ, ଦେଖନ୍ତୁ, ସେଠାରେ ହିଁ ଅଟେ ଯେଉଁଠାରେକି ମୁଁ ଏହାକୁ ପୁନର୍ବାର ପାଇଥାଏ । ସେହି କ୍ରୁଶକୁ ଏବଂ ସେହି ବାକ୍ୟକୁ ଧରି ରଖି, ଆଗକୁ ବଢିବା ପରିବର୍ତ୍ତେ, ଆମେମାନେ ଜଗତର ରୀତି ନୀତି ଅନୁସାରେ ହୋଇ ଯାଇଅଛୁ, କେତେବେଳେ ଏହି *ମାର୍ଗ*ରେ ଚାଲିଯାଉ, ତ କେତେବେଳେ *ଏହି* ମାର୍ଗରେ ଗଡିଯାଉ, କିଅବା *ଏହି* ନମୁନା ଅନୁସାରେ ହୋଇଯାଉ ।

83 ଯେହେତୁ ମୁଁ ସଦାବେଳେ ଆଜିର ଏହି ଆଧୁନିକ ଧାରାର ଲୋକମାନଙ୍କ ବିରୁଦ୍ଧରେ ଏତେ କଠୋର ଭାବରେ କଥା କହିଆସିଛି, ମହିଳାମାନେ ସେମାନଙ୍କର କେଶ କାଟିବା ବିରୁଦ୍ଧରେ, ଏବଂ—ଏବଂ ପୁରୁଷମାନେ ବିଭିନ୍ନ କାର୍ଯ୍ୟ କରୁଥିବା ଏବଂ ସବୁକିଛି କରୁଥିବା, ଏବଂ ଅନୈତିକ ପୋଷାକଗୁଡିକ ଠିକ ପିନ୍ଧିବା ଓ ଇତ୍ୟାଦି ସବୁ କରିବା ବିରୁଦ୍ଧରେ ଏତେ କଠୋର ଭାବରେ କହିଆସିଛି । ମୋତେ ତାହା ଉପରେ ବହୁତ ଅଧିକ ସମାଲୋଚନା ମିଳିଥାଏ । ମାତ୍ର ତାହା କଅଣ ଅଟେ? ଏହା ତ ସେହି ମଣ୍ଡଳୀକୁ ରକ୍ଷା କରିବାକୁ ଚେଷ୍ଟା କରିବା ଅଟେ । ଏହା ତ ସେମାନଙ୍କୁ *ଏଠାରେ* ଉପରକୁ, ପରମେଶ୍ୱରଙ୍କ ବାକ୍ୟ ନିକଟକୁ ନେଇ ଆସିବାକୁ ଚେଷ୍ଟା କରିବା ଅଟେ, ଯାଏ ଆସେ ନାହିଁ ଯେ ସେହି ଅନ୍ୟ ଜଗତକୁ ଏହା ବିଷୟରେ କଅଣ କହିବାକୁ ଥାଏ । ପରମେଶ୍ୱରଙ୍କ ବାକ୍ୟ ସହିତରେ ରୁହନ୍ତୁ । ଆମେନ୍ । ବୁଝିଲେ? ବୁଝିଲେ?

84 ଏହାର କଥା ହେଉଛି, ଯେପରିକି ମୁଁ ଗତ ରାତିରେ କହୁଥିଲି, ପେଣ୍ଟିକଷ୍ଟାଲ୍‌ମାନେ ଏକ ପ୍ରବଳ ବେଗର ପବନକୁ ଅପେକ୍ଷା କରି ରହିଛନ୍ତି, ମାତ୍ର ସେମାନେ ସେହି ଶାନ୍ତ କ୍ଷୁଦ୍ର ରବକୁ ଶୁଣିବାରେ ବିଫଳ ହେଲେ । ବୁଝିଲେ? ତାହା, ଏହା ଯେ ସେହି କାର୍ଯ୍ୟଗୁଡିକୁ କରିବା ଭୁଲ୍ ଅଟେ । ସେମାନେ ଭାବନ୍ତି, “ଯେପର୍ଯ୍ୟନ୍ତ ପବନ ପ୍ରବାହିତ ହେଉଅଛି, ସବୁକିଛି ଠିକ୍ ଅଛି ।”

85 ମାତ୍ର ତାହା ଭବିଷ୍ୟଦ୍‌ବକ୍ତାଙ୍କ ଦୃଷ୍ଟିକୁ ଆକର୍ଷଣ କଲା ନାହିଁ । ସେହି ପ୍ରବଳ ପବନ ଗୁମ୍ଫା ଭିତରେ ରହିଥିବା ଭବିଷ୍ୟଦ୍‌ବକ୍ତା ଏଲିୟଙ୍କୁ କେବେ ବି ବ୍ୟତିବ୍ୟସ୍ତ କଲା ନାହିଁ । ସେହି ଶକ୍ତିଶାଳୀ ଗର୍ଜନ ଏବଂ ବଜ୍ରପାତ, ଏବଂ ଅତ୍ୟଧିକ ବୃଷ୍ଟି, ତାଙ୍କୁ ଆଦୌ, କଦାପି, ଆକର୍ଷିତ କଲା ନାହିଁ । ମାତ୍ର ଯାହା ତାଙ୍କୁ ଚକିତ କରିଥିଲା ତାହା ହେଉଛି ସେହି ଶାନ୍ତ କ୍ଷୁଦ୍ର ରବ, ଯାହାକି ଭିତରେ କିଛି ଗୋଟାଏ କଥା କହୁଥିଲା । “ମୋହର ବାକ୍ୟ ସତ୍ୟ ଅଟେ । ପ୍ରତ୍ୟେକ ଲୋକର

କଥା ମିଥ୍ୟା ହେଉ ଏବଂ ମୋହର ସତ୍ୟ ହେଉ ।" ତାହା ହିଁ ଅଟେ ଯାହାକି ଭବିଷ୍ୟଦ୍‌ବକ୍ତାଙ୍କୁ ଆକର୍ଷିତ କରିଥିଲା । ବୁଝିଲେ?

86 ଏବଂ ଏହା ଏବେ ସୁଦ୍ଧା ତାହାହିଁ କରିବ । ପରମେଶ୍ୱରଙ୍କ ବାକ୍ୟ ସର୍ବଦା ସେହି ଆତ୍ମିକ ମନକୁ ଆକର୍ଷିତ କରିଥାଏ, କାରଣ ଏହା ଆପଣଙ୍କ ଭିତରେ ଖ୍ରୀଷ୍ଟଙ୍କ ମନ ଅଟେ, ଯାହାକି ଏହା ଜାଣେ ଯେ ସେହି ବାକ୍ୟ ସତ୍ୟ ଅଟେ ।

87 ଏବଂ ଆପଣ ଏକ ପରୀକ୍ଷାର ସମୟ ଦେଇ ଗତି କରନ୍ତି । ମଣ୍ଡଳୀ ଏକ ପରୀକ୍ଷାର ସମୟ ଦେଇ ଗତି କରେ । ପ୍ରତ୍ୟେକ ବ୍ୟକ୍ତି ଶତ୍ରୁର ନଗର ଦ୍ୱାରକୁ ଅଧିକାର କରିବା ପୂର୍ବରୁ ଏକ ପରୀକ୍ଷାର ସମୟ ଦେଇ ଗତି କରିଥାନ୍ତି । ଅବ୍ରହାମ ତାହା ଦେଇ ଗତି କରିଥିଲେ । ଖ୍ରୀଷ୍ଟ ତାହା ଦେଇ ଗତି କରିଥିଲେ । ଖ୍ରୀଷ୍ଟ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହେବା ପରେ, ସେଠାରେ ଯର୍ଦ୍ଦନ ନଦୀ କୂଳରେ, ସେ ଏକ ପରୀକ୍ଷାର ସମୟ ଦେଇ ଗତି କରିଥିଲେ । ଅବ୍ରହାମଙ୍କୁ ଡକାଯିବା ପରେ, ତାଙ୍କୁ ନିଜ ଦେଶରେ ରଖାଯିବା ପରେ ଯେଉଁଠାରେ ତାଙ୍କୁ ଜଣେ ତୀର୍ଥଯାତ୍ରୀ ହୋଇ ରହିବାକୁ ଥିଲା, ତାହାପରେ ସୁନ୍ନତବିଧି ଦିଆଗଲା, ଏବଂ ପରମେଶ୍ୱର ସମୟ ପରେ ସମୟ, ତାହାଙ୍କୁ ଭେଟିଥିଲେ, ତଥାପି ତାଙ୍କୁ ପରୀକ୍ଷାର ସମୟ ଦେଇ ଗତି କରିବାକୁ ପଡିଥିଲା । ଅବ୍ରହାମଙ୍କର ପ୍ରତ୍ୟେକ ବଂଶ, ଅବ୍ରହାମ ଏବଂ ତାଙ୍କର ବଂଶ ଠିକ ସେହି ସମାନ କାର୍ଯ୍ୟ କରନ୍ତି ।

88 ଗୋଟିଏ ସଂସ୍ଥା, ଗୋଟିଏ ମଣ୍ଡଳୀ, ତାହାହିଁ ସେହି କାରଣ ଯେ ଆମେ ଆମର ସଂଗଠନଗୁଡ଼ିକୁ ଗୋଟିଏ କଡ଼ରେ ବିଚ୍ୟୁତି ହୋଇ ପଡ଼ିଥିବାର ପାଇଥାଉ, ତାହା ହେଲା ଯେତେବେଳେ ତାହା ସେହି ପରୀକ୍ଷାକୁ ଆସିଥାଏ । କେଉଁ ପରୀକ୍ଷା? ପରମେଶ୍ୱରଙ୍କ ବାକ୍ୟ । ସେଠାରେ ସେହି ପରୀକ୍ଷା ଅଛି । ପରମେଶ୍ୱରଙ୍କ ବାକ୍ୟ ହେଉଛି ସେହି ପରୀକ୍ଷା । ପୁରୁଷମାନଙ୍କର ଏକ ଗୋଷ୍ଠୀ ଯାହା କୁହନ୍ତି କଅଣ ଆମେମାନେ ତାହା କରିବା, ନା ପରମେଶ୍ୱର ଯାହା କୁହନ୍ତି ଆମେମାନେ ତାହା କରିବା? ତାହାହିଁ ତ ଅଲଗା ଅଟେ ।

89 ସେଠାରେ ଏହା ଆସିଲା, ଡ୍ୱାଇଟ୍ ମୁଡିଙ୍କ ଦିନ, ଫିନି, ସାଙ୍କି, ନକ୍ସ, କାଲ୍‌ଭିନ୍, ସ୍ପର୍ଜନ୍‌ଙ୍କ ଦିନ, ଅବଶିଷ୍ଟ ସମସ୍ତ, ସେହି ଆତ୍ମିକ ବ୍ୟକ୍ତିମାନଙ୍କର ଦିନ, ସଂଗଠନଗୁଡିକ ସେମାନଙ୍କୁ ଅନୁସରଣ କଲେ । ସେମାନଙ୍କ ପାଖରେ ସେଠାରେ ପଛରେ ପୁରୁଷମାନଙ୍କର ଏକ ଗୋଷ୍ଠୀ ରହିଛନ୍ତି ଯେଉଁମାନେକି ଏହା ଭିତରକୁ ସେମାନଙ୍କର ମାର୍ଗକୁ ପ୍ରଶସ୍ତ କରି ନେଇଛନ୍ତି, ପ୍ରତ୍ୟେକ ଜଣ *ଏହା* ବିଶ୍ୱାସ କରି, ଏବଂ *ତାହା* ବିଶ୍ୱାସ କରି, ପୁଣି *ଏଠାରେ* ଟିକିଏ ଯୋଗ କରି, ଏବଂ *ସେଠାକୁ* ଟିକିଏ ନେଇଯାଇ, ଏବଂ *ଏଠାରେ* ଟିକିଏ ଯୋଗ କରି, ଯେପର୍ଯ୍ୟନ୍ତକି ଅବଶେଷରେ ସେମାନେ ଏଥିରୁ ଏକ ସଂଗଠନ ତିଆରି ନ କରି ଦେଲେ ।

90 ଏବଂ ଯେତେବେଳେ ସେମାନେ କରନ୍ତି, ସେହି ପ୍ରକୃତ ସତ୍ୟ ବିଶ୍ୱାସୀ, ପରମେଶ୍ୱର ଠିକ୍ ତାର ଚାରି ପାଖରେ ଆସନ୍ତି ଏବଂ କୌଣସି ଛୋଟ, ନମ୍ର ବ୍ୟକ୍ତିଙ୍କୁ ନିଅନ୍ତି, ସେହି ବିଷୟକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ଦିଅନ୍ତି । ଠିକ୍ । ସର୍ବଦା ଏହାହିଁ କରନ୍ତି । ପରମେଶ୍ୱର ପରିବର୍ତ୍ତନ ହୁଅନ୍ତି ନାହିଁ ।

ଠିକ ସେହି ବିଷୟକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ଦିଅନ୍ତି, କୌଣସି ଆତ୍ମିକ-ମନା ବ୍ୟକ୍ତି ଯିଏକି ସେହି ବାକ୍ୟ ସହିତ ଠିକ୍ ରହିବେ।

91 ମୋତେ ଆପଣମାନଙ୍କୁ କହିବାକୁ ଦିଅନ୍ତୁ। ମୋ ପାଖରେ ଘରେ, ପେଣ୍ଟିକଷ୍ଟାଲ୍ ଆନ୍ଦୋଳନରେ ରହିଥିବା ବଡ଼ ବଡ଼ ମଣ୍ଡଳୀଗୁଡ଼ିକ ମଧ୍ୟରୁ, ଗୋଟିଏ ଅତି ଶ୍ରେଷ୍ଠ ମଣ୍ଡଳୀଠାରୁ, ଏକ ଚିଠି ରହିଛି। ସେହି ବେଚାରା ଭଙ୍ଗା-ହୃଦୟବିଶିଷ୍ଟ ମହିଳାଜଣକ ମୋତେ ଏକ ଚିଠି ଲେଖିଥିଲେ। ଏବଂ ସେ କହିଥିଲେ, "ଭାଇ ବ୍ରାନହାମ୍, ମୁଁ ଲମ୍ବା କେଶ ରଖିଥିଲି ଏବଂ ମୋ ମୁଣ୍ଡ ପଛରେ ଏକ ଖୋପା କରିଥିଲି।" ସେ କହିଲା, "ଏବଂ ସେହି... ମୋ ସ୍ୱାମୀ ଏହାକୁ ପସନ୍ଦ କରୁଥିଲେ।" ଆଉ ସେ କହିଲେ, "ଆମେମାନେ ସେହି ସହରରୁ ଚାଲିଗଲୁ ଯେଉଁଠାରେକି ଆମର ଏକ ବାସ୍ତବିକ ଆତ୍ମିକ ମଣ୍ଡଳୀ ରହିଥିଲା, ସେହି ସ୍ଥାନକୁ ଯେଉଁଠାରେକି ଏହି ବଡ ମଣ୍ଡଳୀ, ସହରର ପ୍ରଥମ ମଣ୍ଡଳୀ ରହିଥିଲା।" ଏବଂ କହିଲେ, "ଯେତେବେଳେ ଆମେମାନେ ସେଠାରେ ପହଞ୍ଚିଲୁ, ସମସ୍ତ ପେଣ୍ଟିକଷ୍ଟାଲ୍ ଭଉଣୀମାନେ ସେମାନଙ୍କର କେଶ କାଟି ରଖିଥିଲେ।" ଏବଂ କହିଲେ, "ସେମାନେ ଏହି ବିଷୟକୁ ନେଇ ମୋ ପଛରେ ପଡ଼ିଗଲେ। ମୁଁ କହିଲି, 'ନା ନା। ମୁଁ ବିଶ୍ୱାସ କରେ ଯେ ବାଇବଲ ଆମକୁ ତାହା ନ କରିବା ପାଇଁ କହିଥାଏ; ତାହା କରିବା ଅପମାନଜନକ।'" ଏବଂ ତେଣୁକରି ସେ କେବଳ କହିଲେ, "ଏବଂ ସେମାନେ ରଖିଲେ..." ସେମାନେ ତାଙ୍କ ଉପରେ ହସିବାକୁ ଲାଗିଲେ, କହିଲେ, "'ହେ, ତୁମର—ତୁମର ଟାୟାର ପଛ ପଟରେ ଫାଟିବାକୁ ଯାଉଅଛି, ତୁମର ଅତିରିକ୍ତ ଟାୟାର,' ଏବଂ ସେହିପରି ବିଷୟ ପ୍ରଭୃତି। ଏବଂ ମୋ ସ୍ୱାମୀଙ୍କ ପଛରେ ପଡିଗଲେ, ଏପରି ଭାବରେ ଯେ, ଏପରିକି ସେ ମୋତେ କେଶ କାଟିବାକୁ ବାଧ୍ୟ କଲେ।" ଏବଂ କହିଲେ, "ସେବେଠାରୁ ନେଇ, ମୁଁ ନିନ୍ଦିତ ଅନୁଭବ କରୁଅଛି।"

92 ଏହା ବିଷୟରେ ଚିନ୍ତା କରନ୍ତୁ, ଗୋଟିଏ ପେଣ୍ଟିକଷ୍ଟାଲ୍ ମଣ୍ଡଳୀ ଯାହାକି ପରମେଶ୍ୱରଙ୍କ ବାକ୍ୟ ପାଇଁ ଛିଡା ହେବା କଥା! ତାହାହିଁ ଅଟେ ଯେଉଁଠାକୁକି ଆପଣଙ୍କର ସଂସ୍ଥା ଆପଣଙ୍କୁ ନେଇ ଯାଇଥାଏ। ଠିକ୍। ସେମାନେ ବାକ୍ୟର ସେହି ଶାନ୍ତ କ୍ଷୁଦ୍ର ରବକୁ ଶୁଣିବାରେ ବିଫଳ ହୁଅନ୍ତି, ଯାହାକି ସେମାନଙ୍କୁ ସତ୍ୟ ନିକଟକୁ ଡାକୁଥାଏ। ସେମାନେ ସମସ୍ତେ ସେହି ପ୍ରବଳ ବେହରେ ପ୍ରବାହିତ ହେଉଥିବା ପବନକୁ, ଏବଂ ଅନେକ ପାଟିତୁଣ୍ଡ ଏବଂ ନାଚକୁ ଶୁଣୁଛନ୍ତି, ପୁଣି ଏହା କହୁଛନ୍ତି ଯେ ସେମାନଙ୍କଠାରେ ଶକ୍ତି ଅଛି। ତାହା ଠିକ୍ ଅଟେ। ମୁଁ ମଧ୍ୟ, ସେଥିରେ ବିଶ୍ୱାସ କରେ। ମାତ୍ର, ଭାଇ, ଯେତେବେଳେ ଆପଣ ନାଚି କୁଦି ଉଚ୍ଚ ପାଟିରେ ଚିତ୍କାର କରିପାରନ୍ତି, ଏବଂ ତାହାପରେ ବୁଲି ପଡ଼ି ପରମେଶ୍ୱରଙ୍କ ବାକ୍ୟକୁ ଅସ୍ୱୀକାର କରିପାରନ୍ତି, ଏବଂ ଜଗତ ପରିକା ବଞ୍ଚି ରହିପାରନ୍ତି, ତେବେ ସେଠାରେ କୌଣସି ସ୍ଥାନରେ କିଛି ଗୋଟାଏ ଭୁଲ୍ ଅଛି। ଠିକ୍।

93 ପରମେଶ୍ୱରଙ୍କ ଆତ୍ମା ତଳକୁ ଆସେ, ସେହି ଶାନ୍ତ କ୍ଷୁଦ୍ର ରବ, ଏବଂ ଆପଣଙ୍କୁ ସିଧା ସଳଖ କାଲବରୀ ଆଡ଼କୁ ନିର୍ଦ୍ଦେଶ କରେ, ଯେଉଁଠାରେକି ଆମେମାନେ ମୃତ ଅଟୁ, ଏବଂ ଆମର ଜୀବନଟି ଖ୍ରୀଷ୍ଟଙ୍କ ଦେଇ ପରମେଶ୍ୱରଙ୍କଠାରେ ଲୁଚି ରହିଥାଏ, ଏବଂ ପବିତ୍ରଆତ୍ମାଙ୍କ ଦ୍ୱାରା

ମୁଦ୍ରାଙ୍କିତ ହୋଇଥାଏ । ତେବେ, ସେହି ବାକ୍ୟ ଏକାକୀ ସେଠାରେ ବାସ କରେ । "ତେବେ ଯଦି ତୁମେମାନେ ମୋ ଠାରେ ରୁହ, ଏବଂ ମୋହର ବାକ୍ୟ ତୁମ ଠାରେ ରୁହେ, ତେବେ ତୁମର ଯାହା ଇଚ୍ଛା ତାହା ମାଗ ଆଉ ତୁମକୁ ତାହା ଦିଆଯିବ ।" ସେଠାରେ ସେହି ପାର୍ଥକ୍ୟ ଅଛି ।

94 ମୁଁ ଆଶା କରେ ମୁଁ ଆପଣମାନଙ୍କୁ ଜଣେ ପାଗଳ ଭାବରେ ବୋଧ ହୁଏ ନାହିଁ । ଯଦି ମୁଁ ଅଟେ, ତାହାହେଲେ ମୁଁ—ମୁଁ—ମୁଁ ଏହା ବିଷୟରେ ଅଜ୍ଞ ଅଟେ । ମୁଁ—ମୁଁ ବିଶ୍ୱାସ କରେ ଯେ ପରମେଶ୍ୱରଙ୍କ ବାକ୍ୟ ହେଉଛି ସତ୍ୟ, ଏବଂ ଏହାକୁ ଠିକ ଏହିଠାରେ ରହିବା ଆବଶ୍ୟକ । ଏବଂ ଯଦି ଏହା ଏଠାରେ ରୁହେ, ତାହାହେଲେ ଏହା ନିଜକୁ ବାହ୍ୟ ରୂପରେ ପ୍ରଦର୍ଶିତ କରିବ । ଏହାକୁ ତ କରିବାକୁ ଅଛି! ଆପଣଙ୍କର ଜୀବନ, ଆପଣଙ୍କର ସମ୍ପୂର୍ଣ୍ଣ ଗଠନ, ଅଲଗା ହେବ ।

95 ତେଣୁକରି ଯେତେବେଳେ ପରମେଶ୍ୱର ଅବ୍ରହାମଙ୍କୁ ସେହି ପରୀକ୍ଷା ଦେଲେ, ସେ ତାହା ଦେଇ, ଶତ ପ୍ରତିଶତ ଉତ୍ତୀର୍ଣ୍ଣ ହେଲେ । ଏବଂ କରିଥାଆନ୍ତେ…

96 ପରମେଶ୍ୱର ଗୋଟିଏ ସଂସ୍ଥାକୁ ଏକ ପରୀକ୍ଷା ଦେଇପାରନ୍ତି ନାହିଁ, କାରଣ ଏହା ସବୁ ମିଶ୍ରିତ ଅଟେ । ପରମେଶ୍ୱର ସଂଗଠନ ସହିତ ସେହିପରି ଭାବରେ ବ୍ୟବହାର କରନ୍ତି ନାହିଁ । ସେ ବିଜାତୀୟ ଗୋଷ୍ଠୀରେ ରାଷ୍ଟ୍ରମାନଙ୍କ ସହିତ ବ୍ୟବହାର କରନ୍ତି ନାହିଁ । "ସେ ବିଜାତୀୟମାନଙ୍କ ମଧ୍ୟରୁ ଏକ ଲୋକମାନଙ୍କୁ ନେଲେ ।" ଇସ୍ରାଏଲ, ସେ ଗୋଟିଏ ରାଷ୍ଟ୍ରକୁ ନେଲେ । ମାତ୍ର, ସେହି ବିଜାତୀୟମାନଙ୍କ ମଧ୍ୟରୁ, "ସେ ତାହାଙ୍କର ନାମ ନିମିତ୍ତ ବିଜାତୀୟମାନଙ୍କ ମଧ୍ୟରୁ ଏକ ଲୋକଙ୍କୁ ନେଲେ ।" ତେଣୁକରି, ଆପଣ ଦେଖନ୍ତୁ, ଏହା ନୁହେଁ ଏକ ସଙ୍ଗ-…ଏହା ଏକ ସଙ୍ଗଠନ ନୁହେଁ । ଏହା ତ ଜଣେ ବ୍ୟକ୍ତିବିଶେଷ ଅଟନ୍ତି ଯାହା ସେ ବିଜାତୀୟମାନଙ୍କଠାରୁ ବାହାର କରନ୍ତି ।

97 ଏବଂ ଯେତେବେଳେ ସେହି ପରୀକ୍ଷା ଆସେ, ଆପଣ ଦେଖନ୍ତୁ ଯେ କଅଣ ଘଟିତ ହୁଏ? ଆମେମାନେ ଧାର୍ମିକ ଗଣନା ହେତୁ ବାହାରି ଆସିଲୁ । ଆମେମାନେ ପେଣ୍ଟିକଷ୍ଟାଲ୍ ଆନ୍ଦୋଳନରେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମକୁ ଗ୍ରହଣ କଲୁ । ମାତ୍ର ଯେତେବେଳେ ଏହା ପରୀକ୍ଷାର ସମୟକୁ ଆସିଲା, ଉଚ୍ଚ ଶିକ୍ଷାପ୍ରାପ୍ତ ପଣ୍ଡିତମାନଙ୍କୁ ନେଇ ନେଲୁ, ଜଗତ ପରିକା ହେବାକୁ ଚାହିଁଲୁ, ଠିକ ଯେପରିକି ତାହା ୱେସ୍‌ଲିଙ୍ଗ ଆନ୍ଦୋଳନ ଦିନରେ ହୋଇଥିଲା ଏବଂ ଅନ୍ୟ ସମସ୍ତଙ୍କ ଦିନରେ ହୋଇଥିଲା । ସେମାନେ ବିଦ୍ୟାଳୟକୁ ଯାଆନ୍ତି । ସେମାନେ—ସେମାନେ ବିଜ୍ଞାନ ଶିଖନ୍ତି । ଏବଂ ସେମାନେ ଏହି ସବୁ ଅନ୍ୟାନ୍ୟ ପ୍ରକାରର ଜିନିଷ ଶିଖନ୍ତି ଯାହାକି ଶିକ୍ଷା ସହିତ ଚାଲିଥାଏ । ଏବଂ ସେମାନେ ମନୋବିଜ୍ଞାନ ଶିଖିବାକୁ ଚେଷ୍ଟା କରନ୍ତି । "କେବଳ ସର୍ବୋତ୍ତମ କଥା, ତେବେ, *ଏହା* କୁହନ୍ତୁ ନାହିଁ *।* ସେମାନେ *ଏହା* ଏବଂ *ତାହା* କରନ୍ତୁ । କାରଣ ଏହା ହେବ…" ଦେଖନ୍ତୁ, ଆପଣ ଜମା କରୁଛନ୍ତି ଏବଂ ନିର୍ମାଣ କରୁଛନ୍ତି । ଆପଣଙ୍କର—ଆପଣଙ୍କର—ଆପଣଙ୍କର ଉଦ୍ଦେଶ୍ୟ ଭୁଲ ଅଟେ । ଆପଣର ଧ୍ୟେୟ ଭୁଲ ଅଟେ । ଆପଣ କାଲବରୀ ପ୍ରତି ନିର୍ମାଣ କରିବା ପରିବର୍ତ୍ତେ ଏକ ସଂସ୍ଥା ପ୍ରତି ନିର୍ମାଣ କରୁଛନ୍ତି । ଆପଣ କିପରି ଭାବରେ ବାକ୍ୟର ମାର୍ଗରେ ନ ଆସି, କାଲବରୀ ପ୍ରତି ନିର୍ମାଣ କରିପାରନ୍ତି?

98 "କାରଣ ଆମେମାନେ ବାକ୍ୟର ଜଳ ଦ୍ୱାରା ଧୌତ କରା ଯାଇଅଛୁ।" "ତୁମେ ମୋ ଠାରେ ରୁହ ଏବଂ ମୋହର ବାକ୍ୟ ତୁମ ଠାରେ ରୁହେ, ତାହାହେଲେ ତୁମର ଯାହା ଇଚ୍ଛା ତାହା ମାଗ।"

99 ସେଠାରେ ହିଁ ତାହା ଯେଉଁଠାରେକି ଆମେମାନେ ପେଣ୍ଟିକଷ୍ଟାଲ୍ ଆନ୍ଦୋଳନର ପରାଜୟ ଦେଖୁ, କାରଣ ସେମାନେ ବାକ୍ୟରୁ ଦୂରେଇ ଚାଲି ଯାଇଥିଲେ। ସେହି ବାକ୍ୟ ଗୋଟିଏ କଥା କହିବ; ସେମାନେ ସେହି ସଂସ୍ଥାକୁ ସେଠାରେ ଅନ୍ୟ କୌଣସି ସ୍ଥାନରୁ ଭିତରକୁ ଆଣିବାକୁ ଚେଷ୍ଟା କରିବେ। ଏବଂ ସେମାନେ ଠିକ ସେହି ବାକ୍ୟଠାରୁ ଦୂରେଇ ଚାଲିଯିବେ, ଏବଂ ଏହାକୁ ଠିକ ସଂଗଠନ ସହିତରେ ଭିତରକୁ ନେଇଯିବେ। ଏବଂ ଆପଣମାନେ ଦେଖନ୍ତୁ ଯେ ଏହା କେଉଁଠାକୁ ଯାଇଅଛି? ଏହା ପ୍ରାୟଃ ଅନ୍ୟ ସମସ୍ତ ମଣ୍ଡଳୀ ପରିକା ଅଟେ। ମାତ୍ର ତେବେ ଆମେମାନେ ନାଚିଥାଉ ଏବଂ ପାଟିତୁଣ୍ଡ କରିଥାଉ, ଏବଂ ପରଭାଷାରେ କଥା କହିଥାଉ, ଏବଂ ଉପର-ଓ-ତଳକୁ ଡିଆଁ ମାରିଥାଉ, ସେଗୁଡ଼ିକ ସବୁ ଠିକ୍ ଅଛି। ସେମାନଙ୍କର ସଂଗଠନ ଠିକ ଅଛି। ମୁଁ ଆଶା କରେ ଯେ ମୁଁ ନିଜକୁ ସ୍ୱଷ୍ଟ କରୁଅଛି। ମାତ୍ର କଥାଟି ହେଉଛି, ବାକ୍ୟର ସେହି ଶାନ୍ତ କ୍ଷୁଦ୍ର ରବ କଥା କହୁଅଛି। ଏହାହିଁ ତାହା ଅଟେ।

100 ଆପଣ ଏକ ପରୀକ୍ଷା ଦେଇ ଯାଆନ୍ତି। ପରମେଶ୍ୱର ଆପଣଙ୍କୁ ଠିକ ସେହିପରି ପରୀକ୍ଷା କରନ୍ତି ଯେପରିକି ସେ ଅବ୍ରହାମଙ୍କୁ କରିଥିଲେ। ସେ ଅବ୍ରହାମଙ୍କ ଅନୁସାରେ, ତାଙ୍କ ବଂଶକୁ ପରୀକ୍ଷା କରନ୍ତି। ଏବଂ ବର୍ତ୍ତମାନ, ସେହି କାରଣ ଯେଉଁଥି ଯୋଗୁଁକି ଆମେମାନେ ସେହି ଶତ୍ରୁର ନଗରଦ୍ୱାରକୁ ଅଧିକାର କରୁ ନାହୁଁ, ସେହି କାରଣ ଯେ ଆମମାନଙ୍କ ମଧ୍ୟରେ ବହୁତ ଅଛି, ତାହା ହେଲା ଯେ ଆମେମାନେ ସେହି ପରୀକ୍ଷାକୁ ସହ୍ୟ କରିବାରେ ସକ୍ଷମ ନୋହୁଁ। ଏବଂ ମୋତେ ଆପଣମାନଙ୍କୁ କିଛି କହିବାକୁ ଦିଅନ୍ତୁ, ସେହି ବାକ୍ୟର ପରୀକ୍ଷା ଠିକ୍ ଅଟେ।

101 ସେହି କାରଣ ଯେ ଆମର ନାହିଁ, ଏବଂ ଆମର କେବେବି ସେହି ସଂଗଠନରେ...ରହିବ ନାହିଁ। ମୁଁ ଭାବୁଛି ଯେ ପେଣ୍ଟିକଷ୍ଟରେ ଅନେକ ଗୁଡିଏ ଉତ୍ତମ ସଂଗଠନମାନ ରହିଛି। କେତେକ ଶ୍ରେଷ୍ଠ ପୁରୁଷମାନ ଯେଉଁମାନଙ୍କୁ ମୁଁ...ରଖିଥାଏ...ଏହି ପୃଥିବୀ ପୃଷ୍ଠରେ ବାସ କରିଥାଆନ୍ତି, ସେହି—ସେହି ସଂଗଠନଗୁଡ଼ିକର ସମ୍ପୃକ୍ତ ଅଟନ୍ତି।

102 ଆସେମ୍ବଲିଜ ଅଫ ଗଡ଼, ମୋର ସେଠାରେ ଅନେକ ବନ୍ଧୁମାନେ ଅଛନ୍ତି। ମୋର ପ୍ରଭୁ! ଠିକ ସେଠାରେ ଇଣ୍ଡିୟାନାରେ ଥିବା ଜଣେ ଭାଇଙ୍କ ପାଇଁ, ମୁଁ ଏକ ସଭା ଆୟୋଜନ, କରିବାକୁ ଯାଉଅଛି, ମୁଁ ବିଶ୍ୱାସ କରେ, ଯେ ଠିକ, ସଙ୍ଗେ ସଙ୍ଗେ। ଭାଇ ରୟ ୱିଡ୍, ସେ ଇଣ୍ଡିୟାନା ରାଜ୍ୟର ଜଣେ ଜିଲ୍ଲା ପ୍ରତିନିଧି ବ୍ୟକ୍ତି। ମୁଁ ବିଶ୍ୱାସ କରେ ଯେ ଜଣେ ଧାର୍ମିକ ବ୍ୟକ୍ତି ଅଟନ୍ତି। ତଥାପି, ସେ ଆସେମ୍ବଲିଜ ଅଫ ଗଡ଼ର ଜଣେ ଜିଲ୍ଲା ପ୍ରତିନିଧି ବ୍ୟକ୍ତି।

103 ଫୋର୍ସ୍କୋୟାର, ଓଃ, ମୋର ପ୍ରଭୁ, କେତେ ଜଣ! ରାଲ୍ଫ ମ୍ୟାକଫର୍ସନ ଏବଂ ସେହି ଭାଇମାନଙ୍କ ମଧ୍ୟରୁ ଅନେକେ, ଯେଉଁମାନେକି ଧାର୍ମିକ ବ୍ୟକ୍ତିମାନେ, ସେମାନଙ୍କ ଜୀବନ ଉପରେ କିଛି ଟିପ୍ପଣୀ ନାହିଁ। ସେମାନେ ଭଲ ପୁରୁଷମାନେ ଅଟନ୍ତି।

104 ତେବେ ସେହି ୱନ୍‌ନେସ୍ ଅର୍ଥାତ୍ ଏକତ୍ୱବାଦୀ ଆଡ଼େ, ଯାହାକି ସେମାନେ ନିଜକୁ ବୋଲାଇଥାନ୍ତି, ଏକତ୍ୱବାଦୀ। କିମ୍ବା, ବର୍ତ୍ତମାନ, ମୁଁ ଭାବୁ ନାହିଁ ଯେ...ସେମାନେ ଏହାକୁ ଯୀଶୁ ନାମ ମଣ୍ଡଳୀ ବୋଲି କୁହନ୍ତି। ଜ୍ୟାକ୍ ମୂର୍, ସେମାନଙ୍କ ମଧ୍ୟରୁ କେବଳ ଗୋଟିଏର ନାମକୁ ଡାକୁଛି...ସେଠାରେ ସେମାନଙ୍କ ମଧ୍ୟରୁ ଶହ ଶହ, ଉତ୍ତମ ପୁରୁଷମାନେ, ଭଲ ପୁରୁଷମାନେ, ଧାର୍ମିକ ପୁରୁଷମାନେ ଅଛନ୍ତି।

105 ମାତ୍ର ଏହାର କଥା ହେଉଛି ଯେ, ଭାଇ, ଏହା, ଯେତେବେଳେ ଆପଣ ସେହି ସଂସ୍ଥା ସହିତ ଲାଗି ରହିଥିବେ। ବୁଝିଲେ? ପରମେଶ୍ୱର ସେହି ସଂଗଠନଗୁଡ଼ିକୁ ନିଅନ୍ତି, ଏବଂ—ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଟି ପତିତ ଅଟେ। ସେମାନଙ୍କୁ ଦେଖନ୍ତୁ, ଜାଗତିକତା ଭିତରକୁ ପଶି ଆସୁଛି। ସେମାନଙ୍କର ସ୍ତ୍ରୀମାନଙ୍କୁ ଦେଖନ୍ତୁ। ସେମାନଙ୍କର ପୁରୁଷମାନଙ୍କୁ ଦେଖନ୍ତୁ। ସେମାନଙ୍କର ଅବସ୍ଥାଗୁଡିକୁ ଦେଖନ୍ତୁ। ମୁଁ ଆପଣମାନଙ୍କୁ ଇଙ୍ଗିତ କରିପାରିବି, ଆସେମ୍ବଲି ଅଫ୍ ଗଡ୍ ଲୋକମାନେ ଯେଉଁମାନେକି ନିଜର ବୋର୍ଡରେ ଏପରି ଦୀକନ୍‌ମାନଙ୍କୁ ପାଇଛନ୍ତି, ଯେଉଁମାନେକି ଦୁଇ ବା ତିନିଥର ବିବାହିତ ଅଟନ୍ତି, ପ୍ରଚାରକମାନେ ଚାଲିଛନ୍ତି। ସ୍ତ୍ରୀଲୋକମାନେ ସେମାନଙ୍କର କେଶ କାଟିଥାନ୍ତି, ଛୋଟ ଜାମା ସର୍ଟ ପିନ୍ଧିଥାନ୍ତି, ସୌନ୍ଦର୍ଯ୍ୟ ପ୍ରସାଧନ ଲଗାଇଥାନ୍ତି, ଏବଂ ତଥାପି ସୁଦ୍ଧା ପବିତ୍ରଆତ୍ମା ପାଇଛନ୍ତି ବୋଲି କହୁଅଛନ୍ତି, ପରଭାଷାରେ କଥା କହିବା, କିମ୍ବା ଉପର-ଓ-ତଳକୁ ଡେଇଁବା, କିମ୍ବା ଉଚ୍ଚ ପାଟି କରିବାର ପ୍ରମାଣ ଉପରେ ନିର୍ଭର କରିଥାନ୍ତି।

106 ସେମାନେ ବାକ୍ୟର ସେହି ଶାନ୍ତ କ୍ଷୁଦ୍ର ରବକୁ ବିଫଳ କରି ଦେଇଥାନ୍ତି। ସେହି ବାକ୍ୟ ଆପଣଙ୍କୁ କ୍ରୁଶ ଉପରେ ସନ୍ତୁଳିତ ରଖିଥାଏ। ସେହିଠାରେ ହିଁ ଅଟେ ଯେଉଁଠାରେକି ଏହା ରହିଥାଏ। ସେଇଥି ଯୋଗୁଁ ଆଜି ଆମ ପାଖରେ ମଣ୍ଡଳୀରେ ଆଗାବ ପରି, ପ୍ରକୃତ ଭବିଷ୍ୟଦ୍‌ବକ୍ତାମାନେ ନାହାଁନ୍ତି।

107 ସେଇଥି ପାଇଁ, ଆଜି ମଣ୍ଡଳୀ, ସେମାନେ—ସେମାନେ ସେହି ପରଭାଷାରେ କଥା କହିବା ବିଷୟକୁ ଆଉ ସେତେ ଅଧିକ ସମ୍ମାନ କରନ୍ତି ନାହିଁ ଯେତେବେଳେ କେହି ପରଭାଷାରେ କଥା କହିଥାନ୍ତି, କାରଣ ସେମାନେ ଏତେ ଅଧିକ ନକଲି ଓ ଅନ୍ୟା-ନ୍ୟ ବିଷୟଗୁଡ଼ିକ ଶୁଣିଥାଆନ୍ତି, ଯେ ଏପରିକି ସେମାନେ ଏହା ଜାଣନ୍ତି ନାହିଁ ଯେ ଏଥିରେ କେଉଁଟି ଠିକ୍ ଏବଂ କେଉଁଟି ଭୁଲ୍ ଅଟେ।

108 ବ୍ୟାଖ୍ୟାଗୁଡିକ ଯାହାକି କେବଳ ଭ୍ରମ ମାତ୍ର ଅଟେ, କେହି ଜଣେ କେବଳ କିଛି ଗୋଟାଏ କହି ଦିଅନ୍ତି କାରଣ ସେ କହିବା ହେତୁ ଚାଳନା ଅନୁଭବ କରନ୍ତି। ତାହା ବ୍ୟାଖ୍ୟା ନୁହେଁ। ବ୍ୟାଖ୍ୟା; ତାହା ଏହି ପରି ନୁହେଁ ଯେ କେହି ଜଣେ ଛିଡା ହୋଇ ପରଭାଷାରେ କଥା କୁହନ୍ତି, ଏବଂ ଅନ୍ୟ ଜଣେ କେହି ଅଳ୍ପ କିଛି ମିନିଟରେ ଛିଡା ହୋଇ ତାର ବ୍ୟାଖ୍ୟା କରନ୍ତି ଯାହା ସେ କହିଥିଲେ। ଯେତେବେଳେ ଜଣେ କହୁଥାଆନ୍ତି, ଅନ୍ୟ ଜଣକ ଠିକ ସେଠାରେ ବ୍ୟାଖ୍ୟା କରୁଥାନ୍ତି, ଶବ୍ଦ ପରେ ଶବ୍ଦ କହୁଥାନ୍ତି, ସମାନ ଅଭିବ୍ୟକ୍ତି, ସବୁକିଛି ସମାନ ଥାଏ। ଏହି ବ୍ୟକ୍ତି

ହୁଏତ ଭବିଷ୍ୟତ୍‌ବାଣୀ କରୁ ଥାଇପାରନ୍ତି, ମାତ୍ର ଏହା ବ୍ୟାଖ୍ୟା କରିବା ନୁହେଁ । ସେମାନଙ୍କ ମଧ୍ୟରୁ କେତେକ, *ଏହି* ପ୍ରକାର ଏକ ସ୍ୱର କିଛି ଗୋଟାଏ ବିଷୟ ପ୍ରଦାନ କରିଥାଏ, ଏଠାରେ ପଛରେ *ଏହା* ଆଉ ଗୋଟାଏ କିଛି ପ୍ରଦାନ କରିଥାଏ । ଏବଂ ବ୍ୟାଖ୍ୟା ପାଇଁ, କେତେକ ଜଣ ଦଶଟି ଶବ୍ଦ କୁହନ୍ତି, ଆଉ ଅନ୍ୟ ଜଣେ କେହି ପଚାଶଟି ଶବ୍ଦ କହିଥାନ୍ତି ।

109 *ବ୍ୟାଖ୍ୟା*ର ଅର୍ଥ "ଶବ୍ଦ-ପରେ-ଶବ୍ଦ, କହିବା ।" ଯଦି ଏହା ପରମେଶ୍ୱରଙ୍କ ଏକ ବାକ୍ୟ, ତାହାହେଲେ ଏହାକୁ, ଶବ୍ଦ ପରେ ଶବ୍ଦ; ରେଖା ଉପରେ ରେଖା, ରେଖା ଉପରେ ରେଖା ଭାବରେ ଆସିବାକୁ ଅଛି । ଠିକ ସେହି ଉପାୟରେ ହିଁ ବାକ୍ୟକୁ ଆସିବାକୁ ଅଛି ।

110 ମାତ୍ର ଆମେମାନେ କଅଣ ଦେଖିଅଛୁ? ଏତେ ଅଧିକ ନକଲି ବିଷୟ! ଏବଂ ସେମାନେ ତାହା କଲେ, ଯେପରିକି, ବାକ୍ୟ ସହିତ ରହିବା ପରିବର୍ତ୍ତେ, ସେମାନେ ତାହାକୁ ସେଠାରେ ତଳେ ପକାଇ ଦେଲେ । ଏବଂ ଜଣେ ବ୍ୟକ୍ତି ଏହା କରିବା ମାତ୍ରକେ, ସେମାନେ ତାଙ୍କୁ ଜଣେ ପେଣ୍ଟକଷ୍ଟାଲ୍ ବୋଲି ଡାକି ଦେଲେ । ଏବଂ ଆପଣ ଜାଣନ୍ତି ଯେ କଅଣ ଘଟିତ ହୁଏ ।

111 ଯେତେବେଳେ ସେହି ପରୀକ୍ଷା ଆସେ, ପରୀକ୍ଷାର ସେହି ସମୟ ଆସେ, ସେତେବେଳେ ହିଁ ବୀଜ ଆରମ୍ଭ ହୁଏ, ତାହା ଏହା ଦର୍ଶାଏ ଯେ କେଉଁଟି ବୀଜ ଅଟେ ଏବଂ କେଉଁଟି ନୁହେଁ । ତେବେ, ଯାହା ଘଟିଲା ତାହାର ନିର୍ବିଶେଷରେ, ଅବ୍ରହାମ ବାକ୍ୟ, ସେହି ପ୍ରତିଜ୍ଞା ସହିତ ରହିଲେ ।

112 ମାତ୍ର ଆଜି ସଂଗଠନ ତାହା କରିପାରନ୍ତି ନାହିଁ । ଏବଂ ଆପଣମାନଙ୍କ ମଧ୍ୟରୁ କେତେକ ମୂଲ୍ୟବାନ ଭାଇମାନେ ଯେଉଁମାନେକି ସେହି ସଂସ୍ଥାଗୁଡ଼ିକର ସମ୍ପୃକ୍ତ ଅଛନ୍ତି, ଆପଣ ସେମାନଙ୍କ ସହିତରେ ଥରେ ଅସହମତ ହୁଅନ୍ତୁ, ଆପଣ ଜାଣିଯିବେ ଯେ ଆପଣ କେଉଁଠାକୁ ଚାଲି ଯାଇଛନ୍ତି । ଆପଣମାନଙ୍କ ମଧ୍ୟରୁ କେତେ ଜଣ?

113 ମୁଁ ବର୍ତ୍ତମାନ, ଏହି ଭବନରେ ତାହା କହୁ ନାହିଁ, ମାତ୍ର ମୋ ଅଧ୍ୟୟନ କକ୍ଷରେ ରହିଥିବା କେତେ ଜଣ, କେତେ ଜଣ ମୋ ସହିତରେ ରହିଛନ୍ତି, ଯେଉଁମାନେକି ଏହା କହିଥିଲେ, "ଭାଇ ବ୍ରାନହାମ୍, ଆମେ ଜାଣୁ ଯେ ତାହା ସତ୍ୟ ଅଟେ । ମାତ୍ର ଯଦି ଆମକୁ ଏଠାରୁ ବାହାର କରିଦିଆଯାଏ, ତେବେ ଆମେମାନେ କଅଣ କରିବାକୁ ଯାଉଅଛୁ?"

114 ଭାଇ, ଆମେମାନେ କଅଣ କରିବାକୁ ଯାଉଅଛୁ? କାଲବରୀକୁ ଧରି ରହି ଥାଆନ୍ତୁ, ପ୍ରତିଜ୍ଞାକୁ ଧରି ରହି ଥାଆନ୍ତୁ, କ୍ରୁଶକୁ ଧରି ରହି ଥାଆନ୍ତୁ, ନିର୍ବିଶେଷରେ ।

115 ଏବଂ ସେପଟରେ ସେଠାରେ, ସେମାନଙ୍କ ପାଖରେ କେତେକ ସର୍ବୋତ୍ତମ ପୁରୁଷମାନେ ଅଛନ୍ତି । ବୁଝିଲେ? ମାତ୍ର ମୁଁ ଯାହା କରିବାକୁ ଚେଷ୍ଟା କରୁଛି, ତାହା ଏହା କହିବାକୁ ଯେ, ତାହାକୁ ତ ବିଫଳ ହେବାକୁ ହିଁ ଅଛି । ଏହା ସର୍ବଦା ବିଫଳ ହୋଇଆସିଛି ଏବଂ ସର୍ବଦା ବିଫଳ ହେବ । ମାତ୍ର ଏହା ହେଉଛି ତାହା, ଯେ ପରମେଶ୍ୱରଙ୍କ ସହିତରେ, ଆପଣ ବିଫଳ ହୁଅନ୍ତୁ କିମ୍ବା ନ ହେଉନ୍ତୁ, ପ୍ରଥମେ, ପରମେଶ୍ୱରଙ୍କ ବାକ୍ୟ ଏବଂ ତାହାଙ୍କ ପ୍ରତିଜ୍ଞାକୁ ପାଳନ କରନ୍ତୁ । ଆପଣଙ୍କୁ ଏହା ଦ୍ୱାରା ପରୀକ୍ଷା କରାଯିବ ।

116 ଆପଣ କାଗଜପତ୍ରରେ ଦସ୍ତଖତ କରିବେ, ଯେ ଆପଣ *ଏହା* କରିବେ କିଅବା *ତାହା* କରିବେ। ଏପରିକି ବାକ୍ୟ ବିରୁଦ୍ଧରେ ହେଲେ ସୁଦ୍ଧା, ଆପଣ ତଥାପି ଏହାକୁ ଦସ୍ତଖତ କରିବେ। ତାହା ଠିକ୍। ଆପଣଙ୍କ ହୃଦୟରେ, ଆପଣ ଜାଣିଛନ୍ତି ଯେ ଏହା ଭୁଲ ଅଟେ। ତାହା ସେହି ଶାନ୍ତ କ୍ଷୁଦ୍ର ରବ, ସେହି ବାକ୍ୟ କଥା କହୁଅଛି। କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଆମେମାନେ ଆଗକୁ ଯାଇ ନ ପାରୁ, କାରଣ ଯେ କିଛି ଗୋଟାଏ ବିଷୟ ଘଟିଅଛି। ଆପଣ ନିଜକୁ ସେହି ଶାନ୍ତ କ୍ଷୁଦ୍ର ରବଠାରୁ ଅଲଗା କରି ଦେଲେ। ଆପଣ ଅତ୍ୟଧିକ ଶୀଘ୍ର ଭାବରେ ଦୌଡି ଗଲେ। ପରମେଶ୍ୱର ଆପଣଙ୍କୁ ଡାକୁଥିଲେ, ମାତ୍ର ଆପଣ ଅତ୍ୟଧିକ ଶୀଘ୍ର ଭବରେ ଦୌଡି ଗଲେ, କାରଣ ମେଘ ଗର୍ଜନ ହୋଇଥିଲା, ବଜ୍ରପାତ ହୋଇଥିଲା, ପର୍ବତ କମ୍ପି ଉଠିଥିଲା।

117 ଏହା ଭବିଷ୍ୟଦ୍‌ବକ୍ତା ଏଲିୟଙ୍କୁ କେବେ ବି ବ୍ୟତିବ୍ୟସ୍ତ କରି ନ ଥିଲା। ସେ ତ ପ୍ରଥମେ ସେହି, ରବକୁ ଚାହିଁଥିଲେ। ସେ କହିଲେ, "ମୁଁ ଠିକ ଏଠାରେ ହିଁ ରହିଥିବି।"

118 ସେହିପରି ଆଜି ଅନେକେ, ଆରମ୍ଭ କରନ୍ତି, ଆରୋଗ୍ୟ ସେବା, ଶାରୀରିକ ତୁଳନାମାନ, ସମସ୍ତ ପ୍ରକାରର ବିଷୟମାନ, ଏବଂ ସମ୍ବେଦନାମାନ ଯାହାକି ଏପରିକି ସୁଦ୍ଧା ପରମେଶ୍ୱରଙ୍କ ବାକ୍ୟରେ କେବେବି ଦେଖାଯାଇ ନ ଥିଲା। ତାହା ଠିକ୍ ଅଟେ। ଏହା କଅଣ ଅଟେ? ଆମେମାନଙ୍କୁ ସେହି ଗୀତ ଗାଇବା ଉଚିତ୍, "ଯେଉଁମାନେ ପ୍ରଭୁଙ୍କଠାରେ ଅପେକ୍ଷା କରନ୍ତି। ମୋତେ ମୋର ଗର୍ବକୁ ବିନମ୍ର କରିବାକୁ ଦିଅ ଏବଂ ତୁମ ନାମକୁ ଡାକିବାକୁ ଦିଅ। ପ୍ରଭୁ, ମୋତେ ଅପେକ୍ଷା କରିବାକୁ ଦିଅ, ଯେପର୍ଯ୍ୟନ୍ତ ମୁଁ ସେହି ଶାନ୍ତ କ୍ଷୁଦ୍ର ରବକୁ ନ ଶୁଣେ।" ଏବଂ ସେହି ରବ ଏକ ଶାସ୍ତ୍ରସଙ୍ଗତ ରବ ହେବ। ଏହା ଅବିକଳ ଭାବରେ ଠିକ୍ ସେହି ବାକ୍ୟ ସହିତରେ କହିବ। ଆମେନ୍। ଠିକ୍ ଅଛି।

119 ଏହା ପାଇଲି, ଯେ ଅବ୍ରହାମଙ୍କୁ ରଖାଯିବା ପରେ, ତାଙ୍କୁ ଡକାଯିବା ପରେ, ନିଜ ପ୍ରିୟଜନମାନଙ୍କ ଠାରୁ, ନିଜର ପରିବାରଠାରୁ, ନିଜର ଘରଠାରୁ, ନିଜର ସମ୍ପର୍କୀୟମାନଙ୍କ ଠାରୁ, ପୃଥକ ହୋଇ ଏକ ବିଦେଶୀ ଦେଶ ମଧ୍ୟକୁ ନିଆଗଲେ। ବିଶ୍ୱାସ ଦ୍ୱାରା ସେ ତାହା କଲେ। ତାହାପରେ, ଯେହେତୁ ସେ ଏହା କରିଥିଲେ, ପରମେଶ୍ୱର ତାଙ୍କୁ ସୁନ୍ନତବିଧି ପ୍ରଦାନ କଲେ, ଏହା ପ୍ରମାଣ କରିବା ନିମନ୍ତେ ଯେ ସେ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି, ପୁଣି ଯେ ସେ ତାହାଙ୍କଠାରେ ବିଶ୍ୱାସ କରିଥିଲେ କାରଣ ସେ ସେହି ପ୍ରତିଜ୍ଞା ଉପରେ ବିଶ୍ୱାସ କରୁଥିଲେ। ତଥାପି, ସେ ପାରିଲେ ନାହିଁ, ସେ ଏହାକୁ ପ୍ରାକୃତିକ ଭାବରେ ଦେଖିଲେ ନାହିଁ, ମାତ୍ର ସେ କହିଥଲେ, "ପରମେଶ୍ୱରଙ୍କ ବାକ୍ୟର ବିପରୀତ ଯାହାକିଛି ତାହା ମିଥ୍ୟା ଥିଲା।" ଯାଏ ଆସେ ନାହିଁ ଯେ କେତେ ଅଧିକ ପ୍ରମାଣ ଆସୁ ନା କାହିଁକି, ଏହା ତଥାପି ଏକ ମିଥ୍ୟା ଅଟେ।

120 ମୁଁ ଏହା କହିବାକୁ ଘୃଣା କରେ, ମାତ୍ର ମୋତେ କରିବାକୁ ପଡିବ। ଦେଖନ୍ତୁ। ଏବଂ ଯେତେବେଳେ ଆପଣ ସ୍ତ୍ରୀଲୋକମାନଙ୍କୁ ନିଅନ୍ତି, ମୁଁ ଏହାକୁ ଗୋଟିଏ ଜିନିଷ ପାଇଁ କହିବି ଯାହାକି ଦୃଶ୍ୟମାନ ଅଟେ, ଦେଖା ଯାଇପାରେ, ଯେଉଁମାନେକି ପବିତ୍ରଆତ୍ମା ପାଇଛନ୍ତି

ବୋଲି ଦାବି କରନ୍ତି, ଏବଂ ସେମାନଙ୍କର—ସେମାନଙ୍କର କେଶକୁ ବଢ଼ିବାକୁ ଦେବା ପାଇଁ ଯଥେଷ୍ଟ ଶିଷ୍ଟ ନ ଥାଆନ୍ତି, ତାହାହେଲେ କୌଣସି ସ୍ଥାନରେ କିଛି ଗୋଟାଏ ଭୁଲ୍ ଅଛି । ଜଣେ ସ୍ତ୍ରୀଲୋକ ଯିଏକି ପୁରୁଷଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ଏକ ପୋଷାକକୁ ପରିଧାନ କରିବେ, ଏବଂ ଏହାକୁ ପିନ୍ଧିବେ, ଯେତେବେଳେକି ବାଇବଲ କୁହେ ଯେ, "ଜଣେ ସ୍ତ୍ରୀଲୋକ ପାଇଁ ପୁରୁଷଙ୍କର ପୋଷାକ ପିନ୍ଧିବା, ପରମେଶ୍ୱରଙ୍କ ନିକଟରେ—ରେ ଏହା ଏକ ଘୃଣ୍ୟ ବିଷୟ ଅଟେ ।," ଏବଂ ତାହାପରେ ଆପଣ ପବିତ୍ରଆତ୍ମା ପାଇଛନ୍ତି ବୋଲି ଦାବି କରନ୍ତି ଓ ତାହା କରନ୍ତି?

121 ମୁଁ ସେହି ଦିନ ଓରେଗନ୍‌ରେ କହିଥିଲି । ସେଠାରେ ଜଣେ ମହିଳା ମୋତେ ଏକ ବହୁତ ବଡ଼ ଚିଠି ଲେଖିଥିଲେ । ସେ କହିଥିଲେ, "ଭାଇ ବ୍ରାନହାମ୍, ଆପଣଙ୍କର ଏକ ଅଦ୍ଭୁତ ସେବାକାର୍ଯ୍ୟ ରହିଛି, ମାତ୍ର ଆପଣ ନିଶ୍ଚିତ ଭାବରେ ଏହାକୁ ନଷ୍ଟ କରୁଅଛନ୍ତି ।" ସେ କହିଲେ, "ତେବେ, ତାହା ବିଷୟରେ କଅଣ?..." କହିଲେ, "ମୁଁ ସବୁବେଳେ ଓଭରଅଲ୍‌ସ୍ ବା ଲମ୍ବା ହାତ ଥିବା ସ୍ୱେଟର ଜ୍ୟାକେଟ୍ ପୋଷାକ ପିନ୍ଧିଥାଏ ।" କହିଲେ, "ତେବେ ତାହା ବିଷୟରେ କଅଣ ଯଦି ମୁଁ ବଗିଚାକୁ କୌଣସି—କୌଣସି ବଗିଚାର କିଛି ବିଷୟକୁ ତୋଳିବା ନିମନ୍ତେ ଯାଏ, ଏବଂ ଏକ ପୋଷାକ ପିନ୍ଧି ରହିଥାଏ । କଅଣ ଆପଣ ଏହା ଭାବୁ ନାହାଁନ୍ତି ଯେ ତାହା ଅନ୍ୟ କୌଣସି ପୋଷକ ପିନ୍ଧିବା ଅପେକ୍ଷା, କିମ୍ଵା ଡ୍ରେସ୍ ପିନ୍ଧିବା ଅପେକ୍ଷା, ଓଭରଅଲ୍‌ସ ପୋଷାକଟି ଅଧିକ ଭଲ ଦେଖାଯିବ, କିଅବା ଏହା ଯାହା କିଛି ବି ପୋଷାକ ପିନ୍ଧିବା ଅପେକ୍ଷା ଅଟେ?" ଏବଂ କହିଲେ, "ଦେଖନ୍ତୁ, ମୁଁ ପିଲାମାନଙ୍କ ସହିତ ପର୍ବତ ଉପରକୁ ଚଢି ଥାଏ ଯେତେବେଳେ ସେମାନେ ଗାଈଗୋରୁ ଚରାଇବା ନିମନ୍ତେ ଯାଆନ୍ତି, ଏବଂ," କହିଲେ, "ମୁଁ ମଶା-ସଂକ୍ରମିତ ଅଞ୍ଚଳ ମଧ୍ୟକୁ ଯାଇଥାଏ ।" କହିଲେ, "ତେବେ, ଏକ—ଏକ ପୋଷାକ ସହିତ, ସେମାନେ ତ ମୋତେ ଦଂଶନ କରି ପକାଇବେ । ମାତ୍ର ଓଭରଅଲ୍‌ସ ସହିତ ସେମାନେ ମୋତେ ହଇରାଣ କରନ୍ତି ନାହିଁ ।"

122 ମୁଁ କହିଲି, "ତାହା ତ ଅନାହାରରେ ମରିଯାଇଥିବା ଗୋଟିଏ କୁକୁଡ଼ାର ଛାଇରୁ ତିଆରି ହୋଇଥିବା ସେହି ଝୋଳଠାରୁ ମଧ୍ୟ ପତଳା ଅଟେ । ଦୟା ହେଉ! ଏଥିରେ ତ ପରମେଶ୍ୱରଙ୍କ ବାକ୍ୟର ଗୋଟିଏ ବି ବିଷୟ ନାହିଁ । ତାହା ଆପଣଙ୍କର ନିଜର ମତ ଅଟେ ।"

123 ପରମେଶ୍ୱର କହିଲେ, "ପ୍ରତ୍ୟେକ ଶବ୍ଦ ଏକ ମିଥ୍ୟା ହେଉ, ଏବଂ ତାହାଙ୍କର ସତ୍ୟ ହେଉ ।" ମୋର ପତ୍ନୀ ପୋଷାକ ପିନ୍ଧନ୍ତି । ସେ ବଗିଚାରେ ଜିନିଷ ତୋଳନ୍ତି । ତାହାଙ୍କୁ ଏହା ବିଷୟରେ କୌଣସି ଅସୁବିଧା ଲାଗେ ନାହିଁ । ଏବଂ, ଯାହା ବି ହେଉ, ଜଣେ ସ୍ତ୍ରୀଲୋକର ସେଠାରେ ସେହି ପୁରୁଷମାନଙ୍କର ଏକ ଗୋଷ୍ଠୀ ସହିତ, ଗୋରୁ ଗାଈ ଚରାଇବାରେ, ଯାହା ବି ହେଉ କୌଣସି କାମ ନାହିଁ । ତାଙ୍କୁ ତ ରୋଷେଇ ଘରେ ରହିବା ଉଚିତ୍ ଯେଉଁଠାରେ ସେ ଅନ୍ତର୍ଭୁକ୍ତ ଅଟନ୍ତି । ତାହା ଠିକ୍ ଅଟେ ।

124 ସେମାନେ କେବଳ ଏକ ବାହାନା ଖୋଜିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ସେଠାରେ କିଛି ନାହିଁ । ପରମେଶ୍ୱରଙ୍କ ବାକ୍ୟ ସରଳ, ଏବଂ ଜଣେ ସ୍ତ୍ରୀଲୋକ ଯିଏକି ପରମେଶ୍ୱରଙ୍କ ଆତ୍ମା

ଦ୍ୱାରା ଜାତ ହୋଇଥାଆନ୍ତି…ଏବଂ ଜଣେ ବ୍ୟକ୍ତି ଯିଏକି ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଜାତ ହୋଇଥାଆନ୍ତି କେବେବି ନିଜର ପତ୍ନୀଙ୍କୁ ସେହିପରି ଭାବରେ କାର୍ଯ୍ୟ କରିବାକୁ ଦେବେ ନାହିଁ। ସେ କଅଣ କହିଲେ? "ସେହି ସ୍ତ୍ରୀଲୋକ ଯିଏକି ନିଜର କେଶ କାଟେ, ତାର ମସ୍ତକକୁ ଅପମାନିତ କରେ।" ଏବଂ ତାଙ୍କ ସ୍ୱାମୀ ହେଉଛନ୍ତି ତାଙ୍କର ମସ୍ତକ। ସେ ଅପମାନଜନକ ଅଟେ।

125 ଉତ୍ତମ ହେବ ଯେ ମୁଁ ଚୁପ ହୋଇଯାଏ। ଠିକ୍ ଅଛି। ତେବେ, ଦେଖନ୍ତୁ, ଦେଖନ୍ତୁ, ତାହା ଯଥେଷ୍ଟ ଅଟେ। ଆପଣ ଜାଣନ୍ତି ଯେ ମୁଁ କେଉଁ ବିଷୟରେ କହୁଅଛି।

126 ମୁଁ ତାହା ଦ୍ୱେଷ ରଖି କହୁ ନାହିଁ। ଯଦି ମୁଁ ତାହା ଦ୍ୱେଷ ରଖି କହୁଥାଏ, ତେବେ ପରମେଶ୍ୱର ମୋର ପାପମୟ ହୃଦୟକୁ ଦୟା କରନ୍ତୁ; ମୋତେ ଏହି ଯଜ୍ଞବେଦୀରେ ହିଁ ଆଣ୍ଠୁପାତ କରି, ଅନୁତାପ କରିବାକୁ ଦିଅନ୍ତୁ।

127 ବନ୍ଧୁଗଣ, ମୁଁ ଏହାକୁ ଏଇଥି ପାଇଁ କହୁଅଛି, କାରଣ ମୁଁ ଆପଣମାନଙ୍କୁ ପ୍ରେମ କରେ। ଏବଂ ମୁଁ ଆପଣମାନଙ୍କୁ ତାହା କହିବାକୁ ଚେଷ୍ଟା କରୁଛି ଯାହାକି ସତ୍ୟ ଅଟେ, ଏବଂ ତାହା ହେଉଛି ପରମେଶ୍ୱରଙ୍କ ବାକ୍ୟ। ଆମକୁ ପରମେଶ୍ୱରଙ୍କ ସେହି କ୍ଷୁଦ୍ର ରବକୁ ଶୁଣିବାକୁ ଅଛି, ଯେପରିକି ବାକ୍ୟ ପର୍ଯ୍ୟନ୍ତ ପହଞ୍ଚିପାରୁ। ଆମେମାନେ ପରୀକ୍ଷଣର ଏକ ସମୟ ଦେଇ ଗତି କରୁଅଛୁ। ହାଲ୍ଲେଲୁୟା!

128 କଅଣ ଆପଣ ଏହା ହୃଦୟଙ୍ଗମ କଲେ କି ସେହି ପରୀକ୍ଷାର ସମୟ ଆସିଲା ପରେ, ସେହି ପୁତ୍ରର ସେହି ଶିକ୍ଷାଦାନ କରିବା ବିଷୟ ଯାହାକି ଏକ ନାମଧାରୀ ସଂସ୍ଥାଗତ ପରିବାରରେ ଜନ୍ମ ହୋଇଥିଲା? ଯଦି ସେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଯାଏ ଏବଂ ପିତାଙ୍କ ଇଚ୍ଛା ସହିତରେ ରୁହେ, ତାହହେଲେ ସେହି ବାଳକକୁ ବାହାରକୁ ନିଆଯାଏ ଏବଂ ତାକୁ ଏକ ବସ୍ତ୍ର ପିନ୍ଧାଯାଏ, ଏବଂ ସେଠାରେ ଏକ ସମାରୋହ ଆୟୋଜନ କରାଯାଏ। ଏବଂ ତାହାପରେ ସେହି ବାଳକକୁ ସେହି ପରିବାରରେ ସ୍ଥାପନ କରାଯାଏ ଯେଉଁଥିରେ ସେ ଜନ୍ମ ହୋଇଥିଲା।

129 ତାହାହିଁ ତ ଆଜି ଆମ ପେଣ୍ଟିକଷ୍ଟାଲ୍‌ମାନଙ୍କ ସହିତରେ ସମସ୍ୟା ଅଟେ। ସେମାନେ କେବଳ *ଏଠାରେ* ଓ *ସେଠାରେ* ଡିଆଁ ମାରନ୍ତି, ଏବଂ ଆମର ସଂସ୍ଥାଗୁଡିକ ସେମାନଙ୍କୁ *ଏହି* ପଟରେ ଓ *ସେହି* ଓଟରେ ଟାଣିଥାଆନ୍ତି। ସେମାନେ ବାକ୍ୟ ସହିତରେ ରୁହନ୍ତି ନାହିଁ।

130 ଯଦି ଆପଣ ବାକ୍ୟ ସହିତରେ ରହିବେ, ତେବେ ପରମେଶ୍ୱର, ଏହା ଦେଖି ଯେ, "ଯଦି ତୁମେମାନେ ମୋ ଠାରେ ରୁହ, ଏବଂ ମୋହର ବାକ୍ୟ ତୁମଠାରେ ରୁହେ," ତାହାଙ୍କର, ସେ ଏହାକୁ ଅସ୍ୱୀକାର କରିପାରନ୍ତି ନାହିଁ, ଏହା ତାହାଙ୍କର ବାକ୍ୟ ଅଟେ। ତେବେ ସେଠାରେ ଏକ ସମୟ ଆସିବ, କୌଣସି ସମୟରେ, ଯେତେବେଳେକି ଆପଣଙ୍କୁ ବାହାରକୁ ନିଆଯିବ ଏବଂ ଅଲଗା ବସାଯିବ, ଏବଂ ଏପରି କିଛି ବିଷୟ ଦିଆଯିବ ଯାହାକି ପ୍ରକୃତ ଅଟେ, ହାଲ୍ଲେଲୁୟା, ସର୍ବଶକ୍ତିମାନ ପରମେଶ୍ୱରଙ୍କ ଶକ୍ତି।

131 ଯାହାକି, ପରମେଶ୍ୱର ତାହାଙ୍କର ସନ୍ତାନମାନଙ୍କ ପାଇଁ ଅପେକ୍ଷା କରିଛନ୍ତି, ମାତ୍ର ସେମାନେ ହିଁ କେବଳ ଧାଡ଼ିରେ ଆସନ୍ତି ନାହିଁ, ଯେତେବେଳେ ସେମାନେ ସେହି ପରୀକ୍ଷାର ସମୟକୁ ଆସନ୍ତି। କଅଣ ଆପଣ ଏହାକୁ ଗ୍ରହଣ କରିବେ କି? "ତେବେ, ସେହି ମଣ୍ଡଳୀ ମୋତେ ବାହାର କରିଦେବ।" ଠିକ୍ ଅଛି। ସେଠାରେ ଆପଣ ଅଛନ୍ତି। ତାହହେଲେ, ଯାଆନ୍ତୁ। ତାହା ଅବ୍ରହାମଙ୍କ ବଂଶ ନୁହେଁ। ଅବ୍ରହାମଙ୍କ ବଂଶ ସେହିପରି ଭାବରେ ଆଚରଣ କରେ ନାହିଁ।

132 ଅବ୍ରହାମଙ୍କ ବଂଶ! ତେବେ, ମୋର ସେଥିରେ କିଛି ଫରକ୍ ପଡେ ନାହିଁ ଯେ ଅବ୍ରହାମଙ୍କ ବିରୁଦ୍ଧରେ କଅଣ ଆସିଥିଲା, ସେ ତ ଠିକ ସେହି ପ୍ରତିଜ୍ଞାର ବାକ୍ୟ ସହିତ ଲାଗି ରହିଥିଲେ, ଠିକ ତାହା ସହିତ ରହିଥିଲେ। ଯାଏ ଅସେ ନାହିଁ ଯେ ସାରା କିପରି ଆସିଥିଲେ, ଅନ୍ୟମାନେ କିପରି ଆସିଥିଲେ, ଭିନ୍ନ ଭିନ ଲୋକମାନେ କିପରି ଆସିଥିଲେ, ସବୁକିଛି, ସେ ତ ତାହା ସବୁ ନ ଥିଲା ପରି ଗଣନା କରିଥିଲେ। ସେ ଅନାଇଲେ, ସେ ବିଶ୍ୱାସ କଲେ ଯେ ସେ ପ୍ରତିଜ୍ଞାକୁ ଦେଖିପାରିବେ, କାରଣ ପରମେଶ୍ୱର ତାଙ୍କୁ ଏହା ପ୍ରତିଜ୍ଞା କରିଥିଲେ, ଏବଂ ଏହା ସହିତ ତାହାହିଁ ସବୁ କିଛି ସେଠାରେ ଥିଲା। ଏହା ତ ପରମେଶ୍ୱରଙ୍କ ବାକ୍ୟ, ତାଙ୍କଠାରେ ଠିକ୍ ରହିଥିଲା।

133 ତାହାପରେ ସେ ତାଙ୍କୁ ସେହି ଅନ୍ତିମ ପରୀକ୍ଷା ଦିଅନ୍ତି। "ମୁଁ ତାଙ୍କୁ ଏକ ଦୁଇଗୁଣ ଅଂଶ ଦେବି, ଏବଂ ତାଙ୍କୁ ପରୀକ୍ଷା କରିବି।" ବର୍ତ୍ତମାନ, ସେ ପୁତ୍ର ପାଇ ସାରିଛନ୍ତି। ସେ ଦେଖନ୍ତି ଯେ ସେ ପାଇଛନ୍ତି। "କିନ୍ତୁ ବର୍ତ୍ତମାନ ମୁଁ ତାଙ୍କୁ କହିବି, 'ସେହି ପୁଅକୁ ସେଠାରେ ଉପରକୁ ନେଇ ହତ୍ୟା କର।' ଏବଂ ସେହି ପୁଅକୁ, ଯେତେବେଳେ ସେ ଦେଖନ୍ତି...କଅଣ ସେ ସେହି ପୁଅକୁ ହତ୍ୟା କରିବେ କି? ମୁଁ ବର୍ତ୍ତମାନ ତାଙ୍କୁ ପରୀକ୍ଷା କରିବି।"

134 ଅବ୍ରହାମ, ବାକ୍ୟ ପ୍ରତି ସଚ୍ଚୋଟ! କିପରି, ଯେତେବେଳେ ଆପଣ ପ୍ରତିଜ୍ଞାକୁ ଗ୍ରହଣ କରନ୍ତି, ତେବେ ଆପଣ କିପରି ଭାବରେ ସେହି ଜିନିଷକୁ ଅଟକାଇବାକୁ ଯାଉଛନ୍ତି?

135 "ତୁମେ କିପରି—ତୁମେ କିପରି କରିବାକୁ ଯାଉଅଛ—ତୁମେ କିପରି ନାନା ଜାତିର ପିତା ହେବାକୁ ଆଶା କରୁଅଛ, ଏବଂ ଏଠାରେ ତୁମେ ବର୍ତ୍ତମାନ ଶହେ ପନ୍ଦର ବର୍ଷ ବୟସର ଅଟ?" ଛୋଟ ଇସ୍‌ହାକ, ପ୍ରାୟଃ ଚଉଦ, ପନ୍ଦର ବର୍ଷ ବୟସର ହୋଇଥିବ। "ତୁମେ କିପରି ନାନା ଜାତିର ପିତା ହେବାକୁ ଯାଉଅଛ ଯେତେବେଳେକି ତୁମେ ତ ଶହେ ପନ୍ଦର ବର୍ଷ ବୟସର ଅଟ, ଏଠାରେ ତୁମର ଏକମାତ୍ର ସନ୍ତାନ ଅଛି, ଏବଂ ତୁମ ପାଖରେ ରହିଥିବା ଏକମାତ୍ର ପ୍ରମାଣକୁ ତୁମେ ନଷ୍ଟ କରିବାକୁ ଯାଉଅଛ?" ଆମେନ୍।

136 "ଯଦି ମୁଁ ମୋ ମୋର ସଂଗଠନରୁ ବାହାରି ଯାଏ ତେବେ ମୁଁ ଏହାକୁ କିପରି ପ୍ରାପ୍ତ କରିବାକୁ ଯାଉଅଛି? ଯଦି ମୁଁ *ଏହା* କରେ ତେବେ ମୁଁ ଏହାକୁ କିପରି ଭାବରେ ହାସଲ କରିବାକୁ ଯାଉଅଛି?" ଓଃ, ସେହି ଶାନ୍ତ କ୍ଷୁଦ୍ର ରବକୁ ଶୁଣନ୍ତୁ ଏବଂ ବାକ୍ୟ, ସେହି ବାକ୍ୟ ନିକଟକୁ ଆସନ୍ତୁ।

137 ଆପଣ କହିବେ, "ମୁଁ ଏକ ସ୍ୱରକୁ ମୋତେ *ଏହା* କହୁଥିବାର ଶୁଣିଲି।" ଯଦି ଏହା

ବାକ୍ୟର ବିରୁଦ୍ଧାତ୍ମକ ଅଟେ, ତେବେ ଏହା ପରମେଶ୍ୱରଙ୍କ ସ୍ୱର ନୁହେଁ । ପରମେଶ୍ୱରଙ୍କ ସ୍ୱର ତ ବାକ୍ୟ ନିକଟକୁ ଆସେ ।

138 ତେବେ ଅବ୍ରହାମ ଠିକ ସେହି ସ୍ଥାନକୁ ସେହି ରବ ନିକଟକୁ ଚାଲିକରି ଗଲେ, ଏବଂ ପରମେଶ୍ୱରଙ୍କର, ଶାନ୍ତ କ୍ଷୁଦ୍ର ରବ, ପରମେଶ୍ୱରଙ୍କ ବାକ୍ୟ ନିକଟକୁ, ଯେ ତାଙ୍କୁ ନିଜର ପୁତ୍ରର ଜୀବନକୁ ନିଶ୍ଚିତ ଭାବରେ ନେବା ଆବଶ୍ୟକ ।

139 ସେ କହିଲେ, "ଅବ୍ରହାମ, ତୁମର ହାତକୁ ଦୂରେଇ ରଖ । ମୁଁ ବର୍ତ୍ତମାନ ଜାଣେ ଯେ ତୁମେ ମୋତେ ପ୍ରେମ କର । ଏବଂ ତୁମ ପରେ ସେସମସ୍ତେ, ହାଲ୍ଲେଲୁୟା, ସେମାନେ ସମସ୍ତେ ଯେଉଁମାନେକି ତୁମ ପରେ ଆସିବେ, ଯେଉଁମାନେକି ମୋ ବାକ୍ୟ ଗ୍ରହଣ କରିବାକୁ ଇଚ୍ଛୁକ ହେବେ, ଏହା ତୁମର ବଂଶ ହେବେ, ଏବଂ ସେଠାରେ ସେ ଶତ୍ରୁର ନଗରଦ୍ୱାରକୁ ଅଧିକାର କରିବେ ।"

140 ମୋର ଇଚ୍ଛା ଯେ କାଳେ ମୋ ପାଖରେ ଆପଣମାନଙ୍କୁ ସେହି ବିଷୟରେ କହିବା ନିମନ୍ତେ ସମୟ ରହି ପାରିଥାନ୍ତା ଯାହାକି କିଛି ଦିନ ପୂର୍ବେ ଘଟିଥିଲା, ଦେଖନ୍ତୁ, ଯାହାକିଛି ଘଟିଥିଲା । ଓଃ, ମୋର ପ୍ରଭୁ!

141 "ତୁମ ପରେ ତୁମର ବଂଶ; ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବେ । ଅବ୍ରହାମ, ଯିଏ ତୁମକୁ ଆଶୀର୍ବାଦ କରିବ ସେ ଆଶୀର୍ବାଦପ୍ରାପ୍ତ ହେବ, ଏବଂ ଯିଏ ତୁମକୁ ଅଭିଶାପ ଦେବ, ସେ ଅଭିଶପ୍ତ ହେବ ।" ଯୀଶୁ କହିଲେ, "ଉତ୍ତମ ହେବ ଯେ ତୁମ ଗଳାରେ ଏକ ଚକି ପଥର ବନ୍ଧାଯାଇ, ଗଭୀର ସମୁଦ୍ରରେ ପକାଇ ଦିଆଯାଆନ୍ତା ।"

142 ଏବଂ ଏହି ସଂସ୍ଥାଗୁଡ଼ିକ ଯେଉଁମାନେକି ସେହି ଧାର୍ମିକ ଲୋକମାନଙ୍କୁ ବାହାର କରି ଦେଇଛନ୍ତି, ଯେହେତୁ ସେମାନେ ସତ୍ୟ, ସେହି ବାକ୍ୟ, ଏବଂ ପରମେଶ୍ୱରଙ୍କ ଆତ୍ମା ଓ ଶକ୍ତି ସପକ୍ଷରେ ଛିଡା ହୋଇଥିଲେ, ଏବଂ ବାକ୍ୟ ସହିତ ରହିଥିଲେ, ଆପଣ ଦେଖନ୍ତୁ ଯେ କଅଣ ଘଟିତ ହୋଇଥିଲା? ଆପଣ ବିସ୍ମୃତିର ସମୁଦ୍ରରେ ପକା ଯାଇଛନ୍ତି ।

143 "ଏହି ଅଭିଷିକ୍ତମାନଙ୍କ ମଧ୍ୟରୁ ଛୋଟରୁ ଛୋଟକୁ ଅପମାନିତ କରିବା ଅପେକ୍ଷା, ଉତ୍ତମ ହେବ ଯେ ତୁମ ଗଳାରେ, ଏକ ଚକି ପଥର ବନ୍ଧାଯାଇ ଗଭୀର ସମୁଦ୍ରରେ ପକାଇ ଦିଆଯାଏ ।" ସେମାନେ କଅଣ ଅଟନ୍ତି? ଅବ୍ରହାମଙ୍କ ବଂଶ ଯିଏକି ପ୍ରତିଜ୍ଞାର ବାକ୍ୟ ସହିତଫରେ ରହିଥିଲେ ।

144 ଆମମାନଙ୍କର କେତେକ ମଣ୍ଡଳୀ ଏପରି ସ୍ଥାନକୁ ପହଞ୍ଚିଛନ୍ତି ଯେଉଁଠାରେକି ସେମାନେ ଅସ୍ୱୀକାର କରନ୍ତି, ସେମାନେ ଈଶ୍ୱରୀୟ ଆରୋଗ୍ୟତାକୁ ଅସ୍ୱୀକାର କରନ୍ତି, ସେମାନେ ନିଜ ମଣ୍ଡଳୀରେ ଏହାକୁ ଆଉ ଅଧିକ ଚାହାଁନ୍ତି ନାହିଁ । ତାହା ଠିକ୍ । ଆମର ପେଣ୍ଟିକଷ୍ଟାଲ୍ ସଂଗଠନଗୁଡ଼ିକ ଆଉ ଅଧିକ ଈଶ୍ୱରୀୟ ଆରୋଗ୍ୟତାକୁ ଚାହୁଁ ନାହାଁନ୍ତି । ଏହା କଅଣ ଅଟେ? କଅଣ ଆପଣ ତାହା ଦେଖୁ ନାହାଁନ୍ତି ଯେ ଶୟତାନ କିପରି କାମ କରିଛି? ସେ ସେଠାରେ ଆଖପାଖରେ ପହଞ୍ଚି ସେହିପରି କେତେକ ଭଣ୍ଡ କଥାଗୁଡିକ କହିଅଛି । ଏବଂ ଠିକ ବୌଦ୍ଧିକ

ଲୋକମାନେ ଭାବୁଛନ୍ତି ଯେ ସେମାନେ ଆତ୍ମିକ ଅଟନ୍ତି, ଏବଂ ତାହା ଦେଖନ୍ତି, ଓ କୁହନ୍ତି, "*ସେହିଟାକୁ ଦେଖ । ସେହିଟାକୁ ଦେଖ ।*" ମୁଁ ତାହାକୁ ଦେଖୁ ନାହିଁ ।

145 ଯଦି ଆପଣ ଅବ୍ରହାମଙ୍କ ବଂଶ ଅଟନ୍ତି, ତେବେ ଆପଣ ପରମେଶ୍ଵରଙ୍କ ପ୍ରତିଜ୍ଞାକୁ ଅନାଇବେ, ଯେ ପରମେଶ୍ଵର ଏହା ବିଷୟରେ କଅଣ କରିବାକୁ କହିଛନ୍ତି । ତାହାହିଁ ଏହା ଅଟେ । ଅବ୍ରହାମଙ୍କ ବଂଶ, ଆମେମାନେ ଏକ ପ୍ରତିଜ୍ଞାକୁ ଦେଖୁଅଛୁ । ମୋର ସେଥିରେ କିଛି ଯାଏ ଆସେ ନାହିଁ ଯେ କେତେ ଜଣ *ଏହି* ପଟରେ ପଡ଼ନ୍ତି ଏବଂ କେତେ ଜଣ *ସେହି* ପଟରେ ପଡ଼ନ୍ତି । ସେହି ପ୍ରତିଜ୍ଞାଟି ସତ୍ୟ ରହିଥାଏ ।

146 ଆପଣଙ୍କୁ ତ ସେହି ପରୀକ୍ଷାଗୁଡିକ ଦେଇ ଆସିବାକୁ ପଡିବ । ବୁଝିଲେ? ହଁ । ଅବ୍ରହାମ, ପ୍ରଥମେ ପରୀକ୍ଷା କରାଗଲେ, ଏବଂ ତାହାପରେ ମୁଦ୍ରାଙ୍କିତ କରାଗଲେ, ତାହାପରେ ସେହି ପ୍ରତିଜ୍ଞାଟି ଦିଆଗଲା ଯେ "ତାଙ୍କର ବଂଶ ଶତ୍ରୁଗଣର ନଗରଦ୍ଵାରକୁ ଅଧିକାର କରିବେ ।" ମୋତେ ତାହା ଭଲ ଲାଗେ । ତାହାପରେ, ସେମାନେ ପରୀକ୍ଷା କରା ଯିବା ପରେ ସେମାନଙ୍କର ଶତ୍ରୁଗଣର ନଗରଦ୍ଵାରକୁ ଅଧିକାର କଲେ ।

147 ଏହାର ମୂଖ୍ୟ ବିଷୟଟି ହେଉଛି ଯେ, ଆମେମାନେ ପରୀକ୍ଷାକୁ ସହ୍ୟ କରିପାରି ନ ଥାଉ । ସେହି କାରଣ ଯୋଗୁଁ ହିଁ ତ ଆମର ସଂଗଠନଗୁଡିକ ପରୀକ୍ଷାକୁ ସହ୍ୟ କରିପାରନ୍ତି ନାହିଁ । ଏହା ପରମେଶ୍ଵରଙ୍କ ଇଚ୍ଛା ନୁହେଁ । ଏହା ହେଉଛି, ପରମେଶ୍ଵର ଏହାକୁ ଆଶୀର୍ବାଦ କରିଛନ୍ତି, ମାତ୍ର ଏହା ପରମେଶ୍ଵରଙ୍କ ଇଚ୍ଛା ନୁହେଁ । କାରଣ, ଦେଖନ୍ତୁ, ଆପଣଙ୍କ ପାଖରେ ଏଠାରେ ପୁରୁଷମାନଙ୍କର ଏକ ସଂପୂର୍ଣ୍ଣ ଗୋଷ୍ଠୀ ଅଛି ଯାହାଙ୍କ ପାଖରେ ଅନେକ ଧାରଣାଗୁଡିକ ରହିଛି, ଏବଂ ସେମାନେ ସେଗୁଡିକୁ ଏକତ୍ର ମିଶାଇ ଦିଅନ୍ତି ଏବଂ ଯଥାସମ୍ଭବ ସର୍ବୋତ୍କୃଷ୍ଟ ବିଷୟକୁ ନେଇକରି ଆସନ୍ତି । ସେମାନଙ୍କ ମଧ୍ୟରୁ କେତେକ କୁହନ୍ତି, "*ଏହା* ଜଣେ ବଡ ଲୋକ ଅଟନ୍ତି । ଆପଣ ତାଙ୍କ କଥାକୁ ଅସ୍ଵୀକାର କରିପାରନ୍ତି ନାହିଁ ।" ତେବେ, ଠିକ୍ ସେହି ସମାନ ପ୍ରକାରେ ହିଁ ତ କ୍ୟାଥୋଲିକ୍ ମଣ୍ଡଳୀ ସଂଗଠିତ ହୋଇଅଛି, ସମାନ କଥା, ବୌଦ୍ଧିକ ବିଶ୍ଵାସୀମାନଙ୍କର ଏକ ସମଷ୍ଟି ଉପରେ । ବୁଦ୍ଧିଜୀବୀମାନେ, ସେମାନେ ଏହାକୁ ଦେଖନ୍ତି, ସମୟ ସହିତ ଏହାକୁ ଖାପ ଖୁଆଇ ଚାଲନ୍ତି । ଆପଣ ତାହା କରିପାରନ୍ତି ନାହିଁ । ପରମେଶ୍ଵରଙ୍କ ବାକ୍ୟକୁ କେବଳ ଛାଡ଼ି ଦେଲେ ବାକି ସବୁକିଛି ମିଥ୍ୟା ଅଟେ ।

148 ଅବ୍ରହାମ ପରମେଶ୍ଵରଙ୍କ ପ୍ରତିଜ୍ଞାକୁ ଛାଡ଼ି କଦାପି ଅନ୍ୟ କୌଣସି ବିଷୟକୁ ଚାହିଁଲେ ନାହିଁ । ଯାଏ ଆସେ ନାହିଁ ଯେ ତାହା କଅଣ ଥିଲା, ସେ ପରମେଶ୍ଵରଙ୍କ ପ୍ରତିଜ୍ଞା ସହିତ ରହିଥିଲେ ।

149 ତେବେ ତାହାହିଁ ସେହି କାରଣ ଯେ ଆମେ ଆଉ ଅଧିକ ପାଉ ନାହୁଁ । ଗୋଟିଏ ସଂସ୍ଥା ଶତ୍ରୁର ନଗରଦ୍ଵାରକୁ ଅଧିକାର କରିପାରେ ନାହିଁ । ସେଠାରେ ବହୁତ ଅଧିକ ସଂଖ୍ୟାରେ ଜଟିଳ ମନଗୁଡିକ ରହିଛି ।

150 ଏହାକୁ ତ ଗୋଟିଏ ବ୍ୟକ୍ତିଙ୍କୁ ନେବାକୁ ଅଛି, ଯିଏକି ଶତ୍ରୁର ନଗରଦ୍ୱାରକୁ ଅଧିକାର କରନ୍ତି । ଯଦି ଆପଣ ଚାହାଁନ୍ତି ଆପଣ ତାହା କରିପାରନ୍ତି । ହଁ, ଆଜ୍ଞା ।

151 ଆସନ୍ତୁ ଆମେମାନେ ଅଳ୍ପ କିଛି ମିନିଟ୍ ପାଇଁ, କେତୋଟି ବ୍ୟକ୍ତିମାନଙ୍କୁ ଦେଖିବାକୁ ଚେଷ୍ଟା କରିବା, ଯେ ସେମାନେ ଶାସ୍ତ୍ର ସହିତରେ ରହିଥିଲେ କି ନାହିଁ ।

152 ତେବେ, ବାବିଲ୍‌ରେ ଏପରି ଏକ ସମୟ ଥିଲା ଯେତେବେଳେକି ସେଠାରେ ଏକ—ଏକ ପ୍ରତିମା ସ୍ଥାପନ କରା ଯାଇଥିଲା, ବହୁତ କିଛି ସେହି କ୍ୟାଥୋଲିକ୍ ମଣ୍ଡଳୀର ଏକ ସୁନ୍ଦର ପ୍ରତିରୂପକ ପରି, ଏବଂ ଯେଉଁମାନେ ସମସ୍ତେ ସେହି ପ୍ରତିମାକୁ ପ୍ରଣାମ ନ କରିବେ ସେମାନଙ୍କୁ ନିଆଁ ଭାଟିରେ ଦଗ୍ଧ କରି ଦିଆଯିବ । ତେବେ, ଏହା ଏକ ଚରମ ପରାକାଷ୍ଠା ଥିଲା, ଯେ ସେମାନେ ତାହା ପ୍ରତି ରହିବାକୁ ଯାଉଥିଲେ କି ନାହିଁ, ଯେତେବେଳେ ପରମେଶ୍ୱର ଏହା କହିଥିଲେ, "ମୋ ସମ୍ମୁଖରେ ତୁମର ଅନ୍ୟ କୌଣସି ଦେବତା ହେବେ ନାହିଁ, କିମ୍ବା କୌଣସି ପ୍ରତିମା ତିଆରି କରିବ ନାହିଁ ।" ତାହାହିଁ ଥିଲା ଯାହାକି ପରମେଶ୍ୱର କହିଥିଲେ । ସେହି ଚରମ ପରାକାଷ୍ଠା ଆସିଲା ।

153 ଅବଶିଷ୍ଟ ସମସ୍ତ ଇସ୍ରାଏଲ ସେହି ଧାଡିରେ ଚାଲିଗଲେ । ଏବଂ ଯେତେବେଳେ ତୂରୀଶବ୍ଦ ହେଲା, ଏବଂ ସେହି—ଏବଂ ସେହି ସ୍ତୋତଗୁଡିକ ଗାନ କରାଗଲା, ଏବଂ ସେହି—ଏବଂ ସେହି ବଂଶୀ ବାଜିଲା, କାହିଁକି, ସେମାନେ ସମସ୍ତେ ଏହି ପ୍ରତିମା ଆଗରେ ଦଣ୍ଡବତ କଲେ ।

154 ମାତ୍ର ସେମାନଙ୍କ ମଧ୍ୟରୁ ତିନିଜଣ ଥିଲେ ଯେଉଁମାନେକି କହିଲେ, "କିଛି କରିବୁ ନାହିଁ ।" ସେମାନେ ସେହି ଶାନ୍ତ କ୍ଷୁଦ୍ର ରବକୁ ଶୁଣିଥିଲେ, ଏବଂ ସେମାନେ ବାକ୍ୟ ସହିତରେ ଛିଡା ରହିଲେ । ସେମାନେ କଅଣ କରିଥିଲେ? ବାକ୍ୟ ସହିତ ଛିଡା ରହିଲେ ।

155 ଏବଂ ଏହା ପରେ, ସେମାନେ—ସେମାନେ—ସେମାନେ କହିଲେ, "ଯଦି ତୁମେମାନେ ଏହା ନ କର…ଆମେମାନେ ତୁମକୁ ଆଉ ଏକ ସୁଯୋଗ ଦେବୁ, ନତୁବା ଆମେ ତୁମମାନଙ୍କୁ ସେହି ନିଆଁ ଭାଟିରେ ପକାଇ ଦେବୁ ।"

156 କହିଲେ, "ଆମ ପରମେଶ୍ୱର ଆମକୁ ସେହି ଜ୍ୱଳନ୍ତା ନିଆଁ ଭାଟିରୁ ଉଦ୍ଧାର କରିବାକୁ ସକ୍ଷମ ଅଟନ୍ତି ।" [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।] "କିନ୍ତୁ, ତଥାପି, ଆମେମାନେ ସେହି ବାକ୍ୟ ସହିତରେ ଛିଡା ରହିବୁ ।"

157 ତେବେ, ଭାଇ, ଆପଣମାନଙ୍କ ବିଷୟରେ କଅଣ? "ଭାଇ ବ୍ରାନହାମ୍ ମୁଁ କଅଣ କରିବି?" ବାକ୍ୟ ସହିତରେ ରୁହନ୍ତୁ । ପ୍ରତିଜ୍ଞା ସହିତରେ ରୁହନ୍ତୁ । "ମୋର ମଣ୍ଡଳୀ ସମସ୍ତେ ମୋ ଠାରୁ ଦୂରେଇ ଯିବେ ।" ପ୍ରତିଜ୍ଞା ସହିତରେ ରୁହନ୍ତୁ । ସେମାନଙ୍କୁ ତ ଯେକୌଣସି ଉପାୟରେ ବି, ମଳିନ ହେବାକୁ ହିଁ ଅଛି, କୌଣସି ଦିନେ ଚାଲିଯିବାକୁ ଅଛି । ମାତ୍ର, ପରମେଶ୍ୱର ଯିବେ ନାହିଁ । ପ୍ରତିଜ୍ଞା ସହିତରେ ରୁହନ୍ତୁ । "ତେବେ, ମୁଁ ଆପଣଙ୍କୁ କହୁଛି, ସେମାନେ ମୋତେ ଲାତ ମାରି ତଡି ଦେବେ ।" ସେହି ପ୍ରତିଜ୍ଞା ସହିତରେ ରୁହନ୍ତୁ, ଠିକ ସେହି ସମାନ ଭାବରେ । ଆପଣ ଠିକ ସେହି ପ୍ରତିଜ୍ଞା ସହିତରେ ରୁହନ୍ତୁ । ତେବେ, ଯଦି ଆପଣ ସେହି ପ୍ରତିଜ୍ଞା ସହିତରେ

ରହିପାରନ୍ତି ପୁଣି ଠିକ ସେଠାରେ ରହିପାରନ୍ତି, ତାହାହେଲେ ଠିକ ସେମାନଙ୍କ ସହିତରେ ରହିଥାଆନ୍ତୁ।

158 ସମସ୍ତଙ୍କ ସହିତ ସହଭାଗିତା କରନ୍ତୁ। ମାତ୍ର ତେବେ ଏଠାରେ, ବର୍ତ୍ତମାନ, ଆପଣ ସମସ୍ତଙ୍କ ସହିତ ସହଭାଗିତା କରିବା ବ୍ୟତୀତ, ଅନ୍ୟ କୌଣସି ଉପାୟରେ କଦାପି ଜିତିବ ନାହିଁ। ଆପଣଙ୍କୁ ତ କରିବାକୁ ହିଁ ଅଛି। ତେବେ, ଯେତେବେଳେ ସେମାନେ ଏତେ ଅଧିକ ମନ୍ଦ ହୋଇଯାଆନ୍ତି, ସେମାନେ ଅନୈତିକ ଅଟନ୍ତି, ସେତେବେଳେ ଏଥିରୁ ଦୂରେଇ ହୋଇଯାଆନ୍ତୁ। ତାହା ଠିକ୍। ଶତ୍ରୁର ପରିସର ମଧ୍ୟକୁ ଯାଆନ୍ତୁ ନାହିଁ। ମାତ୍ର ଯେପର୍ଯ୍ୟନ୍ତ ଆପଣ ନିଜର ଭାଇକୁ ଜିତିବାକୁ ଚେଷ୍ଟା କରୁଛନ୍ତି, ତାହା ଅଲଗା ଅଟେ। ବୁଝିଲେ?

159 ତେବେ ଦେଖନ୍ତୁ, ମାତ୍ର ଆପଣ କଦାପି ସଂଗଠନର ମତକୁ ଜିତିବେ ନାହିଁ, ଜଣେ ବ୍ୟକ୍ତି, ନା, ମହାଶୟ, ଯେତେବେଳେକି, ସେମାନଙ୍କ ପାଖରେ ସେମାନଙ୍କର ନିୟମାବଳୀ ରହିଛି, "ଆମେମାନେ *ଏହା* ବିଶ୍ୱାସ କରୁ," ଅବଧି। ଯଦି ଆପଣ ନିଜର ସିଦ୍ଧାନ୍ତକୁ ଲେଖି ଦେବେ, "ଆମେମାନେ *ଏହା* ବିଶ୍ୱାସ କରୁ," ଅଳ୍ପବିରାମ, ତେବେ ଏହା ଅଲଗା ହେବ। ଗୋଟିଏ ଅବଧିର ଅର୍ଥ ହେଉଛି, "ଆମେମାନେ *ଏହା* ବିଶ୍ୱାସ କରୁ, ଏବଂ ଆପଣଙ୍କୁ *ଏହି* ସହମତିରେ ଆସିବାକୁ ଅଛି ଏବଂ ଏହି କାଗଜରେ ଦସ୍ତଖତ କରିବାକୁ ଅଛି, ନୋହିଲେ ଏହା ବିଷୟରେ ତାହାହିଁ କେବଳ ସେତିକି ଅଟେ।"

160 ମାତ୍ର ଯଦି ଆପଣ କହିବେ, "ଆମେ *ଏହା*କୁ ବିଶ୍ୱାସ କରୁ," ଅଳ୍ପବିରାମ, "ଯୋଗ ଏଥି ସହିତ ଆମେ ପରମେଶ୍ୱରଙ୍କଠାରୁ ଯେତେ ଅଧିକ ଶିଖିପାରୁ। ଆମେମାନେ ପବିତ୍ରଆତ୍ମାଙ୍କ ପାଇଁ ମୁକ୍ତ ଅଟୁ," ତାହାହେଲେ ଆପଣ ଆଗକୁ ଯାଉଅଛନ୍ତି, ଭାଇ। ହଁ। ତାହା ବର୍ତ୍ତମାନ ଅଲଗା ହେବାକୁ ଯାଉଅଛି।

161 ମାତ୍ର, ଆପଣ ଦେଖନ୍ତୁ, ଯଦି ଆପଣ ଏହାକୁ ଏକ ଅବଧି ସହିତ ଲେଖିଛନ୍ତି, ଏବଂ ପରମେଶ୍ୱର ଦେଇଥିବା ଅନ୍ୟ କୌଣସି ବିଷୟ ଆସିଥାଏ, ଏହା ତାହାଙ୍କର ବାକ୍ୟ, ସେହି ସତ୍ୟ ବୋଲି ପ୍ରମାଣିତ ହୋଇଥାଏ, ତାହାହେଲେ ଆପଣ ଆଉ ଘୁଞ୍ଚି ପାରନ୍ତି ନାହିଁ, କାରଣ ଏହା ହେଉଛି "ଅବଧି।" ତାହା ଏହାକୁ ଶେଷ କରିଦିଏ। ସେହିଠାରେ ହିଁ ତ ଲୁଥରାନ୍‌ମାନଙ୍କର ମୃତ୍ୟୁ ହୋଇଥିଲା। ସେହିଠାରେ ତ ମେଥୋଡିଷ୍ଟମାନେ ମରି ଯାଇଥିଲେ। ସେହିଠାରେ ହିଁ ତ ବାପ୍ଟିଷ୍ଟମାନେ ମୃତ ହୋଇଗଲେ। ସେହିଠାରେ ହିଁ ତ ପ୍ରେସ୍‌ବିଟେରିଆନ୍‌ମାନେ ମରି ଯାଇଥିଲେ। ଏବଂ ସେହିଠାରେ ହିଁ ତ ପେଣ୍ଟିକଷ୍ଟାଲ୍‌ମାନେ ମରୁଛନ୍ତି। ତାହା ଠିକ୍ ଅଟେ। ତାହା ଠିକ୍ ଅଟେ। ସେମାନେ ଠିକ ସେହିଠାରେ ହିଁ ମରିଯାଆନ୍ତି, କେବଳ ଦେଖନ୍ତୁ,' କାରଣ ଏହା—ଏହା ଆଗରୁ ଲେଖା ହୋଇସାରିଛି। ସେଠାରେ ଆଉ କିଛି ନାହିଁ ଯାହାକି ଆପଣ—ଆପଣ ଏଥିରେ ଯୋଗ କରିପାରନ୍ତି କିମ୍ବା ଏଥିରୁ କିଛି ଲୋପ କରିପାରନ୍ତି। ଏହା ତ—ଏହା ତ ସେଠାରେ ଅଛି। ତାହା ଆପଣଙ୍କର ଶିକ୍ଷା ଅଟେ।

162 ଲୁଥରାନ୍ ପବିତ୍ରୀକରଣ ଗ୍ରହଣ କରିପାରିବେ ନାହିଁ। ନା, ଅଜ୍ଞା। ସେ କହି ସାରିଛନ୍ତି,

"ଧାର୍ମିକମାନେ ବିଶ୍ୱାସ ଦ୍ୱାରା ବଞ୍ଚିବେ।" ମାର୍ଟିନ ଲୁଥର୍ ନୁହଁନ୍ତି; କିନ୍ତୁ ତାଙ୍କୁ ଅନୁକରଣ କରୁଥିବା ସେହି ଦଳଟି । ତାହା ଠିକ୍ ଅଟେ ।

163 ଜନ୍ ୱେସ୍‌ଲି ନୁହେଁ; କିନ୍ତୁ ତାଙ୍କୁ ଅନୁସରଣ କରୁଥିବା ସେହି ଦଳଟି । ତାହା ଠିକ୍ ଅଟେ ।

କାଲ୍‌ଭିନ ନୁହେଁ; ମାତ୍ର ତାଙ୍କୁ ଅନୁସରଣ କରୁଥିବା ସେହି ଦଳଟି ।

164 ବାପ୍‌ଟିଷ୍ଟ ମଣ୍ଡଳୀର ଜନ୍ ସ୍ମିଥ୍ ନୁହଁନ୍ତି, ଯିଏକି ରାତ୍ରି ସମୟରେ, ମଣ୍ଡଳୀ ନିମନ୍ତେ, ଏତେ କଠିନ ଭାବରେ ପ୍ରାର୍ଥନା କରିଥିଲେ, ଯେ ଏପରିକି ତାଙ୍କ ଆଖିଗୁଡିକ ଫୁଲି ଯାଇଥିଲା; ଏବଂ ତାଙ୍କ ପତ୍ନୀଙ୍କୁ ତାଙ୍କୁ ମେଜ ନିକଟକୁ, କଢାଇ ନେବାକୁ ପଡିଥିଲା ଏବଂ ଏକ ଚାମଚରେ ତାଙ୍କୁ ଖୁଆଇବାକୁ ପଡିଥିଲା । ସେ ନୁହଁନ୍ତି; ମାତ୍ର ତାଙ୍କୁ ଅନୁସରଣ କରୁଥିବା ବାପ୍‌ଟିଷ୍ଟମାନଙ୍କର ଏହି ଦଳଟି, ସେହି ସଂଗଠନ ଯାହାକି ତାଙ୍କ ପଛରେ ଆସିଥିଲା ।

ଆଲେକଜାଣ୍ଡାର୍ କ୍ୟାମ୍ପବେଲ୍ ନୁହଁନ୍ତି; ମାତ୍ର ତାହାଙ୍କୁ ଅନୁସରଣ କରୁଥିବା ଲୋକମାନେ ।

165 ପ୍ରାରମ୍ଭରେ ରହିଥିବା ପେଣ୍ଟିକଷ୍ଟାଲ୍ ଆନ୍ଦୋଳନ ନୁହେଁ, ଯେଉଁମାନଙ୍କ ପାଖରେକି ସମସ୍ତ ବିଷୟ ସର୍ବସାଧାରଣ ରହିଥିଲା, ଏବଂ ସମସ୍ତଙ୍କ ସହିତ ସହଭାଗୀତା କରୁଥିଲେ; ମାତ୍ର ସେହି ଗୋଷ୍ଠୀ ଯେଉଁମାନେକି ଆସି କହିଥିଲେ, "ନା । ଆମେ ତ *ଏହା* ଅଟୁ, ଏବଂ ଆମେ ତ *ଏହା* ଅଟୁ । ଏବଂ *ଏଗୁଡ଼ିକ* ହେଉଛି ସମସ୍ୟା, ଏବଂ ତାହା ହେଉଛି ଏହା!" ("ବିଶ୍ୱାସ ନ ଥିବା ପରି ମନେ କରି, ନିଜକୁ ପରୁଥକୀକୃତ କରିଥାନ୍ତି ।") ଠିକ୍ । ତାହା ହିଁ ଏହାକୁ କରିଥିଲା । ସେଠାରେ ସେହି ମନ୍ଦ ବିଷୟ ଅଟେ । ଆମେନ୍ । ମୁଁ ଆଜି ସକାଳେ, ଧାର୍ମିକ ଅନୁଭବ କରୁଛି ।

166 ସେହି ଏବ୍ରୀ ବାଳକମାନେ, ସେମାନେ ସେହି ପରୀକ୍ଷାର ସମ୍ମୁଖୀନ ହୋଇସାରିବା ପରେ, ଯେ ସେମାନେ ପ୍ରତିଜ୍ଞାର ବାକ୍ୟ ନିମନ୍ତେ ଛିଡା ହେବେ, କି ନାହିଁ, ସେମାନଙ୍କୁ ଏକ ପରୀକ୍ଷାରେ ପକାଗଲା । ଏବଂ ସେମାନେ କଅଣ କଲେ? ସେମାନେ ଶତ୍ରୁର ନଗରଦ୍ୱାରକୁ ଅଧିକାର କଲେ । ଆମେନ୍ । କାହିଁକି? ସେମାନେ ବାକ୍ୟରେ ଛିଡା ରହିଲେ ।

ବାକ୍ୟ ସହିତରେ ରୁହନ୍ତୁ, ସେହି ପରମେଶ୍ୱରଙ୍କ ରବ ସହିତରେ ରୁହନ୍ତୁ ଯାହାକି ଆପଣଙ୍କୁ କଥା କହିଥାଏ ।

167 ତେବେ, ସମସ୍ତ ଯୁକ୍ତି କହିଲା, "ତେବେ, ଦେଖ । ବାବିଲ, ଏହା କୌଣସି ଭିନ୍ନ ହେବ ନାହିଁ । କାରଣ, ଆମେମାନେ, ଯେତେବେଳେ ଆମେମାନେ ଏହି ପ୍ରତିମା ସମ୍ମୁଖରେ ପ୍ରଣାମ କରିବା, ଆମେ ଯେକୌଣସି ଭାବରେ ବି, ପରମେଶ୍ୱରଙ୍କୁ ହିଁ ଉପାସନା କରିବା । ତେବେ, ଯଦି ଆମେମାନେ ଏହାକୁ ଏହିପରି ଭାବରେ କରିବା, ତାହାହେଲେ ଆମର ଅଭିପ୍ରାୟ ଏହିପରି ଭାବରେ ହେବ ।"

ପରମେଶ୍ୱର ଯେପରି କହିଛନ୍ତି ତାହାକୁ ସେହିପରି କରନ୍ତୁ ।

168 କଅଣ ହୁଏ ଯଦି ପରମେଶ୍ୱର କହିଥାଆନ୍ତେ, "ମୋଶା, ତୁମର ଜୋତା କାଢ, ମୋଶା। ତୁମେ ପବିତ୍ର ଭୂମିରେ ଅଛ।"

169 ମୋଶା କହିବେ, "ହେ ପ୍ରଭୁ, ତୁମର ଧନ୍ୟବାଦ ହେଉ। ମୁଁ ନିଶ୍ଚିତ ଭାବରେ ତୁମ ଠାରେ ବିଶ୍ୱାସ କରେ। ତାହା ବଦଳରେ, ମୁଁ କେବଳ ମୋର ଟୋପିକୁ କାଢି ଦେବି। ମୋ ଜୋତାର ଫିତାକୁ ଖୋଲିବା ଅତ୍ୟଧିକ ଅସୁବିଧା ଅଟେ।" ଉଃ-ହୁଃ। ହୁଃ! ଏହା କଦାପି କାମ କରିବ ନାହିଁ।

ସେ କହିଥିଲେ, "ଜୋତା।" ସେ କହି ନ ଥିଲେ "ଟୋପି।" ଠିକ୍ ଅଛି।

170 ଆପଣଙ୍କୁ ତ ଧାଡ଼ି ପରେ ଧାଡ଼ି, ପରମେଶ୍ୱର ଯାହା କୁହନ୍ତି, ତାହା ପାଖକୁ ଆସିବାକୁ ଅଛି, ଏବଂ ତାହାଙ୍କ ବାକ୍ୟ ସହିତ ଧାଡ଼ିରେ ରହିବାକୁ ଅଛି।

171 ବର୍ତ୍ତମାନ, ସେମାନଙ୍କର ପରୀକ୍ଷା ହୋଇସାରିବା ପରେ, ସେମାନେ ଅଗ୍ନିସ୍ୱରୂପ ଶତ୍ରୁର ନଗରଦ୍ୱାରକୁ ଅଧିକାର କରିଥିଲେ। ସେମାନେ ପାଇଲେ ଯେ, ଯେତେବେଳେ ସେମାନେ ପରମେଶ୍ୱରଙ୍କ ବାକ୍ୟରେ ଛିଡା ରହି, ଠିକ ଶେଷ ଭାଗକୁ ପହଞ୍ଚିଲେ, ସେତେବେଳେ ସେମାନେ ନଗରଦ୍ୱାରକୁ ଅଧିକାର କରିଥିଲେ। ତାହା ଠିକ୍ ଅଟେ। ପରେ...

172 ଦାନିୟେଲ। ସେଠାରେ ଏକ ଘୋଷଣାନାମା ଜାରି କରା ଯାଇଥିଲା, ଏବଂ ମାଦୀୟ-ଓ-ପାରସ୍ୟଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା, ଯାହାକି ପରିବର୍ତ୍ତନ କରା ଯାଇପାରିବ ନାହିଁ, ଯେ, "ଯଦି କେହି ଅନ୍ୟ କୌଣସି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରେ, ତେବେ ତାଙ୍କୁ ସିଂହ ଗୁମ୍ଫାରେ ନିକ୍ଷେପ କରାଯାଉ।" ଏବଂ ଦାନିୟେଲ ଜାଣିଥିଲେ ଯେ ପରମେଶ୍ୱରଙ୍କ ବାକ୍ୟ ଏହା ଥିଲା, ଯେ କେବଳ ତାହାଙ୍କ ନିକଟରେ ପ୍ରାର୍ଥନା କରାଯାଉ, ତେଣୁକରି ସେ କେବଳ ଝରକାଗୁଡିକୁ ଖୋଲିଦେଲେ ଓ ଯେକୌଣସି ପ୍ରକାରେ ବି ପ୍ରାର୍ଥନା କଲେ। ତେବେ, ସେ କଦାପି ଗୋଟିଏ କୋଣକୁ ଚାଲିଗଲେ ନାହିଁ। ସେ ମନ୍ଦିର ଆଡ଼େ ଥିବା ଝରକାଗୁଡିକୁ ଖୋଲିଲେ। ସେ ଏଥିପାଇଁ ଲଜ୍ଜିତ ହୋଇ ନ ଥିଲେ।

173 ଏବଂ ଆମେ କେବଳ ରବିବାର ଦିନ ଆମର ଧର୍ମକୁ ପାଳନ କରିବୁ ଏବଂ ସୋମବାର ଦିନ ଅନ୍ୟ କିଛି କରିବୁ, ସେହିପରି ଚାହୁଁ ନାହୁଁ। କିଅବା, ଆମ ହୃଦୟରେ ଗୋଟିଏ କଥା ବିଶ୍ୱାସ କରି, ଅନ୍ୟ କାହାରି ସମ୍ମୁଖରେ ଆସି ଏବଂ ଏହା କହିବାକୁ ଚାହୁଁ ନାହୁଁ, "ତେବେ, ମୁଁ ଜାଣେ ନାହିଁ। ହଁ, ମୁଁ ଭାବୁଛି ଯେ ଆପଣ ଠିକ୍ ଅଟନ୍ତି।" ଆପଣ ଯାହା ଅଛନ୍ତି ତାହାହିଁ ରୁହନ୍ତୁ। ଯଦି ଆପଣ ତାହା ନୁହଁନ୍ତି, ତେବେ ପ୍ରଚାର ମଞ୍ଚରୁ, ସେହି ମଣ୍ଡଳୀରୁ ବାହାରି ଯାଆନ୍ତୁ। ତାହା ଠିକ୍। କାରଣ, ଆପଣ ଉଭୟଙ୍କ ପାଇଁ ଏକ ବୋଝ ଅଟନ୍ତି। ଆପଣ ଯାହା ଅଛନ୍ତି ତାହାହିଁ ରୁହନ୍ତୁ। ଆପଣ ଯାହା ବିଶ୍ୱାସ କରନ୍ତି ତାହାହିଁ କୁହନ୍ତୁ, ତାହାହେଲେ ଆପଣଙ୍କ ପାଖରେ ଏପରି କିଛି ରହିବ ନାହିଁ ଯାହାକୁ ଆପଣଙ୍କୁ ସମର୍ଥନ କରିବାକୁ ପଡେ। ଆପଣ ତ ଠିକ ତାହା ପାଇଁ ଛିଡା ହୋଇଅଛନ୍ତି ଯାହାକି ଠିକ୍ ଅଟେ। ସମସ୍ତେ ଆପଣଙ୍କର ଗୁଣଚରିତ୍ର ଜାଣନ୍ତି। ମନୁଷ୍ୟମାନେ ଆପଣଙ୍କୁ ପ୍ରଶଂସା କରିବେ, ଯେକୌଣସି ପୁରୁଷ।

174 ଜଣେ ସ୍ତ୍ରୀଲୋକ ସେତିକି ଅସୁନ୍ଦର ଥାଇପାରନ୍ତି ଯେତିକି ସର୍ବତ୍ର-ବହିଷ୍କୃତ ଭାବରେ। ସେ ହୁଏତ ବଡ, ମୋଟା, ଛୋଟ, ପତଳା, କଳା-କେଶ, ବାଦାମୀ-ଆଖି, ନୀଳ-ଆଖି, ଧୂସର-ଆଖି ଥିବା ହୋଇପାରନ୍ତି; ଜଣେ, ଗୋଟିଏ ପ୍ରକାର, ଏବଂ ଅନ୍ୟଜଣେ ଅନ୍ୟ ପ୍ରକାର। ମାତ୍ର ଯଦି ସେହି ସ୍ତ୍ରୀଲୋକ ଶୁଚି ଅଟନ୍ତି, ମହିଳା, ତେବେ ଦେଶରେ ଏପରି ଜଣେ ବି ପୁରୁଷ ନାହାଁନ୍ତି ଯିଏକି ସେମାନଙ୍କ ଆଗରେ ସମ୍ମାନାର୍ଥେ ନିଜର ଟୋପିକୁ ନ କାଢିବେ, ଯଦି ସେ ତାଙ୍କ ଭିତରେ ପୁରୁଷର ଅଳ୍ପ ମାତ୍ର ଅଂଶ ବି ପାଇଥାଆନ୍ତି। ଠିକ ଅଛି। କାରଣ, ସେହି ସ୍ତ୍ରୀଲୋକ—ସ୍ତ୍ରୀଲୋକ ତାହାହିଁ ଉତ୍ପାଦନ କରେ ଯାହା ସେ ଅଟେ, ଏବଂ ପୁରୁଷମାନେ ଏହାକୁ ପ୍ରଶଂସା କରନ୍ତି।

175 ଠିକ ସେହିପରି ପରମେଶ୍ୱର ଜଣେ ବ୍ୟକ୍ତିଙ୍କୁ ପ୍ରଶଂସା କରିବେ ଯିଏକି ତାହା ଥିବେ ଯାହା ସେ ଅଟନ୍ତି, କିମ୍ଵା ଏପରି ପୁରୁଷମାନେ ଯିଏକି ଖ୍ରୀଷ୍ଟିଆନ ବୋଲି କୁହାଇଥାନ୍ତି। ଆସନ୍ତୁ ଆମେମାନେ ଜଣେ ଖ୍ରୀଷ୍ଟିଆନ ହେବା, ଯିଏକି ପବିତ୍ରଆତ୍ମାରେ, ପରମେଶ୍ୱରଙ୍କ ବାକ୍ୟ ସହିତରେ ପରିପୂର୍ଣ୍ଣ ହୋଇଥାନ୍ତି, ନତୁବା ଏହା ବିଷୟରେ ଭୁଲି ଯାଉ। ଠିକ୍। କାରଣ, ଅନ୍ୟଥା, ଆପଣ କପଟୀ ହୋଇଯିବେ, ଏବଂ ଏକ ଭିନ୍ନ ପ୍ରକାର ଜୀବନ ଯାପନ କରିବେ। ଏବଂ ଲୋକମାନେ ଏଠାରେ ଆପଣଙ୍କୁ ନାଚକୁ ଯାଉଥିବାର, ଧୂମପାନ, ଏବଂ ସେହିପରି ଜିନିଷଗୁଡାକ କରୁଥିବାର, ଏବଂ ନିଜକୁ ଖ୍ରୀଷ୍ଟିଆନ ବୋଲି ଦାବି କରୁଥିବାର ଦେଖନ୍ତି, ତେବେ, ଦେଖନ୍ତୁ, ଆପଣ ଅନ୍ୟମାନଙ୍କ ପଥରେ ଏକ ବାଧାଜନକ ପ୍ରସ୍ତର ରଖିଥାନ୍ତି।

176 ଦେଖନ୍ତୁ ଆପଣ ସ୍ତ୍ରୀଲୋକମାନେ, ବେଳେବେଳେ, ସେମାନେ କିପରି ଭାବରେ ସେମାନଙ୍କର କେଶକୁ କାଟିଥାନ୍ତି ଏବଂ ଏହି ଛୋଟ ପୁରୁଣା ପୋଷାକକୁ ପରିଧାନ କରି ସେଥିରେ ଆଚରଣ କରିଥାନ୍ତି, ଜଣେ ଚର୍ମ-ବିଚ୍ଛେଦ କରାଯାଇଥିବା ଛୋଟ ମଣିଷଟିଏ କିମ୍ଵା ସେହିପରି କିଛି ଦେଖାଯାଆନ୍ତି, ଏବଂ ରାସ୍ତାରେ ବାହାରି ଯାଆନ୍ତି, ଚାରି ଆଡେ ବୁଲୁଥାଆନ୍ତି, ସେତିକି ଉଚ୍ଚ ଏକ ହିଲ୍ ଜୋତା ପିନ୍ଧି, ସେହି ପଥରେ ଚାଲି ଯାଉଥାଆନ୍ତି। କଅଣ ତାହା ପେଣ୍ଟିକଷ୍ଟାଲ୍ କି? ତେବେ ସେହି—ସେହି ଅନ୍ୟ ମଣ୍ଡଳୀମାନେ କୁହନ୍ତି, "ସେମାନେ ଦାବି କରନ୍ତି ଯେ ସେମାନଙ୍କ ପାଖରେ ଏପରି କିଛି ଅଛି ଯାହାକି ସେମାନଙ୍କ ପାଖରେ ନାହିଁ।"

177 ଆପଣ ପବିତ୍ରଆତ୍ମାଙ୍କ ଦ୍ୱାରା ମୁଦ୍ରାଙ୍କିତ ଏବଂ ଚିହ୍ନିତ ହୋଇଥାନ୍ତି। ଆପଣମାନେ ଆଜି ରାତି ଏକ ନୃତ୍ୟ ସଭାଗୃହରେ କୌଣସି ପୁରୁଷଙ୍କ ବାହୁରେ ଆଲିଙ୍ଗନ ଅବସ୍ଥାରେ ନ ଥାଆନ୍ତି, ଯାହାକି ଆପଣଙ୍କର ସ୍ୱାମୀ ନୁହେଁ; ପୁଣି ପରଦିନ ରାତି, ମଣ୍ଡଳୀକୁ ଫେରି ଆସି ସର୍ବତ୍ର ସ୍ଥାନରେ ନାଚିଥାଆନ୍ତି। ତାହା ପେଣ୍ଟିକଷ୍ଟାଲ୍ ନୁହେଁ। ତାହା ତ କପଟ ଅଟେ। ତାହା ଅପରିଷ୍କାର ଅଟେ।

178 ମୁଁ ଏହାକୁ ଆପଣଙ୍କ ଉପରେ ସେତେ ଅଧିକ ଭାବରେ କହୁ ନାହିଁ। ମାତ୍ର, ଆପଣ ହୃଦୟଙ୍ଗମ କରନ୍ତୁ, ଏଠାରେ ତିଆରି ହେଉଥିବା ଏହି ଟେପ୍‌ଗୁଡ଼ିକ ସମଗ୍ର ବିଶ୍ୱକୁ ଯାଇଥାଏ, ତେଣୁ ମୁଁ ଏହାକୁ ସେହିପରି ଭାବରେ ପ୍ରଚାର କରିଥାଏ ଯେପରିକି ତାହା ସମଗ୍ର ବିଶ୍ୱ ପ୍ରତି

ପ୍ରଯୁଜ୍ୟ ଅଟେ । ଯେତେବେଳେକି ମୁଁ ପରମେଶ୍ୱରଙ୍କୁ ଏହା କହୁଥିବାର ଅନୁଭବ କରେ, "କିଛି କୁହ," ସେତେବେଳେ ମୁଁ ଏହାକୁ କେବଳ କହିଥାଏ, କାରଣ ମୁଁ ଜାଣେ ନାହିଁ ଯେ ଏହା କେଉଁଠାକୁ ଯାଉଅଛି । ତାର ଯତ୍ନ ନେବା ଏହା ତାଙ୍କ ଉପରେ ନିର୍ଭର କରେ । କେବଳ ବାକ୍ୟ ସହିତ ରହିଥାଆନ୍ତୁ । ତାହା ଠିକ୍ ଅଟେ । ଠିକ୍ ଅଛି ।

179 ନା, ଦାନିୟେଲ୍ ସେମାନଙ୍କର ଘୋଷଣାକୁ ପ୍ରଣାମ କରି ନ ଥିଲେ, ଯାଏ ଆସେ ନାହିଁ ଯେ ତାଙ୍କୁ ସଂଗଠନରୁ ବାହାର କରି ଦିଆଯାଇଥିଲା କି ନୁହେଁ । ସେ ତ ଠିକ ସେହି ଝରକା ପାଖରେ ଛିଡା ରହିଲେ, ଏବଂ ପରମେଶ୍ୱରଙ୍କ ବାକ୍ୟ ସହିତରେ ରହିଲେ । ସେ ଏଥିପାଇଁ ଲଜ୍ଜିତ ହୋଇ ନ ଥିଲେ ।

180 କଅଣ ଘଟିତ ହେଲା? ସେମାନେ ତାଙ୍କୁ ଏକ ସିଂହ ଗୁମ୍ଫାରେ ଫିଙ୍ଗିଦେଲେ, ମାତ୍ର ସେ ସିଂହମାନଙ୍କ ଗୁମ୍ଫାର ନଗରଦ୍ୱାରକୁ ଅଧିକାର କରିଥିଲେ । କାହିଁକି? ମହିମା ହେଉ! କାରଣ ପରମେଶ୍ୱର କହିଥିଲେ ଯେ ତାଙ୍କର…"ତୁମର ବଂଶ ଶତ୍ରୁର ନଗରଦ୍ୱାରକୁ ଅଧିକାର କରିବ ।" ସେହି ଶତ୍ରୁ ଯାହା ବି ହୋଇଥାଉ, ଆପଣ ତ ସେହି ନଗରଦ୍ୱାରକୁ ଅଧିକାର କରିଛନ୍ତି । ଓଃ, ଆମେମାନେ କେତେ ଥର କରିପାରିବା…?

181 ମୋଶାଙ୍କୁ ଦେଖନ୍ତୁ, ପରମେଶ୍ୱରଙ୍କ ଆଜ୍ଞାର ଧାଡିରେ ଅନୁସରଣ କରୁଥାଇ, ମିସରକୁ ଯାଇଥିଲେ, ଏପରି ଦେଖାଯାଉଥିଲା ଯେପରିକି ସବୁକିଛି ବିରୋଧରେ ରହିଥିଲା । ତାଙ୍କର କେତେକେ ନକଲକାରୀମାନେ ଥିଲେ ଯେଉଁମାନେକି ତାଙ୍କ ସହିତ ଯାଇଥିଲେ । ସେ ଏହା ଦର୍ଶାଇବା ହେତୁ ଯେ ତାଙ୍କୁ ପଠାଯାଇଥିଲା, କେତେକ ଚିହ୍ନଗୁଡିକ ସହ—ସହ ଯାଇଥିଲେ । ଗୋଟିଏ ସର୍ପକୁ ଫିଙ୍ଗି ଦେଇଥିଲେ, ଏବଂ ଏହିପରି ପ୍ରଭୃତି ।

182 ଏବଂ ଏଠାରେ ନକଲକାରୀମାନେ ଆସନ୍ତି, ସେମାନଙ୍କର ମଧ୍ୟ ତଳେ ପକାଇ ଦିଅନ୍ତି । ସେ କଅଣ କରି ପାରିଥାନ୍ତେ? କିଛି ନୁହେଁ । ପରମେଶ୍ୱର ତାଙ୍କୁ କେବେବି କହି ନ ଥିଲେ ଯେ ସେମାନେ ତାହା କରିବାକୁ ଯାଉଛନ୍ତି । ସେ ମୋଶାଙ୍କୁ ପରୀକ୍ଷା କରିବାକୁ ଚାହୁଁଥିଲେ । ସେ ହିଁ ସେହି ଜଣକା ଥିଲେ ଯିଏକି ଜନ୍ନେସ୍ ଏବଂ ଜମ୍ବ୍ରିସ୍‌ଙ୍କୁ ସେମାନଙ୍କର ସର୍ପଗୁଡିକୁ, କିମ୍ବା ବାଡ଼ିଗୁଡିକୁ ଫିଙ୍ଗିବାକୁ ଅନୁମତି ଦେଇଥିଲେ ।

183 ତେଣୁ ସେଠାରେ ମୋଶା କର୍ତ୍ତବ୍ୟର ପଥରେ ଛିଡା ହୋଇଥିଲେ । ତାଙ୍କ ବାଡ଼ିକୁ ତଳେ ଫିଙ୍ଗିଦେଲେ । ଏହା ଏକ ସର୍ପରେ ପରିଣତ ହୋଇଗଲା । ସେ କହିଲେ, "ଫାରୋ, ତାହାକୁ ଦେଖ । ତାହାହିଁ ଅଟେ ଯାହାକି ମୋର ପ୍ରଭୁ ମୋତେ, ତୁମ ସମ୍ମୁଖରେ ଆସି ତାହା କରିବାକୁ କହିଥିଲେ ।"

184 ଫାରୋ କହିଲେ, "ଜନ୍ନେସ୍ ଏବଂ ଜମ୍ବ୍ରିସ୍, ଏଠାକୁ ଆସ ।" ସେମାନେ ସେମାନଙ୍କର ବାଡ଼ିକୁ ତଳେ ପକାଇଲେ । ସେଗୁଡିକ ସର୍ପରେ ପରିଣତ ହୋଇଗଲା, ଯାହାକି ମୋଶା କରିଥିଲେ ।

185 କଅଣ ତାଙ୍କ ଚେହେରା ଲାଲ ହୋଇ ଯାଇଥିଲା କି? ନା, ମହାଶୟ । ସେ ତଥାପି ବିଶ୍ୱାସ କରିଥିଲେ ଯେ ପରମେଶ୍ୱର ତାଙ୍କୁ ପଠାଇ ଅଛନ୍ତି । ସେ ସେହି ପ୍ରତିଜ୍ଞା ସହିତ ରହିଥିଲେ । ଏବଂ କଅଣ ଘଟିଲା?

186 ତାହାହିଁ ହେଉଛି ଯେତେବେଳେକି ଆପଣ ନିଜର କେତେକ ସମ୍ମିଳନୀ ସଭା ପୂର୍ବରୁ ରହିଥାନ୍ତି । ଆପଣଙ୍କ ଚେହେରା ହୁଏତ ଅଳ୍ପ ଟିକିଏ, ଲାଲ ହୋଇ ଯାଇପାରେ । ବାକ୍ୟ ସହିତରେ ରହିଥାନ୍ତୁ ।

187 କଅଣ ଘଟିତ ହେଲା? ତୁରନ୍ତ ହିଁ, ମୋଶାଙ୍କର ଏହି ବଡ ସର୍ପଟି ଆସି ସେମାନଙ୍କୁ ଗ୍ରାସ କରି ପକାଇଲା । ପରମେଶ୍ୱର ସୁପ୍ରମାଣିତ କଲେ । ମୋଶାଙ୍କର ପରୀକ୍ଷା ପରେ, ସେ କହିଲେ, "ମୁଁ ଚାହୁଁଛି ଯେ ତୁମେ, ଏହି ଚିହ୍ନ ଦ୍ୱାରା, ସେହି ପିଲାମାନଙ୍କୁ ବାହାରକୁ ଯିବା ପାଇଁ ଛାଡ଼ି ଦିଅ । ମୁଁ ଚାହୁଁଛି ଯେ ତୁମେ ସେମାନଙ୍କୁ ଘରକୁ ପଠାଇ ଦିଅ, ଯେଉଁଠାକାର ସେମାନେ ଅଟନ୍ତି । ପରମେଶ୍ୱର ତାହା କହିବା ପାଇଁ ଏଠାରେ ତଳକୁ ଓହ୍ଲାଇ ଆସିଥିଲେ, ସେମାନଙ୍କୁ ଉଦ୍ଧାର କରିବା ପାଇଁ ମୋତେ ଏଠାକୁ ପ୍ରେରଣ କରିଥିଲେ । ମୁଁ ଚାହୁଁଛି ଯେ ସେମାନେ ଫେରିଯାଆନ୍ତୁ ।" ସେ ତାହାକୁ ସେଠାରେ ଫୋପାଡି ଦେଲେ ।

188 ଓଃ, ସେହି ପରୀକ୍ଷା ଆସିଲା । ମୋଶା, ତୁମେ କଅଣ କରିବାକୁ ଯାଉଅଛ, ବୁଲି ପଡ଼ି, ଚାଲିଯାଇ, ଏହା କହିବ କି, "ତେବେ, ବୋଧହୁଏ ମୁଁ ଭୁଲ୍ କରି ଥାଇପାରେ"? ନା, ମହାଶୟ ।

ମୋଶା ଠିକ ସେଠାରେ ଛିଡା ରହିଥିଲେ । "ପରମେଶ୍ୱର ଏହା କାର୍ଯ୍ୟଭାର ଦେଇଛନ୍ତି ।" ମହିମା ହେଉ!

189 ପରମେଶ୍ୱର ଯାହା କିଛି ବି କୁହନ୍ତି, ତାହା ସହିତ ରହିଥାଆନ୍ତୁ । ଯାଏ ଆସେ ନାହିଁ ଯେ କଅଣ ଘଟିତ ହୁଏ, ତାହା ସହିତ ଲାଗି ରହିଥାଆନ୍ତୁ । ଯଦି ସେମାନେ ଆପଣଙ୍କୁ ବାହାର କରି ଦିଅନ୍ତି ଓ କୁହନ୍ତି, "ଆମେମାନେ ସହଯୋଗ କରିବୁ ନାହିଁ, *ଏହା* କରିବୁ ନାହିଁ," ତାହା ସହିତରେ ରହିଥାଆନ୍ତୁ ।

190 ମୋଶା ଏହା ସହିତ ଲାଗି ରହିଲେ । କଅଣ ଘଟିତ ହେଲା? ସେ ତାଙ୍କର ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କଲେ । ହାଲ୍ଲେଲୁୟା । ଶୟତାନ କହିଲା, "ମୁଁ ତୁମ ସମ୍ମୁଖରେ ମୃତ ସାଗରକୁ ବିସ୍ତାର କରିଦେବି," ମାତ୍ର ଏହା ଖୋଲି ଗଲା । ସେମାନେ ଆଉ ଅଧିକ ମିସରରେ ସେମାନଙ୍କୁ ରଖିପାରିଲେ ନାହିଁ । ସେ ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିଥିଲେ । କାହିଁକି? କାରଣ ସେ ପରମେଶ୍ୱରଙ୍କ ସେହି କାର୍ଯ୍ୟଭାର ସହିତ ରହିଥିଲେ ଯାହା ସେ ତାଙ୍କୁ ଦେଇଥିଲେ । ପରମେଶ୍ୱରଙ୍କ ଆଜ୍ଞାସକଳ, ସେ ପରମେଶ୍ୱରଙ୍କ ବାକ୍ୟ ସହିତରେ ରହିଥିଲେ ଏବଂ ସେ ଶତ୍ରୁର ନଗରଦ୍ୱାରକୁ ଅଧିକାର କରିଥିଲେ ।

191 ଯିହୋଶୂୟ, ସେ ଏକ ପରୀକ୍ଷା ଦେଇ ଯିବା ପରେ । ସେ ବୋଧହୁଏ, ସେଠାରେ ରହିଥିଲେ, ଏବଂ ଗୁପ୍ତଚରମାନଙ୍କ ସହିତ, ସେ ଓ କାଲେବ, ପହଁରି ଯର୍ଦ୍ଦନର ଆରପାରିକୁ ଯାଇଥିଲେ । ଯେତେବେଳେ ସେ ଯର୍ଦ୍ଦନରୁ ଫେରି ଆସିଲେ, ସେମାନେ କାଦେଶ-ବର୍ଣ୍ଣିଆ

ପର୍ଯ୍ୟନ୍ତ ଉଠି ଗଲେ । ଏବଂ ସେମାନେ ସମସ୍ତେ କହିଲେ, "ଓଃ, ଯଦି ଆମେମାନେ ଆରମ୍ଭ କରିବା, ତାହାହେଲେ ଏହା ଆମର ସଂଗଠନଗୁଡ଼ିକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ଦେବ । ଆମେ ତ ଭିତରକୁ ଯାଇ ହିଁ ନ ପାରୁ ।"

192 ସେହି ଆତ୍ମା ମରେ ନାହିଁ । "ଓଃ, ଆମର ତାହା ହୋଇପାରେ ନାହିଁ । ଯଦି ଆମେମାନେ ତାହା ଆମର ଲୋକମାନଙ୍କୁ ଶିକ୍ଷା ଦେବା, ତେବେ ଆମେମାନେ କଅଣ କରିବା? ଆମେମାନେ ତ ମଣ୍ଡଳୀରେ, ପ୍ରାୟଃ ଅଧା ଡଜନ ଦୀକନ୍‌ମାନଙ୍କୁ, ବାହାର କରି ଦେବା । ସେମାନେ ଦୁଇଥର, ତିନିଥର ବିବାହ କରିଛନ୍ତି । ଆମେମାନେ କଅଣ କରିବା? ଆମେମାନେ, କାହିଁକି, ଯଦି ଆମେମାନେ ଆମର ସ୍ତ୍ରୀଲୋକମାନଙ୍କୁ ଏହା କହିବା ଯେ ସେମାନଙ୍କୁ ଲମ୍ବା କେଶ ରଖିବାକୁ ପଡିବ, କଅଣ ଆପଣ ଜାଣନ୍ତି ଯେ ସେମାନେ କଅଣ କରିବେ? ସେମାନେ ମଣ୍ଡଳୀ ଛାଡିଦେବେ । ଏବଂ ଆମେମାନେ କଅଣ କରିବା? କାହିଁକି, ଆମକୁ ତ କେବଳ ପୁରୁଣା-କାଳିଆ ଲୋକ ଭାବରେ ବିବେଚିତ କରାଯିବ ।" ଯୀଶୁ ମଧ୍ୟ, ପୁରୁଣା-କାଳିଆ ଥିଲେ । "ଆମେମାନେ ତାହା କରି ନ ପାରୁ । ଆମେମାନେ ତାହା କରି ନ ପାରୁ । ଏହା ଆମ ପାଇଁ ବହୁତ ଅଧିକ ଅଟେ ।"

193 ଆପଣ ଜାଣନ୍ତି ଯେ ଜଣେ ସୀମାରେଖୀୟ ବିଶ୍ୱାସୀ କେଉଁ ସ୍ଥିତିକୁ ପହଞ୍ଚିଥାଏ । ଏବ୍ରୀ, ତାର ଷଷ୍ଠ ପର୍ବ, ତାହାକୁ ବ୍ୟାଖ୍ୟା କରେ । "ସେହି ବ୍ୟକ୍ତି ଯିଏକି ଥରେ ଆଲୋକିତ ହୋଇଥିଲେ, ପବିତ୍ରଆତ୍ମାଙ୍କର ସହଭାଗୀ ହୋଇଥିଲେ, ତତ୍ପରେ ପତିତ ହୋଇଯାଇଥିଲେ, ପୁନର୍ବାର ତାଙ୍କୁ ନୂତନୀକୃତ କରିବା ଅସାଧ୍ୟ ଅଟେ ।" ସେ ସେହି ସୀମାରେଖାକୁ ଆସିଥିଲେ ଏବଂ ଆରପାରିକୁ ଯିବାକୁ ମନା କରି ଦେଇଥିଲେ, ତାହାହିଁ ହେଉଛି, ସମ୍ପୂର୍ଣ୍ଣ ଭାବେ ବିଶ୍ୱାସ କରିବାକୁ ମନା କରିଦେବା ।

194 କାରଣ, କାଲେବ କଅଣ କରିଥିଲେ? ଯିହୋଶୂୟ କଅଣ କରିଥିଲେ? ସେ କହିଥିଲେ, "ଆମେମାନେ ତ ଏହାକୁ ଅଧିକାର କରିବାଠାରୁ ଅଧିକ ସକ୍ଷମ ଅଟୁ ।" କାହିଁକି? ପରମେଶ୍ୱର ଯାହା ପ୍ରତିଜ୍ଞା କରିଥିଲେ ସେମାନେ ତାହା ସହିତ ରହିଥିଲେ ।

195 କାହିଁକି, ସେମାନେ କହିଥିଲେ, ସେହି ଅନ୍ୟମାନେ କହିଥିଲେ, "ତେବେ, ସେମାନେ ତ ମହାକାୟ ଅଟନ୍ତି । ସେମାନେ ସବୁ ଆଡ୍ତୁ ପାଚେରୀ ବିଶିଷ୍ଟ ଅଟନ୍ତି । ସେମାନେ ଏହିପରି ଭାବରେ ଅଟନ୍ତି । କାହିଁକି, ଆମେ ତ କୌଣସି ଉପାୟରେ ବି, ସେମାନଙ୍କୁ ସ୍ପର୍ଶ ସୁଦ୍ଧା କରିପାରିବା ନାହିଁ ।"

196 ଯିହୋଶୂୟ କହିଲେ, "ଆମେମାନେ ଏହା କରିବାକୁ ଅଧିକ ସକ୍ଷମ ଅଟୁ । ତୁମେ ଲୋକମାନେ, ଶାନ୍ତ ହୁଅ! ଚୁପ କର! ବସି ଯାଅ!" ଆମେନ୍ ।

197 ମୁଁ ଆପଣଙ୍କୁ କହୁଛି, ଯେତେବେଳେ ଏହା ପରମେଶ୍ୱରଙ୍କ ବାକ୍ୟ ଉପରେ ଆସେ, ସେତେବେଳେ ବିଶ୍ୱାସ ଏକ ବହୁତ ବଡ଼ ଜିନିଷରେ ଥାଏ । ସେ ସେତେବେଳେ ଭୟ କରେ ନାହିଁ । ବିଶ୍ୱାସର ଛାତିରେ ଲୋମଗୁଡାକ ରହିଥାଏ, ବଡ ମାଂସପେଶୀ ରହିଥାଏ । ଏହା

କୁହେ, "ଚୁପ କର!" ଯେତେବେଳେ ପରମେଶ୍ୱର କଥାବାର୍ତ୍ତା କରନ୍ତି, ସେତେବେଳେ ଅନ୍ୟ ସମସ୍ତକିଛି ବିଷୟ, ସେହି କୋଣକୁ ଚୁପ୍ କରି ଚାଲି ଯାଇଥାଏ। "ତୁମେ ମୋ ଠାରେ ରୁହ, ଏବଂ ମୋହର ବାକ୍ୟ ତୁମ ଠାରେ ରୁହେ, ତେବେ ତୁମେ ଯାହା ଇଚ୍ଛା କର ତାହା କୁହ।" ଆପଣ ସେଠାରେ ଅଛନ୍ତି। ଓଃ, ମୁଁ ତାହା ପସନ୍ଦ କରେ। ହୁମ୍!

> ଶୟତାନମାନେ କମ୍ପିତ ହେବେ, ଏବଂ ପାପୀମାନେ ଜାଗ୍ରତ ହେବେ;
> ଯିହୋବାଙ୍କ ଉପରେ ବିଶ୍ୱାସ ଯେକୌଣସି ବିଷୟକୁ କମ୍ପିତ କରି ଦେବ।

198 କିପରି ଭାବରେ ଆପଣଙ୍କ ପାଖରେ ରହିପାରେ ଯେତେବେଳେ ଆପଣ ଜାଣନ୍ତି ଯେ ଆପଣ ତାହାଙ୍କ ବାକ୍ୟରେ କାମ କରୁନାହାଁନ୍ତି, ଚାଲୁ ନାହାଁନ୍ତି, ଯେତେବେଳେକି ଆପଣ ଜାଣନ୍ତି ଯେ ସେଠାରେ ଏପରି କିଛି ବିଷୟଗୁଡିକ ଅଛି ଯାହାକି ଆପଣଙ୍କୁ କହିବା ଉଚିତ୍ ଏବଂ ଆପଣ ତାହା କୁହନ୍ତି ନାହିଁ? ସେଠାରେ ଏପରି କେତେକେ ବିଷୟମାନ ଅଛି ଯାହାକି ଆପଣଙ୍କୁ ଶିକ୍ଷା ଦେବା ଉଚିତ୍ ଏବଂ ଆପଣ ତାହା ଶିକ୍ଷା ଦିଅନ୍ତି ନାହିଁ। ସେଠାରେ ଏପରି କେତେକ ବିଷୟମାନ ଅଛି ଯାହାକି ଆପଣ କହିପାରନ୍ତି ନାହିଁ, ଏବଂ କିପରି ଭାବରେ ଆପଣଙ୍କଠାରେ ବିଶ୍ୱାସ ରହିପାରେ ଯେତେବେଳେ ଆପଣ ଜାଣନ୍ତି ଯେ ଆପଣ ଭୁଲ୍ ଅଟନ୍ତି?

199 "ଯଦି ଆମର ହୃଦୟ ଆମକୁ ନିନ୍ଦା ନ କରେ।" ଆପଣ ସେଠାରେ ଅଛନ୍ତି। ଆପଣ ସେଠାରେ ଅଛନ୍ତି। ମାତ୍ର ସେହି ବାକ୍ୟ ସହିତ ରହିଥାଆନ୍ତୁ, ଯେଉଁଠାରେ କିଛି ହେଲେ ନିନ୍ଦାର ବିଷୟ ନାହିଁ। "ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଅଛନ୍ତି ସେମାନଙ୍କ ପାଇଁ କୌଣସି ନିନ୍ଦା ନାହିଁ, ଯେଉଁମାନେକି ଶରୀର ଅନୁସାରେ ନୁହେଁ ବରଂ ଆତ୍ମାଙ୍କ ଅନୁସାରେ ଗମନାଗମନା କରନ୍ତି।" ଆତ୍ମା ବାକ୍ୟ ସହିତରେ କଢାଇ ନିଏ, କାରଣ ଆତ୍ମା କେବଳ ବାକ୍ୟରୁ ହିଁ ଆସିପାରନ୍ତି, କାରଣ ତାହାଙ୍କର ବାକ୍ୟ ହେଉଛି ଆତ୍ମା। ଏବଂ ଏହା କେବଳ କରିପାରେ… ପରମେଶ୍ୱରଙ୍କ ସେହି ପ୍ରକୃତ ସତ୍ୟ ଆତ୍ମା କେବଳ ପରମେଶ୍ୱରଙ୍କ ବାକ୍ୟକୁ ହିଁ କହିପାରେ। ଓଃ, ମୋର ପ୍ରଭୁ! ମୋର ପ୍ରଭୁ, ମୋର ପ୍ରଭୁ!

ହେ ଜଗତ, ଦୂର ହୋଇଯା। ହେ ଶୟତାନ, ଆମକୁ ଛାଡି ଦେ।

200 ଏହି ପର୍ବତକୁ ତାହା କହିବାକୁ ଭୟ କର ନାହିଁ, "ଘୁଞ୍ଚି ଯା।" ଏହାକୁ କୁହନ୍ତୁ। ସେଠାରେ ରୁହନ୍ତୁ, ତାକୁ ଭାଙ୍ଗିବାର ଦେଖନ୍ତୁ। ତାହା ଠିକ୍।

201 ମାତ୍ର ଯଦି ଆପଣ ସେଠାରେ କୌଣସି ନିନ୍ଦାର ବିଷୟ ପାଇଥାଆନ୍ତି, ତେବେ ଉତ୍ତମ—ଉତ୍ତମ ହେବ ଯେ ଆପଣ ଚୁପ୍ ହୋଇ ରହିଥାଆନ୍ତୁ। ଆପଣ ତ ସେତେବେଳେ କେବଳ ବିଳିବିଳେଇ ହେଉଥଆନ୍ତି। ଆପଣ ସତ୍ୟ କହୁ ନ ଥାଆନ୍ତି। ଆପଣ ସେହି ଜିନିଷଗୁଡିକ କହୁ ନ ଥାଆନ୍ତି ଯାହା ଆପଣଙ୍କୁ କହିବା ଉଚିତ୍। ଠିକ୍ ଅଛି।

202 ତେବେ ଆମେମାନେ ସେତେବେଳେ ପାଇଲୁ ଯେ ଯିହୋଶୂୟ, ସେହି ପରୀକ୍ଷା ଦେଇ ଯାଇସାରିବା ପରେ, ସେ ଏକ ଉତ୍ତମ ଭୂମିର ପ୍ରମାଣ ଦେଖିଲେ, ଏବଂ ସେ ସେଠାରେ କାଦେଶ-ବର୍ଣ୍ଣିଆଠାରେ ଛିଡା ହେଲେ ଏବଂ ସେହି ସମସ୍ତଙ୍କ ବିରୁଦ୍ଧରେ ଅଭିଯୋଗ କଲେ, ଓ କହିଲେ, "ଆମେମାନେ ଏହାକୁ ଅଧିକାର କରିବାଠାରୁ ଅଧିକ ସକ୍ଷମ ଅଟୁ । ଆମେମାନେ ଏହାକୁ ଅଧିକାର କରିପାରୁ ।" ସେହି ଧାରଣା କଅଣ ଥିଲା? ପାର କରିଯିବା ।

203 ମୋଶାଙ୍କ ଧାରଣା କଅଣ ଥିଲା? "ଏହି ଚିହ୍ନ ଦେଖାଅ ଏବଂ ସନ୍ତାନଗଣଙ୍କୁ ବାହାର କରି ଆଣ ।" ଏବଂ ଏହା ବିଫଳ ହେଉଥିବା ପରି ଦେଖା ଯାଉଥିଲା । ମାତ୍ର ସେ ବାକ୍ୟ ସହିତରେ ରହିଲେ, ଏବଂ ମୃତ ସାଗରର ଦ୍ୱାର ତାଙ୍କୁ ଅଟକାଇ ରଖିପାରିଲା ନାହିଁ । ସେ ତ ଠିକ ତାହା ଦେଇ ଅତିକ୍ରମ କରି ଗଲେ । ସେ ଶତ୍ରୁର ନଗରଦ୍ୱାରକୁ ଅଧିକାର କରି ନେଲେ ।

204 ଯିହୋଶୂୟ, ପରମେଶ୍ୱରଙ୍କ ପ୍ରତିଜ୍ଞାକୁ ଦୃଷ୍ଟି କରି, କହିଲେ, "ଆମେମାନେ ଏହାକୁ ଅଧିକାର କରିବାଠାରୁ ଅଧିକ ସକ୍ଷମ ଅଟୁ ।" ତାହା ଠିକ୍ । ଏବଂ ଯେତେବେଳେ ସେ ଯର୍ଦ୍ଦନ ନଦୀକୁ ଆସିଲେ, ସେ କଅଣ କଲେ? ତାହା ବାଟ ଦେଇ ଦେଲା । ଆମେନ୍ । ଏହାହିଁ ତାହା ଅଟେ । ସେ ଶତ୍ରୁର ନଗରଦ୍ୱାରକୁ ଅଧିକାର କଲେ । ସେହି ଯର୍ଦ୍ଦନ ତାଙ୍କୁ ସେଠାକୁ ଯାଇ ସେହି ପ୍ରତିଜ୍ଞାକୁ ଅଧିକାର କରି ନେବାରୁ ଦୂରେଇ ରଖୁଥିଲା । ମାତ୍ର ଯେତେବେଳେ ସେ ସେଠାରେ ତଳେ ପହଞ୍ଚିଲେ, ସେ ଅବ୍ରହାମଙ୍କ ବଂଶ ଥିଲେ । କାହିଁକି? ସେ ପରମେଶ୍ୱରଙ୍କ ବାକ୍ୟରେ ବିଶ୍ୱାସ କରିଥିଲେ । ତାହାହିଁ ଏକମାତ୍ର ଉପାୟ ଅଟେ ଯେ ଆପଣ କଦାଚ ଅବ୍ରହାମଙ୍କର ଏକ ବଂଶ ହୋଇପାରନ୍ତି, ତାହା ହେଉଛି ପରମେଶ୍ୱରଙ୍କ ବାକ୍ୟକୁ ବିଶ୍ୱାସ କରିବା । ଏବଂ ତାହାପରେ ସେ କଅଣ କଲେ ଯେତେବେଳେ ସେ ସେହି ସ୍ଥାନକୁ ଆସିଲେ ଯେଉଁଠାରେ ସେ ଶତ୍ରୁକୁ ଅଧିକାର କରିବା ପାଇଁ ପ୍ରସ୍ତୁତ ଥିଲେ? ପରମେଶ୍ୱର ସେହି ଦ୍ୱାରକୁ ଖୋଲି ଦେଲେ, ଏବଂ ସେ ତାହାକୁ ଅଧିକାର କରି ନେଲେ, ଜୟ କରି ନେଲେ, ଆରପାରିକୁ ପାର ହୋଇଗଲେ ।

205 ଯେତେବେଳେ ସେହି ପ୍ରଥମ ଯୁଦ୍ଧ, ସେମାନଙ୍କ ସହିତ ତାଙ୍କର ପ୍ରଥମ ଯୁଦ୍ଧ ହୋଇଥିଲା, ସେହି ପାଚେରୀଗୁଡିକ ଏତେ ବଡ ଥିଲା ଯେ ସେମାନେ ତାହା ଉପରେ ଏକ ରଥ ଦୌଡ଼କୁ ଆୟୋଜନ କରିପାରନ୍ତି । ସେ ସେମାନଙ୍କୁ କିପରି ଅଧିକାର କରିବାକୁ ଯାଉଛନ୍ତି? ସେମାନେ ତାଙ୍କଠାରୁ ଦୌଡ଼ି ପଳାଇଗଲେ, ଭିତରକୁ ପଶିଗଲେ । ଶତ୍ରୁ ମଧ୍ୟ, ତାହା କରିବ । "ମାତ୍ର ତୁମେ ଶତ୍ରୁର ନଗରଦ୍ୱାରକୁ ଅଧିକାର କରିବ ।"

206 କହିଲେ, "ପ୍ରଭୁ, ମୋତେ କଅଣ କରିବା ପ୍ରୟୋଜନ?" ସେ ଦିନେ, ଅପରାହ୍ନରେ, ଧ୍ୟାନ କରି ବୁଲୁଥିଲେ । ସେ ଦେଖିଲେ ଯେ ଜଣେ ବ୍ୟକ୍ତି ନିଜ ଖଡ୍ଗ ଧରି ଛିଡା ହୋଇଛନ୍ତି । ଯିହୋଶୂୟ ନିଜର ଖଡ୍ଗ ବାହାର କରି, କହିଲେ, "କଅଣ ତୁମେ ଆମ ସପକ୍ଷରେ କି? କି ତୁମେ ଆମର ଶତ୍ରୁ ସପକ୍ଷରେ?"

ସେ କହିଲେ, "ମୁଁ ଏହି ସୈନ୍ୟବାହିନୀର ଅଧିପତି ।"

"ମୋତେ କଅଣ କରିବା ପ୍ରୟୋଜନ?"

207 "ଏହାର ଚାରିଆଡ଼େ, ତେର ଥର ପରିକ୍ରମା କର। ଏକ ତୂରୀଧ୍ୱନି କର। ତୁମେ ଶତ୍ରୁର ନଗରଦ୍ୱାରକୁ ଅଧିକାର କରିବ।"

208 ସେହି ନଗର ଭୁଶୁଡି ପଡ଼ିଲା। ହଁ, ଆଜ୍ଞା। କାହିଁକି? ସେ ଅବ୍ରହାମଙ୍କର ଏକ ବଂଶ ଥିଲେ, ଯିଏକି ପରମେଶ୍ୱରଙ୍କ ବାକ୍ୟ ପାଳନ କରିଥିଲେ। ସେ ତାଙ୍କ ନିକଟକୁ ଆସିଥିବା ପ୍ରତ୍ୟେକ ନଗରଦ୍ୱାରକୁ ଅଧିକାର କରିଥିଲେ। ନିଶ୍ଚିତ ଭାବରେ।

ଏହା ବିଳମ୍ବ ହେଉଅଛି। ମୋତେ ବନ୍ଦ କରିବାକୁ ଅଛି।

209 ଦେଖନ୍ତୁ, ଏହି ସମସ୍ତ ମୂଲ୍ୟବାନ ଅଭିନେତାମାନ, ସେମାନଙ୍କ ବିଷୟରେ ସମ୍ପୂର୍ଣ୍ଣ ଗୋଟିଏ ପୃଷ୍ଠା ଏଠାରେ ଲେଖି ରଖିଛି। ମାତ୍ର ଏହି ସମସ୍ତ ମୂଲ୍ୟବାନ ଅଭିନେତାମାନ, ଯେଉଁ ସବୁ ବିଷୟ ସେମାନେ କରିଥିଲେ, ଅବଶେଷରେ ସେମାନେ ମୃତ୍ୟୁଭୋଗ କରିଥିଲେ।

210 ମାତ୍ର ତାହାପରେ ସେହି ପ୍ରକୃତ ବିଶ୍ୱାସ ବୀଜ, ଅବ୍ରହାମଙ୍କ ରାଜକୀୟ ବଂଶ, ଯୀଶୁ, ଏକ ପ୍ରତିଜ୍ଞା ଆସିଲେ। ଅବ୍ରହାମଙ୍କର ଶରୀର ଅନୁସାରେ, ଇସ୍‌ହାକ ଆସିଥିଲେ, ସତ, ମାତ୍ର ସେହି ପ୍ରକୃତ ବଂଶ ସେହି ସଂଗଠନ ବ୍ୟବସ୍ଥାରେ ନ ଥିଲେ। ଏହା ତ ପରମେଶ୍ୱରଙ୍କ ବାକ୍ୟର ସେହି ପ୍ରତିଜ୍ଞାରେ ଥିଲା, ଯେ ସେ ତାଙ୍କୁ ନାନା ଜାତିର ପିତା କରିବେ, ଇସ୍‌ହାକଙ୍କ ମାଧ୍ୟମରେ ନୁହେଁ, ବରଂ ସେହି ରାଜକୀୟ ବୀଜ, ଯୀଶୁଙ୍କ ମାଧ୍ୟମରେ। ତାହା ସେହି ରାଜକୀୟ ବୀଜ ଥିଲା, ଯାହାକି ପ୍ରକୃତରେ, ଅବ୍ରହାମଙ୍କ ବଂଶ ଥିଲା, ଯୀଶୁ, ଜଣେ ଯିହୂଦୀ ନ ଥିଲେ, କିମ୍ବା ସେ ଜଣେ ବିଜାତୀୟ ମଧ୍ୟ ନ ଥିଲେ। ସେ ତ ପରମେଶ୍ୱର ଥିଲେ। ବୁଝିଲେ? ସେହି...

211 ଆପଣ ଏଠାରେ କ୍ୟାଥୋଲିକ୍ ମାନେ, ଆପଣଙ୍କର ହୃଦୟକୁ ଆଶୀର୍ବାଦ କରନ୍ତୁ। ମାତ୍ର ଯେତେବେଳେ ଆପଣମାନେ ମରିୟମଙ୍କୁ ଜଣେ ଦେବୀ ଭାବରେ ଉପାସନା କରନ୍ତି, ତେବେ, ଯାହା ବି ହେଉ ଆପଣଙ୍କ ସହିତ ମାମଲା କଅଣ ଅଟେ? ମରିୟମ କେବଳ ଜଣେ ସ୍ତ୍ରୀଲୋକ ବ୍ୟତୀତ ଆଉ କିଛି ନୁହଁନ୍ତି। ପରମେଶ୍ୱର ତାହାଙ୍କୁ ବାଛିଥିଲେ। ସେ ଜଣେ ଇନକ୍ୟୁବେଟର ଅର୍ଥାତ୍ ଅଣ୍ଡା ସେକିବା ଯନ୍ତ୍ର ଥିଲେ। ତାହାହିଁ ସବୁ କିଛି ଥିଲା। ଏକ ଅଣ୍ଡା ସେକିବା ଯନ୍ତ୍ର, ତାହାହିଁ ହେଉଛି ଯାହାକି ଜଣେ ସ୍ତ୍ରୀଲୋକ ଅଟେ, ମାତ୍ର ସେ ପୁରୁଷର ବୀଜ ସହିତ ଜଡିତ ଅଟେ।

212 ମାତ୍ର, ଏହା ଏକ ମିଶ୍ରିତ ଶ୍ରୋତାବୃନ୍ଦ ଅଟନ୍ତି, କିନ୍ତୁ ମୋତେ ଏହା କହିବାକୁ ଅଛି ଯେଣୁ ଆପଣ ବୁଝି ଯାଆନ୍ତି ଯେ ମୁଁ କେଉଁ ବିଷୟରେ କହୁଅଛି। ତେବେ, ଆପଣ ନିଜର—ନିଜର ଡାକ୍ତରଙ୍କ କଥା ଶୁଣନ୍ତି, ଏବଂ ମୁଁ ଆପଣଙ୍କର ଭାଇ ଅଟେ। ନିଶ୍ଚିତରେ, ଆପଣ କରିପାରନ୍ତି।

213 ଖ୍ରୀଷ୍ଟଙ୍କଠାରେ ମରିୟମଙ୍କର କୌଣସି ପରାଗରେଣୁ ନ ଥିଲା। ଯେତେବେଳେ ପବିତ୍ରଆତ୍ମା ତାଙ୍କୁ ଛାୟା କରିଥିଲେ, ସେଠାରେ କୌଣସି ଯୌନ ଅଣୁଭୂତି ନ ଥିଲା, ଟିକିଏ ବି ନୁହେଁ। ମାତ୍ର ସର୍ବଶକ୍ତିମାନ ପରମେଶ୍ୱର, ସେହି ସୃଷ୍ଟିକର୍ତ୍ତା, ରକ୍ତ କୋଷିକା ଏବଂ ସେହି ପରାଗରେଣୁକୁ ସୃଷ୍ଟି କରିଥିଲେ। ହୁମ୍! ଯଦି ଏହା ମରିୟମଙ୍କଠାରୁ ପରାଗରେଣୁ ହୋଇଥାଆନ୍ତା, ତେବେ ମୃତମାନେ ପୁନରୁତ୍‌ଥିତ ହୋଇ ନ ଥାଆନ୍ତେ।

ମହିମା ହେଉ! ତାହା ବର୍ତ୍ତମାନ ହିଁ ସତେଜ ଆସିଲା । ମୁଁ ଠିକ ବର୍ତ୍ତମାନ ହିଁ ତାହାକୁ ପାଇଲି ।

214 ତାହାପରେ ଯଦି ଆପଣ କୁହନ୍ତି ଯେ ସେଠାରେ ସେହି ସମ୍ବନ୍ଧରେ କୌଣସି ପାର୍ଥକ୍ୟ ନାହିଁ, ଯାହା ଆମେମାନେ କରିଥାଉ, ତାହାହେଲେ ପରମେଶ୍ୱର ଆମକୁ ସେହି ବିଷୟଗୁଡିକଠାରୁ କ୍ଷାନ୍ତ ହେବା ପାଇଁ କାହିଁକି କହିଥିଲେ? ତେବେ ପରମେଶ୍ୱର କାହିଁକି ଯୀଶୁଙ୍କ ଶରୀରକୁ ଉତ୍ଥିତ କରିଥିଲେ, ଯଦି ତାହା ସେହିପରି ନ ଥିଲା? ତେଣୁକରି, ଆପଣ ଦେଖନ୍ତୁ, ସେଥିରେ କୌଣସି ବି ଜଣେ ସ୍ତ୍ରୀଲୋକ ସଂଯୁକ୍ତ ହୋଇପାରିବେ ନାହିଁ । ଯଦି ତାହା ସେଠାରେ ଥିଲା, ତେବେ ତାହାଙ୍କର ଶରୀର ତାହାଙ୍କ ମାତା, ମରିୟମଙ୍କ ଅନୁସାରେ ଥିଲା, କାରଣ ମରିୟମଙ୍କୁ ଏକ ଆତ୍ମା ଦ୍ୱାରା ଛାୟା କରାଯିବା ହେତୁରୁ ତାଙ୍କର ଏକ ଯୌନ ସମ୍ପର୍କ ରହିଥିଲା ଯାହାକି ଏକ ଶୁକ୍ରାଣୁକୁ—କୁ ନିର୍ଗତ କରିଥିଲା, ଏବଂ ଏହା ଭୁଲ ଅଟେ । ସେହି ପବିତ୍ରଆତ୍ମା, ଅକ୍ଷୟ ଗର୍ଭଧାରଣ ଦ୍ୱାରା, ହାଲେଲୁୟା, ସେଠାରେ ସେ ପୁରୁଷ ଓ ସ୍ତ୍ରୀର ଉଭୟ ଶୁକ୍ରାଣୁ ସୃଷ୍ଟି କରିଥିଲେ ।

215 କଅଣ ଯୀଶୁ ତାଙ୍କୁ "ମାଆ" ବୋଲି ସମ୍ବୋଧନ କରିଥିଲେ କି? ଏହାକୁ ଶାସ୍ତ୍ରରେ ଖୋଜନ୍ତୁ । ସେ ତାଙ୍କୁ "ହେ ନାରୀ" ବୋଲି ଡାକିଥିଲେ । ହାଲେଲୁୟା! ନାରୀ! (ତାହା ସତେଜ ଅଟେ । ସେହି କାରଣରୁ ତ ଏହା ସେହିପରି ଭାବରେ କାର୍ଯ୍ୟ କରୁଅଛି ଯେପରି ଭାବରେ ଏହା କରୁଥାଏ ।) "ହେ ନାରୀ, ଆପଣା ପୁତ୍ରକୁ ଦୃଷ୍ଟି କର ।" ତାହା ତ ଅପେକ୍ଷାକୃତ ମରିୟମଙ୍କର ଲକ୍ଷ ଲକ୍ଷ ମାଇଲ୍ ବାଟ ଅଧିକ ନିକଟତର ଥିଲା ଯେତିକି ଯୀଶୁ ଥିଲେ ।

216 ସେ ପରମେଶ୍ୱର ଥିଲେ । ସେ ଯିହୂଦୀ କିମ୍ବା ବିଜାତୀୟ ନ ଥିଲେ । ସେ ପରମେଶ୍ୱର ଥିଲେ, ଉଭୟ ଶରୀର ଏବଂ ଦେହରେ, ପରମେଶ୍ୱର ତାହାଙ୍କଠାରେ ବାସ କରୁଥିଲେ । ପରମେଶ୍ୱର ଜଣେ ସ୍ତ୍ରୀଲୋକଙ୍କ ଶୁକ୍ରାଣୁରେ ବାସ କରିବା ବିଷୟ? ଏହା କରିପାରିବ ନାହିଁ । ସେହି ସ୍ତ୍ରୀଲୋକର ଶୁକ୍ରାଣୁକୁ ଆମ ଶରୀର ସହିତ କିଛି ହେଲେ ସମ୍ପର୍କ କରିବା ପାଇଁ କୌଣସି ବିଷୟ ରଖିବାକୁ ପଡିବ । ମାତ୍ର ଏହା ତ ରକ୍ତ ସହିତ ସେହି ଶୁକ୍ରାଣୁ ଥିଲା, ଯାହାକୁ ପରମେଶ୍ୱର ଛାଇ କରିଥିଲେ ।

217 ଯଦି ସେ ଚାହିଁଥିଲେ ସେ ଏହାକୁ ଏକ ଖୁଣ୍ଟ ଉପରେ ରଖି ଦେଇ ପାରିଥାଆନ୍ତେ । ହଁ, ଆଜ୍ଞା । ସେ ଏହାକୁ ଯେଉଁଠାରେ ଚାହିଁଥିଲେ ସେହିଠାରେ ରଖି ଦେଇ ପାରିଥାଆନ୍ତେ ।

218 ମାତ୍ର ସେ ଏହାକୁ ସେହିପରି ଭାବରେ ଆଣିଲେ କାରଣ ସେହି ନାରୀଜଣକ ପତନରେ ରହିଥିଲା । ତେବେ ସେଠାରେ ଜୀବନ୍ତ ପରମେଶ୍ୱରଙ୍କ ଅକ୍ଷୟ ପୁତ୍ର, ସୃଷ୍ଟ ହୋଇ, କୁମାରୀ ଜନ୍ମ ଦ୍ୱାରା, ଉଭୟ ଶରୀର ଏବଂ ପ୍ରାଣରେ ଆସିଥିଲେ ।

219 ଦାଉଦ କାହିଁକି କହିଲେ, "ମୁଁ ମୋର ପବିତ୍ର ଜନକୁ...ମୋର ପବିତ୍ର ଜନକୁ ଦୁର୍ନୀତି ଦେଖିବାକୁ ଦେବି ନାହିଁ, ମୋର ପବିତ୍ର ଜନକୁ ଦୁର୍ନୀତି ଦେଖିବାକୁ ଦେବି ନାହିଁ । କିଅବା ମୁଁ

ତାହାଙ୍କ ପ୍ରାଣକୁ ନରକରେ ଛାଡିବି ନାହିଁ”? ଦାଉଦ ତାହା କହିଥିଲେ। ବୁଝିଲେ? ଉଭୟ ପ୍ରାଣ, ଶରୀର, ଏବଂ ଆତ୍ମା, ତାହାଙ୍କ ଦ୍ୱାରା, ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା।

220 ସେହି ସ୍ତ୍ରୀଲୋକ ଜଣକ ମାତା ନ ଥିଲେ, ଏହା ତ ଜଣେ ସ୍ତ୍ରୀଲୋକ ଥିଲେ। ମୁଁ ବିଶ୍ୱାସ କରେ ଯେ ସେ ସମ୍ପୂର୍ଣ୍ଣ ଭାବେ, ଜଣେ ଉତ୍ତମ, ପବିତ୍ର ସ୍ତ୍ରୀଲୋକ ଥିଲେ। ସେ କେବେବି ଏକ ଅଣ୍ଡା ସେକିବା ଯନ୍ତ୍ର ହୋଇ ନ ଥିଲେ, ପରମେଶ୍ୱର କେବେ ହେଲେ କୌଣସି ଏକ ଅପରିଷ୍କାର ଅଣ୍ଡା ସେକିବା ଯନ୍ତ୍ରକୁ ବାଛି ନ ଥାଆନ୍ତେ। ପ୍ରଭୁଙ୍କ ଇଚ୍ଛା ହେଲେ, ମୁଁ ଆଜି ରାତି ତାହା ଉପରେ ପ୍ରଚାର କରୁଅଛି। ମାତ୍ର—ମାତ୍ର କହିଲା, “ଏକ ପୁରୁଣା ଅପରିଷ୍କାର ଅଣ୍ଡା ସେକିବା ଯନ୍ତ୍ର ତାହାଙ୍କ ପୁତ୍ରଙ୍କୁ—ତାହାଙ୍କ ପୁତ୍ରଙ୍କୁ ପୃଥିବୀକୁ ଆଣିବା ପାଇଁ? ସେ ତ ଜଣେ କୁମାରୀକୁ ବାଛିଲେ, ଯିଏକି କୌଣସି ପୁରୁଷକୁ ଜାଣି ନ ଥିଲା।” କିଅବା ପବିତ୍ରଆତ୍ମା ଯେତେବେଳେ ତାଙ୍କୁ ଛାଇ କରିଥିଲେ, ସେତେବେଳେ ତାଙ୍କର କୌଣସି ଶୁକ୍ରାଣୁ ନିଷ୍କାସନ କିମ୍ବା ଅନ୍ୟ କୌଣସି କିଛି ଜିନିଷ ହୋଇ ନ ଥିଲା, କାରଣ, ପରମେଶ୍ୱର, ତାହାଙ୍କର ଅକ୍ଷୟ, ଅସୀମ ଉପାୟରେ, ମରିୟମଙ୍କ ଶରୀରରେ, ପ୍ରାଣ, ଶରୀର, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ଆତ୍ମାକୁ ସୃଷ୍ଟି କରିଥିଲେ। ତାହା ଠିକ୍ ଅଟେ। ସେ ତ ପରମେଶ୍ୱରଙ୍କ କୁମାରୀ-ଜନ୍ମିତ ପୁତ୍ର ଥିଲେ।

221 ତାହା କଅଣ କରିଥିଲା? ତାହା ଶତ୍ରୁର ନଗରଦ୍ୱାରକୁ ଭାଙ୍ଗି ଦେଇଥିଲା। ହାଲ୍ଲେଲୁୟା! ହ୍ୟୁ! ଏହା ମୋ ପାଇଁ, ଭଲ ହେଉଅଛି। ଦେଖନ୍ତୁ। କାହିଁକି? ସେ ତ ଠିକ ସେଠାରେ ହିଁ, ଶତ୍ରୁର ନଗରଦ୍ୱାରକୁ ଭାଙ୍ଗି ଦେଇଥିଲେ, ଯେପରିକି ପ୍ରତ୍ୟେକ ମନୁଷ୍ୟ ଯିଏକି ଏହି ଜଗତରେ ଯୌନ ଇଚ୍ଛା ଦ୍ୱାରା ଜନ୍ମ ହୋଇଥିଲା, ଯିଏକି ସ୍ୱର୍ଗକୁ ଯାଇପାରି ନ ଥିଲା କାରଣ ଯୌନକ୍ରିୟା ହିଁ ଥିଲା ଯାହାକି ତାକୁ ପ୍ରାରମ୍ଭରେ ଆରମ୍ଭ କରିଥିଲା, ଏଦନ ବଗିଚାରେ, କାହିଁକି ସେତେବେଳେ ସେମାନେ ନିଜକୁ ଢାଙ୍କି ନେଇଥିଲେ। ଯେତେବେଳେ ସେ ତାହା କଲେ, ସେତେବେଳେ ସେ ଠିକ ସେହି ବିଷୟକୁ ସେଠାରେ ଦୁଇ ଭାଗରେ ଭାଙ୍ଗି ଦେଇଥିଲେ, ଏବଂ ଶତ୍ରୁର ନଗରଦ୍ୱାରକୁ ଅଧିକାର କରିଥିଲେ। କେଉଁ ବିଷୟ ଦ୍ୱାରା? ଠିକ ପ୍ରଥମ ଥର ହିଁ, ଅବ୍ରହାମଙ୍କ ରାଜକୀୟ ବଂଶକୁ ଗ୍ରହଣ କରିବା ଦ୍ୱାରା, ଏବଂ ତାହାକୁ ସବୁଠୁଁ ତଳ ପର୍ଯ୍ୟନ୍ତ ଭାଙ୍ଗି ଦେବା ଦ୍ୱାରା। ବିଶ୍ୱାସ ଏବଂ ପ୍ରତିଜ୍ଞାର ସେହି ରାଜକୀୟ ବଂଶ, ମରିୟମଙ୍କ ଏକ ଗର୍ଭଧାରଣା ନୁହେଁ, ବରଂ ପରମେଶ୍ୱରଙ୍କର, ସେହି ନଗରଦ୍ୱାରକୁ ଭାଙ୍ଗି ଦେଇଥିଲା। ଅର୍ଥାତ୍, ତାହା ମନୁଷ୍ୟକୁ ସେହି ନଗରଦ୍ୱାର ଦେଇ ଯିବାକୁ ଅନୁମତି ଦେଇଥିଲା। ପରମେଶ୍ୱରଙ୍କ ମହିମା ହେଉ!

222 ସେ କଅଣ କଲେ? ତାହାପରେ ଶତ୍ରୁର ସମସ୍ତ ନଗରଦ୍ୱାରକୁ ଅଧିକାର କରି ନେଲେ। ସେ ଅସୁସ୍ଥତାର ନଗରଦ୍ୱାରକୁ ଅଧିକାର କରି ନେଲେ। ଅସୁସ୍ଥତା ତାହାଙ୍କ ଉପସ୍ଥିତିରେ ରହିପାରି ନ ଥିଲା। ନା, ଆଜ୍ଞା। କିଅବା ଅନ୍ୟ କୌଣସି ବିଷୟ ତାହାଙ୍କ ଉପସ୍ଥିତିରେ ବିଦ୍ୟମାନ ରହିପାରି ନ ଥିଲା। ତାହାଙ୍କ ଉପସ୍ଥିତିରେ ଏକ ଅନ୍ତିମ ସଂସ୍କାର ବିଦ୍ୟମାନ ରହି ପାରି ନ ଥିଲା। ନା। ସେ କଅଣ କରିଥିଲେ?

223 ଯିହୋଶୂୟଙ୍କର ମୃତ୍ୟୁ ହେଲା। ମୋଶାଙ୍କର ମୃତ୍ୟୁ ହେଲା। ବାକି ଅନ୍ୟାନ୍ୟ ସମସ୍ତେ

ମୃତ୍ୟୁବରଣ କଲେ, ମାତ୍ର ଏହି ରାଜକୀୟ ବଂଶ ନୁହେଁ। ଜୀବନ ଯେଉଁଠାରେ ଥାଏ ସେଠାରେ ମୃତ୍ୟୁ ସ୍ଥିର ହୋଇ ରହିପାରି ନ ଥାଏ।

224 ନାଇନ୍‌ର ସେହି ସ୍ତ୍ରୀଲୋକଟି, ତାଙ୍କ ପୁଅ ସହିତ ବାହାରି ଆସୁଥିଲେ। ଅଟକାଇ ଦେଇ କହିଲେ, "ପୁଅ, ଉଠ।"

225 ସେହି ଝିଅଟି ମରି ଯାଇଥିଲା, ଜାୟରସ୍‌ଙ୍କ କନ୍ୟା, ସେ ସେଠାରେ ଥିବା ସେହି ଅଜ୍ଞାତ ଜଗତକୁ ଏକ ଶବ୍ଦ କହିଲେ, ଏବଂ କହିଲେ, "ହେ କନ୍ୟେ, ଉଠ।"

226 ଲାଜାର, ଚାରି ଦିନ ହେବ ମରି ଯାଇଥିଲେ ଏବଂ ତାଙ୍କ ଦେହ କ୍ଷୟ ପାଇ ଯାଇଥିଲା, ଏବଂ ଚାରି ଦିନ ପର୍ଯ୍ୟନ୍ତ, ତାଙ୍କ ପ୍ରାଣ ସେଠାରୁ ଯାତ୍ରା କରି ସାରିଥିଲା। ସେ କହିଲେ, "ଲାଜାର, ଉଠି ଆସ।" ମହିମା ହେଉ!

227 ସେଠାରେ ସେ ଅଛନ୍ତି। ସେ କଅଣ କରିଥିଲେ? ସେ ପ୍ରତ୍ୟେକ ଜିନିଷର ମୁଦ୍ରାକୁ ଭାଙ୍ଗି ଦେଇଥିଲେ। ହାଲ୍ଲେଲୁୟା!

228 ତାହାପରେ ଯେତେବେଳେ ତାଙ୍କୁ ମରିବାକୁ ପଡିଲା, ସେ ସେହି ଜୀବନକୁ ଧରି ରଖିପାରି ନ ଥିଲେ। ସେ କେବେବି ମରି ନ ଥାଆନ୍ତେ, ମାତ୍ର ତାହାଙ୍କୁ ସେହି ଜୀବନକୁ ଦେବାକୁ ପଡିଥିଲା। ଏବଂ ଯେତେବେଳେ ସେ ସେହି ଜୀବନକୁ ଦେଲେ, ସେତେବେଳେ ସେ ଏକ ମୃତ୍ୟୁରେ ମୃତ୍ୟୁବରଣ କଲେ। ଏବଂ ତାହାଙ୍କର ମୂଲ୍ୟବାନ ପ୍ରାଣ, ଯେପରିକି ବାଇବଲ କୁହେ, ନରକ ମଧ୍ୟକୁ ଅବତରଣ କଲା, ଯେପରିକି ମୋହର ସ୍ଥାନ ଏବଂ ଆପଣଙ୍କର ସ୍ଥାନକୁ ଗ୍ରହଣ କରେ। ଅବ୍ରହାମଙ୍କର ସେହି ରାଜକୀୟ ବଂଶ! ତେବେ କଅଣ? ସେ ସେହି ରାଜକୀୟ ବଂଶ ଥିଲେ। ଓଃ, ମହିମା ହେଉ!

229 ବର୍ତ୍ତମାନ ଆମେମାନେ ହେଉଛୁ ସେହି ରାଜକୀୟ ବଂଶ, କଅଣ, ଯିଏକି ବାକ୍ୟ ସହିତରେ ରହିଥାନ୍ତି, ଠିକ୍ ଯେପରିକି ସେ ଥିଲେ। "କାରଣ ଆଦ୍ୟରେ ବାକ୍ୟ ଥିଲା, ଏବଂ ସେହି ବାକ୍ୟ ପରମେଶ୍ୱରଙ୍କ ସହିତରେ ଥିଲା; ଏବଂ ସେହି ବାକ୍ୟ, ମାଂସମୟ ଦେହ ଧାରଣ କଲା, ଏବଂ ଆମମାନଙ୍କ ମଧ୍ୟରେ ବାସ କଲା।" କଅଣ ଆପଣ ଦେଖୁ ନାହାଁନ୍ତି ଯେ ସେହି ରାଜକୀୟ ବଂଶ କେଉଁଠାରେ ଅଛି? ରାଜକୀୟ ବଂଶ ହିଁ ତାହା ଯିଏକି ସେହି ବାକ୍ୟ ସହିତରେ ରହିଥାଏ।

230 ଆପଣ ଦୁର୍ବଳ ବ୍ୟକ୍ତିମାନେ ଯେଉଁମାନେକି ଶୟତାନ ସହିତ, ଜଗତରେ ଥିବା ତାର ରଙ୍ଗଢଙ୍ଗ ସହିତ ଆପୋଷ ବୁଝାମଣା କରିବାକୁ ଇଚ୍ଛୁକ ରହିଥାନ୍ତି। (ମୁଁ ଏଠାରେ ଥିବା ଆପଣମାନଙ୍କୁ କହୁ ନାହିଁ।) ସେଠାରେ ବାହାରେ, ଆପଣ ପ୍ରଚାରକମାନେ ଯେଉଁମାନେକି ଏହା ଜାଣନ୍ତି ଯେ ଆପଣ ଏହା ପ୍ରଚାର କରନ୍ତି ଯେ ଚମତ୍କାରର ଦିନଗୁଡିକ ବିତି ଯାଇଛି, ଆପଣ ଏହା ପ୍ରଚାର କରନ୍ତି ଯେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଭଳି କୌଣସି କିଛି ବିଷୟ ନାହିଁ, ଆପଣଙ୍କ ଉପରେ ଲଜ୍ଜା ହେଉ, ଏବଂ ନିଜକୁ ଅବ୍ରହାମଙ୍କ ବଂଶ ବୋଲି ଡାକୁଥାଆନ୍ତି।

231 ସେହି ରାଜକୀୟ ବଂଶ ବାକ୍ୟ ସହିତରେ ରହିଥାଏ । ରାଜକୀୟ ବଂଶ, ମନୁଷ୍ୟ ଦ୍ୱାରା ଜନ୍ମ ହୋଇ ନ ଥାଏ, ପୁରୁଷ କିମ୍ବା ସ୍ତ୍ରୀ ସହିତ କୌଣସି କିଛି କରିବାର ବିଷୟ ନ ଥାଏ । ସେହି ସ୍ତ୍ରୀ ହେଉଛି ମଣ୍ଡଳୀ; ମଣ୍ଡଳୀ ସହିତ କିଛି କରିବାର ନାହିଁ । ମରିୟମଙ୍କର ସେହି ବୀଜ ସହିତ କୌଣସି କିଛି କରିବାର ନ ଥିଲା । ସେହିପରି ଭାବରେ ସେହି ମଣ୍ଡଳୀ, ତଥା-କଥିତ ସଂଗଠନର ମଧ୍ୟ, ସେହି ବୀଜ ସହିତ କିଛି ହେଲେ କରିବାର ନାହିଁ । ଏହା କେଉଁ ବିଷୟ ଦ୍ୱାରା ଜନ୍ମ ହୋଇଥାଏ? କୌଣସି ଏକ ସଂସ୍ଥାରୁ ନୁହେଁ, ମେଥୋଡିଷ୍ଟ, ବାପ୍‌ଟିଷ୍ଟ, ପ୍ରେସ୍‌ବିଟେରିଆନ୍, କ୍ୟାଥୋଲିକ୍, ଲୁଥରାନ୍, ଇତ୍ୟାଦିରୁ ନୁହେଁ ।

232 ମାତ୍ର, ପରମେଶ୍ୱରଙ୍କର ସେହି ପ୍ରତିଜ୍ଞାତ ରାଜକୀୟ ବଂଶରୁ ଜନ୍ମ ହୋଇଥାନ୍ତି, ତାହା ହିଁ ସେହି ଜଣକା ଯିଏକି ଶତ୍ରୁର ନଗରଦ୍ୱାରକୁ ଅଧିକାର କରିଥାନ୍ତି । ଏହା ତ ତାହା ପାଇଁ ଆଗରୁ ଅଧିକାର କରା ଯାଇସାରିଛି । "କାରଣ ଯଦି ତୁମେମାନେ ମୋ ଠାରେ ରୁହ, ଏବଂ ମୋହର ବାକ୍ୟ ତୁମ ଠାରେ ରୁହେ, ତେବେ ତୁମର ଯାହା ଇଚ୍ଛା ତାହା ମାଗ, ଏହା ତୁମ ପାଇଁ ହୋଇଯିବ ।" ସେଠାରେ ଆପଣ ଅଛନ୍ତି । ଏହା ଏକ ପ୍ରତିଜ୍ଞା ଅଟେ । ଏହା ତ ଆଗରୁ କରି ଦିଆଯାଇଛି ।

233 ତାହାଙ୍କର ବହୁମୂଲ୍ୟ ପ୍ରାଣ ନରକକୁ ଅବତରଣ କଲା, ଯେଉଁଠାକୁକି ମୋତେ ଯିବାର ଉଚିତ୍ ଥିଲା । ମାତ୍ର ସେହି ତୃତୀୟ ଦିନରେ...ଶାମ୍‌ସୋନ୍ ତାଙ୍କ ପିଠିରେ ସେହି ନଗରର ଫାଟକକୁ ବହି ନେଇ ଯାଇଥିଲେ, ତାହାର ଏହା ସହିତ କୌଣସି ସମ୍ପର୍କ ନ ଥିଲା । ସେ ତ ନରକର ଦ୍ୱାରଗୁଡିକୁ, କବରର ଦ୍ୱାରଗୁଡିକୁ, ଓ ଅନ୍ୟ ସମସ୍ତ କିଛିକୁ ନେଇ ଯାଇଥିଲେ । ସେ ଏହାକୁ ପର୍ବତ ଉପରକୁ ନେଇ ଯାଇ ନ ଥିଲେ, ମାତ୍ର ସେ ତ ଏହାକୁ ନଷ୍ଟ କରି ଦେଇଥିଲେ । ହାଲ୍ଲେଲୁୟା! ସେ ଶତ୍ରୁର ନଗରଦ୍ୱାରକୁ ଅଧିକାର କରିଥିଲେ ।

234 ଉର୍ଦ୍ଧ୍ୱରେ ରହିଥିବା, ସେହି ବାୟୁମଣ୍ଡଳ ଯାହାକି ଶୟତାନର ଶକ୍ତିରେ ପରିପୂର୍ଣ୍ଣ ଥିଲା, ଯେ ସ୍ୱର୍ଗଦୂତମାନେ କିମ୍ବା ଅନ୍ୟ କିଛି ତଳକୁ ଆସିପାରି ନ ଥିଲେ । ସେଠାରେ ମଧ୍ୟସ୍ଥତାର କୌଣସି ବିଷୟ ହୋଇପାରି ନ ଥିଲା, କାରଣ ଛାଗମାନଙ୍କର ରକ୍ତ ପାପକୁ ଦୂର କରିବ ନାହିଁ । ମାତ୍ର ତାହାଙ୍କର ନିଜର ରକ୍ତ ପାପକୁ ଦୂର କରିଥିଲା ।

235 ଏବଂ ସେ ଉଚ୍ଚକୁ ଉନ୍ନୀତ କରାଯାଇ, ବନ୍ଦୀମାନଙ୍କୁ ବନ୍ଦୀତ୍ୱରୁ ମୁକ୍ତ କରିଥିଲେ । ସେ ମନୁଷ୍ୟମାନଙ୍କୁ ଉପହାର ପ୍ରଦାନ କରିଥିଲେ । ତେବେ, ଅବ୍ରହାମଙ୍କ ପ୍ରତ୍ୟେକ ବୀଜ ଯିଏକି ସେହି ମୂଲ୍ୟ ଦେବାକୁ ଇଚ୍ଛୁକ ଅଟନ୍ତି, ଯେ ତଳକୁ ଆସି ସେମାନଙ୍କ ପାପରୁ ମନଫେରଣ କରନ୍ତି, ନିଜ ପାପର କ୍ଷମା ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତି, ପବିତ୍ରଆତ୍ମାଙ୍କ ଦ୍ୱାରା ପରିପୂର୍ଣ୍ଣ କରାଯାଆନ୍ତି, ଏବଂ ପରୀକ୍ଷାର ସମ୍ମୁଖୀନ ହୁଅନ୍ତି ।

236 ଏବଂ ଯେତେବେଳେ ସେମାନେ ଆପଣଙ୍କଠାରୁ ସେହି ଜଗତକୁ ବାହାର କରି ନିଅନ୍ତି, ସେହି ଜିନିଷଗୁଡିକୁ ଯାହାକି ବିତି ଯାଇଅଛି, ସବୁକିଛି ବିଷୟ ଯାହାକି ଭୁଲ୍ ରହିଥିଲା, ସବୁକିଛି ବିଷୟ ଯାହାକି ଭୁଲ୍ ମନେ ହେଉଥିଲା, ଯେପରିକି ସେହି ସ୍ତ୍ରୀଲୋକମାନେ ସେମାନଙ୍କର

କେଶ ସହିତ, ପୁରୁଷମାନେ ସେମାନଙ୍କର କାର୍ଯ୍ୟକଳାପ ସହିତ, ଏବଂ ମଣ୍ଡଳୀଗୁଡିକ ସେମାନଙ୍କର ସଂଗଠନଗୁଡ଼ିକ ସହିତ, ଏବଂ ସେହି—ଏବଂ ସେହି ପାଳକ ଯିଏକି ନିଜର ଦୀକନ୍‌ମାନଙ୍କର କଥାକୁ ପରିଚର୍ଯ୍ୟା କରିବେ, ଏବଂ—ଏବଂ ସେହି ପ୍ରକାର ସମସ୍ତ ବିଷୟଗୁଡିକୁ କରିବେ। କିଛି ଗୋଟାଏ ସାଂସାରିକ ବିଷୟକୁ ନେଇ କୌଣସି ଏକ ଗୋଷ୍ଠୀ ସେଠାରେ ପ୍ରବେଶ କରିବେ ଏବଂ ଜଣେ ଗରିବ ପାଳକଙ୍କୁ ଏପରି ବ୍ୟବହାର କରିବେ, ତାଙ୍କୁ ମଣ୍ଡଳୀରୁ ବାହାର କରିଦେବେ।

237 ହେ ପାଳକ, ଆଗକୁ ବଢୁଥାଆନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ସେହି ବାକ୍ୟ ସହିତ ଠିକ୍ ଲାଗି ରୁହନ୍ତୁ। କିଛି ହେଲେ ନିଅନ୍ତୁ ନାହିଁ।

238 ସେ ଉଚ୍ଚକୁ ଉନ୍ନୀତ କରା ଗଲେ। ସେ କଅଣ କଲେ? ସେ ଏକ ଗାତ, ଏକ ଫାଟକ କାଟିଲେ, ଯେପରିକି, ଅବ୍ରହାମଙ୍କ ଏହି ବୀଜର ପ୍ରାର୍ଥନା। କାହିଁକି? କାହିଁକି? ଯଦି ଆମେମାନେ ଖ୍ରୀଷ୍ଟଙ୍କ ଶରୀର ଅଟୁ, ଯଦି ଅମେମାନେ ମୃତ ଅଟୁ, ତାହାହେଲେ ଆମେମାନେ ନିଜକୁ ମୃତ ବୋଲି ଗଣନା କରୁ ଏବଂ ଖ୍ରୀଷ୍ଟଙ୍କଠାରେ କବରପ୍ରାପ୍ତ ଅଟୁ, ଏବଂ ପୁନରୁତ୍ଥାନରେ ତାହାଙ୍କ ସହିତ ଉତ୍‌ଥିତ ହୋଇଅଛୁ। ସେ ଶରୀରର ମସ୍ତକ ଅଟନ୍ତି। ଯେଉଁଠାରେ ମସ୍ତକ ଥାଏ, ସେହି ଶରୀର ତାହା ସହିତ ରହିଥାଏ। ଏବଂ ତାହାପରେ, ଆଜି ସକାଳେ, ଯେଉଁଠାରେକି ପ୍ରତ୍ୟେକ ସେହି ଜଣ ଯାହାକି ତାହା କରିଥିଲେ, "ତାହାଙ୍କ ସହିତ ସ୍ୱର୍ଗୀୟ ସ୍ଥାନରେ ବସିଅଛନ୍ତି," ରାଜକୀୟ ବୀଜଙ୍କ ସହିତରେ। ପରମେଶ୍ୱରଙ୍କର ପ୍ରଶଂସା ହେଉ।

239 କୌଣସି ଦ୍ୱାର ନାହିଁ। ଆପଣ ଏତେ ଦୂର ପର୍ଯ୍ୟନ୍ତ ପ୍ରାର୍ଥନା କରି, ଏହା କହିପାରନ୍ତି ନାହିଁ ଯେ, "ଓଃ, ଓଃ, *ସେଠାରେ* ଗୋଟିଏ ବାକ୍ୟ ଅଛି।" ହୁଃ-ଉଃ। ସେମାନେ ତ ଆପଣଙ୍କୁ, ଠିକ୍ ସେହିଠାରେ ହିଁ ବନ୍ଦ କରି ଦିଅନ୍ତି।

240 ମାତ୍ର ଯଦି ଆମର ହୃଦୟ ଆମକୁ ନିନ୍ଦା ନ କରେ; ଯଦି ଆମେମାନେ ଜାଣୁ ଯେ ଆମେ ପରମେଶ୍ୱରଙ୍କ ଆଜ୍ଞାଗୁଡିକରେ ଚାଲୁଅଛୁ; ଆମେମାନେ ନିଜର ଜୀବନକୁ ପରିଷ୍କୃତ କରା ହୋଇଥିବାର ଦେଖୁ; ଆମେମାନେ ଏହାକୁ ଦେଖୁଅଛୁ; ପରମେଶ୍ୱର ଆଜ୍ଞା କରିଥିବା ପ୍ରତ୍ୟେକ ବାକ୍ୟକୁ, ଆମେମାନେ ତାହା ପାଳନ କରୁଅଛୁ; ତାହାହେଲେ ପ୍ରତ୍ୟେକ ଶତ୍ରୁର ସେହି ନଗରଦ୍ୱାରଗୁଡିକ ଅଧିକାର କରା ଯାଇଅଛି। "ତେବେ ତୁମର ଯାହା ଇଚ୍ଛା ତାହା ମାଗ, ଏହା ତୁମ ପାଇଁ କରି ଦିଆଯିବ।" "ସେ ତାଙ୍କ ଶତ୍ରୁର ନଗରଦ୍ୱାରକୁ ଅଧିକାର କରିବେ।" ଓଃ, ଭାଇ, ତାହା କି ଏକ ମଣ୍ଡଳୀ ହେବ!

241 ଯେତେବେଳେ ମୁଁ ପୁନର୍ବାର ଫିନିକ୍ସକୁ ଫେରିଆସିବି, ଯଦି ପ୍ରଭୁ ମୋତେ ଅନୁମତି ଦିଅନ୍ତି, ମୁଁ ଆଶା କରେ, ଯେତେବେଳେ ମୁଁ ଏହି ଆରାଧନାଳୟକୁ ଚାଲି ଆସେ, ଯେ ଏହି ପାହାଚଗୁଡିକ ଧାଡ଼ିରେ ରହିଥିବେ, ଏବଂ ଏହି ସହରରେ ଥିବା ସମ୍ପୂର୍ଣ୍ଣ ସୁସମାଚାର ଆନ୍ଦୋଳନର ପ୍ରତ୍ୟେକ ପାହାଚଗୁଡିକ ଜୀବନ୍ତ ପରମେଶ୍ୱରଙ୍କ ସାଧୁମାନଙ୍କ ସହିତରେ

ପରିପୂର୍ଣ୍ଣ ହୋଇ ଧାଡ଼ି ରହିବେ: ଖ୍ରୀଷ୍ଟିଆନ ପରି ଦେଖା ଯାଉଥିବେ; ଖ୍ରୀଷ୍ଟିଆନ ପରି କଥା କହୁଥିବେ; ଖ୍ରୀଷ୍ଟିଆନଙ୍କ ପରି ଆଚରଣ କରୁଥିବେ; ପୁଣି ପରମେଶ୍ୱରଙ୍କ ଆତ୍ମା ସେମାନଙ୍କ ମଧ୍ୟରେ ଗମନାଗମନ କରୁଥିବେ, ଯେଉଁଠାରେକି, ଯଦି କେହି ଜଣେ ପାପ କରନ୍ତି, ପବିତ୍ରଆତ୍ମା ଏହାକୁ ତୁରନ୍ତ ହିଁ ସେଠାରେ ଡାକ ପକାଇବେ ।

242 ଏହା ତାହାକୁ କରିବ । ଆପଣ ଏହାକୁ ପ୍ରାର୍ଥନା ଧାଡିରେ ଦେଖିଥିବେ, ଯେପରିକି ଏଠାରେ ଯଜ୍ଞବେଦୀ ଉପରେ ଦେଖିଥାନ୍ତି । ଯେଉଁଠାରେକି, କୁହେ, "ଆପଣ ସେଠାକୁ ଫେରି ଯାଇ ଏହାକୁ ନିଜ ସ୍ୱାମୀଙ୍କ ସହିତରେ ଠିକ୍ କରି ନିଅନ୍ତୁ । ଯାଆନ୍ତୁ, ନିଜର ପତ୍ନୀଙ୍କୁ କୁହନ୍ତୁ ଯେ ଆପଣ, ଗତ ରାତ୍ରିରେ, ସେହି ମହିଳାଙ୍କ ସହିତ ବାହାରେ ଥିଲେ, ଏକ *ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ* ସ୍ଥାନରେ ବସିଥିଲେ ।" ଯଦି ତାହା ଏଠାରେ ସେହି ବାକ୍ୟରେ ଚାଲିବା ଦ୍ୱାରା, ସେହି ଶାନ୍ତ କ୍ଷୁଦ୍ର ରବକୁ ଶୁଣିବା ଦ୍ୱାରା, ଏହାକୁ କରିବ, ତାହାହେଲେ ଏହା ଆପଣଙ୍କ ଭିତରେ ମଧ୍ୟ ତାହାକୁ କରିବ । ଆପଣ ଅବ୍ରହାମଙ୍କ ବଂଶ ଅଟନ୍ତି । ତାହାପରେ, କୌଣସି ପାପ ରହେ ନାହିଁ ।

243 ହେ ପ୍ରଚାରକ, କଅଣ ଆପଣ ନିଜର ମଣ୍ଡଳୀରେ ତାହା ଦେଖିବାକୁ ପସନ୍ଦ କରିବେ ନାହିଁ କି? ଏହି ମଣ୍ଡଳୀରେ ଗମନାଗମନ କରନ୍ତୁ, ଏବଂ *ଏଠା*ରେ ଦେଇ ତଳକୁ ଅନାନ୍ତୁ, ଉଭୟ ପୁରୁଷ ଏବଂ ସ୍ତ୍ରୀଲୋକଙ୍କୁ ଦେଖନ୍ତୁ, ଧାର୍ମିକ, ସାଧୁମାନଙ୍କୁ, ଠିକ ସେଠାରେ ବସି ରହି ପରମେଶ୍ୱରଙ୍କ ଶକ୍ତିରେ କେବଳ ଶକ୍ତିଯୁକ୍ତ ହେଉଥିବାର ଦେଖନ୍ତୁ । ପାପ ଭିତରକୁ ଆସିପାରିବ ନାହିଁ । ଜଣେ ଲୋକ ଭିତରକୁ ଆସି ବସି ପଡ଼ିଲେ, ଆତ୍ମା ଉଠିଲେ ଏବଂ ଏହା କହିଲେ, "ଜନ୍ ଜୋନ୍ସ, ଆପଣ *ଅମୁକ-ଓ-ଅମୁକ,* ଏକ ସହର, ଏକ *ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ* ସ୍ଥାନରୁ ଆସିଛନ୍ତି । ସେ ଏଠାରେ ତାଙ୍କ ଶରୀର ପାଇଁ ଆରୋଗ୍ୟତା ପାଇବା ନିମନ୍ତେ ଅଛନ୍ତି । ବୁଝିଲେ? ସେ ଏକ *ନିର୍ଦ୍ଦିଷ୍ଟ* ସ୍ଥାନରେ ଏକ *ନିର୍ଦ୍ଦିଷ୍ଟ* କାର୍ଯ୍ୟ କରିଥିଲେ । ସେ *ଏହା* କରିଥିଲେ, ଏବଂ ସେ ନେଇଥିଲେ, *ଏହାକୁ* ଫେରାଇ ନେବାକୁ ପଡିଥିଲା, ଏହାକୁ ଠିକ୍ କରିବାକୁ ପଡିଥିଲା, ତେବେ ଯାଇ ପରମେଶ୍ୱର ତାଙ୍କୁ ସେହି କର୍କଟ ରୋଗରୁ ଆରୋଗ୍ୟତା ପ୍ରଦାନ କରିବେ । **ସଦାପ୍ରଭୁ ଏହି କଥା କୁହନ୍ତି ।**" ମୋର ପ୍ରଭୁ, ମୋର ପ୍ରଭୁ!

244 ମୋତେ ଏପରି ଏକ ମଣ୍ଡଳୀ ଦିଅନ୍ତୁ, ମୋତେ ଏପରି ଦଶ ଜଣ ପୁରୁଷ ଦିଅନ୍ତୁ, ଯେଉଁମାନେକି ପୂର୍ଣ୍ଣ-..., ପ୍ରକୃତରେ ପରମେଶ୍ୱରଙ୍କ ରତ୍ନ ଥିବେ, ସେହି ରାଜକୀୟ ବଂଶ ଥିବେ, ସେହି ପୁରୁଷମାନଙ୍କୁ ଏକତ୍ର କରିଦେବି, ଏବଂ ଦେଖନ୍ତୁ ଯେ କଅଣ ଘଟିତ ହେବ । ମୋତେ ସେହିପରି ଅଳ୍ପକିଛି ହାତ ଗଣତି ଲୋକମାନଙ୍କୁ ଦିଅନ୍ତୁ, ଏବଂ ମୁଁ ଆପଣଙ୍କୁ ଏପରି ଏକ ଆଲୋକ ଦେଖାଇବି ଯେ ଜଗତ ଏହା ନିକଟକୁ ଦୌଡି ଆସିବ । ତାହା ଠିକ୍ ଅଟେ । ତାହାହିଁ ଅଟେ ଯାହାକି ଆମେମାନେ ହେଉ ବୋଲି ପରମେଶ୍ୱର ଚାହାଁନ୍ତି । "ଆପଣ ପର୍ବତ ଉପରେ ସ୍ଥାପିତ ଏକ ନଗରୀ ଅଟନ୍ତି ।" ଆପଣ ଅବ୍ରହାମଙ୍କର ରାଜକୀୟ ବଂଶ ଅଟନ୍ତି । "ଏହା ତାର ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବ ।"

245 ଅସୁସ୍ଥତା, ଅସୁସ୍ଥତାର ଏକ କାରଣ ଅଛି । ସେଠାରେ ଏହି ବିଷୟଗୁଡ଼ିକ ପାଇଁ ଏକ

କାରଣ ଅଛି । ଏବଂ ପରମେଶ୍ଵର, ସେହି ପବିତ୍ରଆତ୍ମା, ସେହି ବିଷୟକୁ ପ୍ରକାଶ କରିବା ପାଇଁ ଏବଂ ଆପଣ ତାହା କାହିଁକି ପାଆନ୍ତି ନାହିଁ ସେହି ବିଷୟକୁ କହିବା ପାଇଁ ଏଠାରେ ଅଛନ୍ତି । ଆମ୍ଭ ସହିତରେ ମାମଲା କଅଣ ଅଟେ? ଆମ୍ଭକୁ ଆଶ୍ଚର୍ଯ୍ୟ କରିବାର ଦରକାର ନାହିଁ, "କଅଣ ଏହା କରିବ କି?" ଏହା ତ ଆଗରୁ କରୁଅଛି । ଆପଣ କଅଣ କରନ୍ତି?

246 ସେହି ଭବିଷ୍ୟଦ୍‌ବକ୍ତାଙ୍କୁ ଦେଖନ୍ତୁ । ସେ ପ୍ରବଳ ବେଗରେ ପ୍ରବାହିତ ସେହି ପବନକୁ ଶୁଣିଲେ ନାହିଁ, "ପରମେଶ୍ଵରଙ୍କ ମହିମା ହେଉ! ହାଲ୍ଲେଲୁୟା!"

247 ତାହା ଉତ୍ତମ ଅଟେ । ତେବେ, ମନେରଖନ୍ତୁ, ମୁଁ ଏହାକୁ ନିନ୍ଦା କରୁନାହିଁ । ମୁଁ ଆଶା କରେ ଯେ ସମସ୍ତେ ତାହାକୁ ବୁଝୁଛନ୍ତି । କେହି ଜଣେ କହିଲେ, "ଭାଇ ବ୍ରାନହାମ୍ ତାହା କହିବାରେ ବିଶ୍ଵାସ କରନ୍ତି ନାହିଁ, 'ପରମେଶ୍ଵରଙ୍କ ମହିମା ହେଉ! ହାଲ୍ଲେଲୁୟା!'" ତେବେ, ମୋତେ ବର୍ତ୍ତମାନ ଏଠାରେ ଉପରେ ଦେଖନ୍ତୁ । ମୁଁ ଉଚ୍ଚ ପାଟିରେ ଚିତ୍କାର କରିବାରେ, ପରଭାଷାରେ କଥା କହିବାରେ, ଆତ୍ମାରେ ନୃତ୍ୟ କରିବାରେ ବିଶ୍ଵାସ କରେ ।

248 ମାତ୍ର, ଭାଇ, ଯେତେବେଳେ ଆପଣ ସେହି ବାକ୍ୟର ଶାନ୍ତ କ୍ଷୁଦ୍ର ରବକୁ ଶୁଣିବାରେ ବିଫଳ ହୁଅନ୍ତି, ତାହାହିଁ ସେହି ବିଷୟ ଅଟେ ଯାହାକି ଆପଣଙ୍କୁ ଅଧିକାର କରି ନେଇଥାଏ । ତାହାହିଁ ସେହି ବିଷୟ ଅଟେ ।

249 ଏଲିୟ ଜାଣିଥିଲେ ଯେ ଏହି ସମସ୍ତ ଉଦ୍ଦୀପନା ବାହ୍ୟରେ ଚାଲିଛି । ମାତ୍ର ସେ ଥିଲେ… ଏହା ତାଙ୍କୁ କେବେବି ତାହାର ବାହ୍ୟରେ ଆକର୍ଷିତ କରି ନ ଥିଲା । ମାତ୍ର ଯେତେବେଳେ ସେ ପରମେଶ୍ଵରଙ୍କ ସେହି ଶାନ୍ତ କ୍ଷୁଦ୍ର ରବକୁ ଶୁଣିଲେ, ତାହାପରେ ଯାଇ ଯେ ଆକର୍ଷିତ ହୋଇଥିଲେ । ଏବଂ ସେ ଆପଣା ମୁହଁକୁ ଆଚ୍ଛାଦନ କରି, ବାହାରକୁ ଆସିଥିଲେ । କାହିଁକି? ଏଲିୟ ଅବ୍ରହାମଙ୍କ ବଂଶ ଥିଲେ, ବାକ୍ୟକୁ ଅନୁସରଣ କରୁଥିଲେ ।

250 "ଯଦି ତୁମେମାନେ ମୋ ଠାରେ ରୁହ ଏବଂ ମୋହର ବାକ୍ୟ ତୁମ ଠାରେ ରୁହେ, ତେବେ ତୁମେ ଯାହା ଇଚ୍ଛା କର ତାହା ମାଗ, ଏହା ତୁମ ପାଇଁ କରାଯିବ ।"

ଆସନ୍ତୁ ଆମେମାନେ ଅଳ୍ପ କ୍ଷଣ ପ୍ରାର୍ଥନା ପାଇଁ ନିଜର ମସ୍ତକଗୁଡ଼ିକୁ ନତ କରିବା ।

251 ହେ, ମଣ୍ଡଳୀ, କିପରି, ଯେତେବେଳେ ମୁଁ ସେହିପରି ଭାବରେ ପ୍ରଚାର କରି ସାରିଥାଏ, ମୁଁ କିପରି ଅନୁଭବ କରିଥାଏ! ଆତ୍ମା ମୋ ଠାରୁ ଦୂରେଇ ଚାଲିଯାଆନ୍ତି, ଏବଂ ମୁଁ ପଛକୁ ଚାହିଁଥାଏ, ମୁଁ ଲୋକମାନଙ୍କୁ ଦେଖେ ଯେ ସେମାନେ ପ୍ରକୃତରେ ନିଜ ପକେଟକୁ ଯାଇ ତାହା ସବୁ ମୋତେ ଦେଇ ଦିଅନ୍ତି, ଯାହାକି ସେମାନଙ୍କର ପିଲାମାନଙ୍କର ଖାଦ୍ୟ ନିମନ୍ତେ ରହିଥାଏ । ମୁଁ ଏଠାରେ ସାନ ସାନ ସ୍ତ୍ରୀମାନଙ୍କୁ ଦେଖେ, ବୋଧହୁଏ ଛୋଟ ଛୋଟ କେଶ ସହିତ, ସେମାନେ କଅଣ କରିବେ? ସେମାନେ ମୋ ପାଇଁ ଜଗତରେ ଥିବା ଯେକୌଣସି ବିଷୟକୁ କରିବେ ଯାହା ସେମାନେ କରିପାରିବେ । ପୁରୁଷ ସେହି ପ୍ରକାରେ ଏକ ପତ୍ନୀ ସହିତ ରହୁଥାନ୍ତି, ଏବଂ ମୁଁ କେବଳ ସେହି ବାକ୍ୟ ସହିତ ଖଣ୍ଡ ଖଣ୍ଡ କରି କାଟି ପକାଇଥାଏ, ଆଘାତ କରିଥାଏ, ତାଙ୍କ ବିବେକ ତଳକୁ ଅବନତି ହୋଇଥାଏ, ଏବଂ ତଥାପି ସେହି ପୁରୁଷ ଏଠାକୁ ଯାଇ ଚାକର

ଭଳି ଖଟିଥାଏ, ଏବଂ ମୋତେ ନିଜର ଦଶମାଂଶ ପଠାଇଥାଏ । ତାହା ଠିକ୍ । ତେବେ ଏହା ମୋତେ ଲଜ୍ଜିତ ଅନୁଭବ କରାଇଥାଏ, ସେତେବେଳେ ସେହି ଶାରୀରିକ ବିଷୟ ନିକଟକୁ ଫେରିଯାଏ, ଆପଣ ଅନୁଭବ କରନ୍ତି, "ମୁଁ କଅଣ—ମୁଁ କଅଣ କହିଲି?" ମୋର ଅଭିପ୍ରାୟ ଆଘାତ କରିବାର ନ ଥିଲା, ଏହା ତାହା ନୁହେଁ ।

252 ମାତ୍ର, ହେ, ଭାଇ, ଏବଂ ମୋର ପ୍ରିୟ ସାନ ଭଉଣୀ ଏବଂ ଭାଇ, ଯଦି ତାହା ପରମେଶ୍ୱରଙ୍କ ବାକ୍ୟ ଅଟେ, ଏବଂ ଏହା ସେହି ଆତ୍ମା ଅଟେ ଯିଏକି ସେହି ବାକ୍ୟକୁ, ଆପଣଙ୍କ ନିକଟରେ ଜୀବନ୍ତ କରାଇଥାଏ, ତାହାହେଲେ ସେହି ବିଚାର ଦିନରେ ଏହା କଅଣ ହେବ? ମୁଁ ତ ଆପଣଙ୍କୁ ସେହି ଦିନ ପାଇଁ ପ୍ରସ୍ତୁତ କରିବାକୁ ଚେଷ୍ଟା କରୁଅଛି । ଦୟାକରି, ଦୟାକରି ତାହାଙ୍କର ବାକ୍ୟକୁ କେବଳ ଗ୍ରହଣ କରି ନିଅନ୍ତୁ । ଯଦି ମୁଁ କେବେ ଏପରି କୌଣସି ବିଷୟ ପ୍ରଚାର କରେ ଯାହାକି ବାକ୍ୟ ନୁହେଁ, ପରମେଶ୍ୱରଙ୍କ ଏକ ପ୍ରତିଜ୍ଞା ନୁହେଁ, ତାହହେଲେ ଆପଣଙ୍କ ପାଖରେ ମୋ ପାଖକୁ ଆସିବାର ଏକ ଅଧିକାର ଅଛି । ମାତ୍ର ତାହା ହେଉଛି ବାକ୍ୟ । ଏବଂ ଏହା ଏଇଥି ପାଇଁ ଅଟେ ଯେହେତୁ ମୁଁ ଆପଣଙ୍କୁ ଭଲ ପାଏ ।

253 ଏହା ଏଇଥି ପାଇଁ ନୁହେଁ ଯେହେତୁ ମୁଁ—ମୁଁ ଆପଣଙ୍କୁ ଡଙ୍ଗାରେ ଚାହେଁ ନାହିଁ । ଏହା ଏଇଥି ପାଇଁ ଅଟେ ଯେହେତୁ ସେହି ଡଙ୍ଗା ଆପଣଙ୍କୁ ନେଇକରି ଯିବ ନାହିଁ । ଆପଣ ତ ଏହି ଦିନଗୁଡିକ ମଧ୍ୟରୁ ଗୋଟିଏରେ, ଧକ୍କା ହୋଇଯିବାକୁ ଯାଉଛନ୍ତି ।

254 ଆପଣଙ୍କୁ ତ ବିଚାରକୁ ଆସିବାକୁ ପଡିବ । "ଯିଏ ଅଳ୍ପ ବିଷୟରେ ଦୋଷୀ ସେ ସମଗ୍ର ବିଷୟରେ ଦୋଷୀ ଅଟେ ।" ଏବଂ ଯେତେବେଳେ ଆପଣ ଏହା ଜାଣି ନିଅନ୍ତି ଯେ କୌଣସି ବି ବିଷୟ କରିବାଟା ଠିକ୍ ଅଟେ, ଏହା ପରମେଶ୍ୱରଙ୍କ ବାକ୍ୟ ଅଟେ ଏବଂ ଏହା କରିବାର ଏକ ପ୍ରତିଜ୍ଞା ଅଟେ, ତାହାପରେ ଆପଣ ଏହାକୁ କରନ୍ତି ନାହିଁ, ତେବେ ଏହା ବିଷୟରେ କଅଣ? ଆପଣଙ୍କୁ ତ ଏକ କାରଣ ଦେବା ପାଇଁ କୁହାଯିବ, ସେତେବେଳେ କଅଣ ହେବ? ଯେତେବେଳେ ଆଜି ସକାଳର ଏହି ବାର୍ତ୍ତା, ସେହି ବିଚାର ଦିନରେ, ପରଦାରେ ଆପଣଙ୍କର ସମ୍ମୁଖୀନ ହେବ, ତେବେ ତାହା ବିଷୟରେ କଅଣ? ବନ୍ଧୁଗଣ, ଏହା ବିଷୟରେ ଚିନ୍ତା କରନ୍ତୁ । ଦିନ ସରିବା ପୂର୍ବରୁ ହୁଏତ ଆପଣ ମରି ଯାଇପାରନ୍ତି । ଆମେମାନେ ସମସ୍ତେ ମରି ଯାଇପାରୁ । ଏବଂ ଗୋଟିଏ ବିଷୟ ସୁନିଶ୍ଚିତ ଅଟେ, ଆପଣ ମରିବାକୁ ଯାଉଅଛନ୍ତି ।

255 ମୁଁ ଅନ୍ୟ ଦିନ ଛିଡା ହୋଇ ମୋ ମାଆଙ୍କୁ ଦେଖୁଥିଲି, ମୁଁ ତାଙ୍କୁ ମୋ ବାହୁରେ ଧରିଥିଲି । ତାର ଅଳ୍ପ ପୂର୍ବରୁ ମୁଁ ମୋ ବାପାଙ୍କୁ ଧରି ରହିଥିଲି, ଏବଂ ତାଙ୍କୁ ଯିବାର ଦେଖିଥିଲି ।

256 ମୁଁ ସେହି ଲୋକମାନଙ୍କୁ ମାର୍ଗର ଶେଷରେ ଆସୁଥିବାର ଦେଖିଅଛି, ଯେଉଁମାନେକି ଭାବିଥିଲେ ଯେ ସେମାନେ ପ୍ରକୃତରେ ଠିକ୍ ଅଛନ୍ତି । କହିଥିଲେ, "ଓଃ, ଭାଇ ବ୍ରାନହାମ୍, ଓଃ, ଯଦି ମୁଁ ଆଉ ଟିକିଏ ଅଧିକ ବଞ୍ଚି ପାରିଥାନ୍ତି!" ସେତେବେଳକୁ ବହୁତ ଡେରି ହୋଇ ଯାଇଥାଏ । ଏବଂ ମନେରଖନ୍ତୁ, ମୃତ୍ୟୁ ପ୍ରାଣକୁ ପରିବର୍ତ୍ତନ କରେ ନାହିଁ, ଏହା ତ କେବଳ ତାହାର ବାସସ୍ଥାନକୁ ପରିବର୍ତ୍ତନ କରେ । ଏବଂ ଯଦି ଆପଣ ନିଜ ଭିତରେ ସେପରି କିଛି

ରହିଥିବାର ଦେଖନ୍ତି, ତେବେ ବର୍ତ୍ତମାନ ହିଁ ଯୁକ୍ତିଯୁକ୍ତ ହୋଇଯାଆନ୍ତୁ, ଯଦି ଆପଣ ଦେଖନ୍ତି ଯେ ଆପଣଙ୍କ ଭିତରେ ଏପରି କିଛି ବିଷୟ ଆପଣଙ୍କୁ ସେହିପରି ଭାବରେ ଆଚରଣ କରିବାକୁ ଓ ସେହିପରି ଅନୁଭବ କରିବାକୁ ପ୍ରବର୍ତ୍ତାଉଅଛି, ଯେପରିକି ଆପଣଙ୍କୁ ତାହା ଅନୁଭବ କରିବା ଉଚିତ୍ ନୁହେଁ, ତାହାହେଲେ ଆଜି ସକାଳେ ହିଁ ଅନୁତାପ କରନ୍ତୁ । ବନ୍ଧୁ, କଅଣ ଆପଣ କରିବେ କି? ଆସନ୍ତୁ । ହୁଅନ୍ତୁ...ଆପଣଙ୍କୁ ସେହିପରି ହେବାର ପ୍ରୟୋଜନ ନାହିଁ । ଆପଣ ତ ଜଣେ ଦୁର୍ଭାଗା ବ୍ୟକ୍ତି ଅଟନ୍ତି । ଏକ ପ୍ରକୃତ ରାଜକୀୟ ବଂଶ ପରି ଜୀବନଯାପନ କରନ୍ତୁ । ପରମେଶ୍ୱର ଆଜି ହିଁ ଆପଣଙ୍କୁ ଚାହାଁନ୍ତି ।

257 ଯେତେବେଳେ ଆପଣମାନଙ୍କର ମସ୍ତକ, ଓ ହୃଦୟ ନତ ଅଛି, କଅଣ ଆପଣ ନିଜର ହାତ ଉଠାଇବେ କି । କହିବେ, "ଭାଇ ବ୍ରାନହାମ୍, ମୁଁ ପରମେଶ୍ୱରଙ୍କ ନିକଟରେ ମୋର ହାତକୁ ଉଠାଉଅଛି । ସଚ୍ଚୋଟ ଭାବରେ, ମୋ ହୃଦୟରୁ, ତାହାହିଁ ଅଟେ ଯାହାକି ମୁଁ ହେବାକୁ ଚାହେଁ । ତାହାହିଁ ପ୍ରକୃତରେ ମୁଁ ହେବାକୁ ଚାହୁଁଛି । ମୁଁ କରିଛି—ମୁଁ ଏଠାରେ ଏବଂ ଅନ୍ୟ ସବୁଆଡ଼େ ଗଡ଼ବଡ଼ କରିଛି, ମାତ୍ର ପ୍ରକୃତରେ ମୁଁ—ମୁଁ ସେହିପରି ହେବାକୁ ଚାହେଁ ନାହିଁ । ମୁଁ ତ ତାହା ହେବାକୁ ଚାହେଁ ଯାହା ବିଷୟରେ ଆପଣ ଆଜି ସକାଳରୁ କହି ଆସୁଛନ୍ତି । ମୋ ପାଇଁ ପ୍ରାର୍ଥନା କରିବେ, ଭାଇ ବ୍ରାନହାମ୍ । ମୁଁ ପରମେଶ୍ୱରଙ୍କ ନିକଟରେ ମୋର ହାତକୁ ଉଠାଉଅଛି, ଆପଣଙ୍କ ନିକଟରେ ନୁହେଁ, ଭାଇ ବ୍ରାନହାମ୍, ମାତ୍ର ପରମେଶ୍ୱରଙ୍କ ନିକଟରେ । ଏବଂ ମୋ ହୃଦୟରେ, ସେ ମୋର ହୃଦୟକୁ ଜାଣନ୍ତି, ମୁଁ ସେହି ପ୍ରକାରର ଖ୍ରୀଷ୍ଟିଆନ ହେବାକୁ ଇଚ୍ଛା କରେ, ଯାହା ବିଷୟରେ ଆପଣ କହୁଅଛନ୍ତି, ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ, ଅବ୍ରହାମଙ୍କର ଏକ ରାଜକୀୟ ବଂଶ ହେବା ।" ବର୍ତ୍ତମାନ ନିଜର ହାତ ଉଠାନ୍ତୁ ଏବଂ କୁହନ୍ତୁ, "ମୁଁ କରିବି... ଭାଇ ବ୍ରାନହାମ୍, ମୋ ପାଇଁ ପ୍ରାର୍ଥନା କରିବେ ।" ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ନିଶ୍ଚୟ ସେ ଏହାକୁ ଆପଣଙ୍କ ପାଇଁ କରିବେ ।

258 ଆମମାନଙ୍କର ସ୍ୱର୍ଗସ୍ଥ ପିତା, ତୁମର ବାକ୍ୟର ଆଲୋକରେ, ତୁମର ପୁନରୁତ୍ଥାନର ଶକ୍ତିରେ! ଏବଂ ମୁଁ ହୃଦୟଙ୍ଗମ କରେ ଯେ, ହେ ପ୍ରଭୁ, ସେହି ଗରିବ ଲୋକମାନେ ଅନେକ ଥର ଭିନ୍ନ ଭିନ୍ନ ମାଧ୍ୟମରେ, ଏଠାରେ ହତବୁଦ୍ଧି ହୋଇଯାଆନ୍ତି...ସେହି ଲୋକମାନେ କଅଣ କରିବେ ତାହା ଜାଣନ୍ତି ନାହିଁ; ଜଣେ ଆସି, ଗୋଟିଏ କଥା କୁହନ୍ତି; ଏବଂ ଆଉ ଜଣେ ଆସି, ଅନ୍ୟ ଗୋଟିଏ କଥା କୁହନ୍ତି ।

259 ଏବଂ ଏଠାରେ ଫିନିକ୍ସରେ, ତେବେ, ପର୍ଯ୍ୟଟକମାନଙ୍କ, ର—ର ଏହି ମହାନ ସହର, ଯେଉଁଠାରେକି ସମଗ୍ର ଦେଶରୁ ସବୁକିଛି ବିଷୟ, ଉଭୟ ଶାରୀରିକ ଏବଂ ଆତ୍ମିକ ଏହା ଭିତରକୁ ଚାଲି ଆସିଥାଏ । ଅନ୍ୟ ଦିନ, ସେହି ପର୍ବତ ଉପରେ ଛିଡା ହୋଇଥିଲି, ଏବଂ ଏହା ଚିନ୍ତା କରୁଥିଲି ଯେ ତଳେ ଏଠାରେ ଦିନକୁ କେତେଥର ପରମେଶ୍ୱରଙ୍କ ନାମ ବୃଥାରେ ବ୍ୟବହୃତ କରାହୁଏ, କେତେ ଅଧିକ ବ୍ୟଭିଚାର କର୍ମ କରାଯାଏ, ଏଠାରେ ରାସ୍ତାରେ କେତେ ଅଧିକ ପାପ ଏବଂ ମନ୍ଦତା, ଏବଂ ମଦଶାଳା ଓ ମଦଭାଟି ରହିଥାଏ, ଏବଂ ସବୁକିଛି ଥାଏ, ପୁଣି

ସେମାନଙ୍କ ମଧ୍ୟରୁ ଅନେକେ ବିଶ୍ୱାସୀ, ଖ୍ରୀଷ୍ଟିଆନ ବୋଲି କୁହାଉଥାନ୍ତି!

260 ମହିଳାମାନେ ସେମାନଙ୍କ ହାତରେ, ଏକ ସିଗାରେଟ୍ ଧରି ରାସ୍ତାରେ ଚାଲି ଯାଉଥାଆନ୍ତି। ଅନୈତିକ ପୋଷାକ ପରିଧାନ କରି ଗମନାଗମନ କରୁଥାଆନ୍ତି, ଯେତେବେଳେକି ତୁମେ କହିଛ ଯେ ଏହା ତୁମ ଆଗରେ ଦୁର୍ଗନ୍ଧ ହେଉଅଛି, "ଏହା ଏକ ଘୃଣ୍ୟ ବିଷୟ ଅଟେ," ଯେପରିକି ଏକ ପୁରୁଣା, ମଇଳା, ଅପରିଷ୍କାର, ଦୁର୍ଗନ୍ଧକାରୀ ପରିଶ୍ରାଗାର ଅଟେ। ହେ ପରମେଶ୍ୱର, କିପରି ଜଣେ ମହିଳା ଯିଏକି ପବିତ୍ରଆତ୍ମା ପାଇଛନ୍ତି ବୋଲି ଦାବି କରନ୍ତି ଏହିପରି ଏକ କାର୍ଯ୍ୟ କରିପାରନ୍ତି, ଏବଂ ଏହା ଜାଣିଥାଆନ୍ତି ଯେ ତ୍ରାଣକର୍ତ୍ତାଙ୍କର ନାକରେ, ତାହା ସେହିପରି ଗନ୍ଧ, ଦୁର୍ଗନ୍ଧ ହେଉଥାଏ? ସେ କିପରି ଭାବରେ ତାହାଙ୍କ ରାଜ୍ୟରେ ଏହିପରି ଏକ ବିଷୟକୁ ରଖିପାରନ୍ତି? ପିତା, ଯଦି ସେମାନେ କେବଳ ଏହା ଜାଣିଥାଆନ୍ତେ, ସେମାନେ ତ ଏହାଠାରୁ ଲକ୍ଷ ଲକ୍ଷ ମାଇଲ ବାଟ ଦୂରରେ ଅଟନ୍ତି।

261 ହେ ପରମେଶ୍ୱର, ମୁଁ ପ୍ରାର୍ଥନା କରେ, ଯେ ଦୟା କର। କେହି ହେଲେ ସେହି ହଜିଯାଇଥିବା ଅଞ୍ଚଳଗୁଡିକୁ ଯିବାକୁ ଚାହାଁନ୍ତି ନାହିଁ। ପିତା, କେହି ହେଲେ ସେଠାକୁ ଯିବାକୁ ଚାହାଁନ୍ତି ନାହିଁ। ଆମ ଭିତରୁ କେହି ହେଲେ ସେଠାକୁ ଯିବା ବିଷୟ ଦୂର ହେଉ। ତଥାପି ସେଠାରେ ତଳେ ସେହି ବ୍ୟକ୍ତିଙ୍କ ଭିତରେ ଏକ ଭଲ ହୃଦୟଟିଏ ଅଛି, ସେହି ପୁରୁଷ, ସେହି ମହିଳା, ଜଣେ ପୁରୁଷ କିମ୍ୱା ସ୍ତ୍ରୀ ଯିଏକି ପରୋପକାରୀ ଏବଂ ଉତ୍ତମ ଓ ଦୟାଳୁ ଅଟନ୍ତି, ଏବଂ କେବଳ ଶୟତାନ ଦ୍ୱାରା ପ୍ରତାରିତ ହୋଇ ଯାଇଛନ୍ତି। ଶୟତାନ ତାହା କରିଅଛି।

262 ଶୟତାନ, ମୁଁ ତୋର ବିରୁଦ୍ଧରେ ଅଟେ, କାରଣ ତୁ ମୋର ପ୍ରଭୁଙ୍କର ଜଣେ ଶତ୍ରୁ ଅଟୁ। ତୁ ତାହାଙ୍କ ବାକ୍ୟର ଏକ ଶତ୍ରୁ ଅଟୁ। ଏବଂ ମୁଁ ତୋତେ, ପରମେଶ୍ୱରଙ୍କ ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା, ଏକ ମର୍ତ୍ତ୍ୟ ପ୍ରାଣୀ ଭାବରେ ଧମକ ଦେଉଅଛି, ଏହା ଜାଣି ଯେ ମୋର ନିଜ ଠାରେ କୌଣସି ଶକ୍ତି ନାହିଁ। ମୋ ପାଖରେ ତୋତେ ଅଟକାଇବା ପାଇଁ ଶକ୍ତି ନାହିଁ। ମୋ ପାଖରେ ଏହି ମହିଳାମାନଙ୍କ ମଧ୍ୟରୁ କାହାରିକୁ, ଏହି ପୁରୁଷମାନଙ୍କ ମଧ୍ୟରୁ କାହାରିକୁ ପରିଷ୍କାର କରିବାର ଶକ୍ତି ନାହିଁ, ଯେଉଁମାନେକି ଏହି ଟେପ୍‌କୁ ଶୁଣୁଛନ୍ତି, କିମ୍ୱା—କିମ୍ୱା ଯାହାକିଛି ବି। ମୋ ପାଖରେ ସେମାନଙ୍କୁ ପରିଷ୍କାର କରିବାର କୌଣସି ଉପାୟ ନାହିଁ। ମୁଁ ଶକ୍ତିହୀନ ଅଟେ। କିନ୍ତୁ ମୋ ପାଖରେ ଜଣେ ସେବକ ଭାବରେ, ଏହାକୁ ପ୍ରଚାର କରିବାକୁ, ପରମେଶ୍ୱରଙ୍କ ବାକ୍ୟର ଅଧିକାର ଅଛି, ଏବଂ ସେହି ଅଧିକାର ପ୍ରତି କର୍ତ୍ତବ୍ୟବଦ୍ଧ ଅଟେ। ଏଠାରେ ଥିବା ଏହି ପୋଲିସ୍ କର୍ମଚାରୀଙ୍କର ସେହି କାରକୁ ଅଟକାଇବାର କ୍ଷମତା ନାହିଁ, ମାତ୍ର ଏହା କରିବାକୁ ତାଙ୍କ ପାଖରେ ଅଧିକାର ଅଛି।

263 ଏବଂ, ଶୟତାନ, ତୁ ମଧ୍ୟ ତୋର ବ୍ରେକ୍ ଚିପିବାକୁ ଯାଇପାରୁ, କାରଣ ମୁଁ ତୋତେ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା, ଧମକ ଦେଉଅଛି, ଯେ ତୁ ଏହି ଲୋକମାନଙ୍କୁ, ସମଗ୍ର ବିଶ୍ୱରେ ମୁକ୍ତ କରି ଦେ, ଯେଉଁଠାକୁ ବି ଏହି ବାର୍ତ୍ତା ଯାଏ। ସେମାନଙ୍କୁ ମୁକ୍ତା କରି ଦେ। ମୁଁ ସେମାନଙ୍କୁ ଦାବି କରେ ଯେ ସେମାନେ କ୍ରୟ କରାଯାଇଛନ୍ତି। ସେମାନେ ସେମାନଙ୍କର ନିଜର ନୁହଁନ୍ତି। ସେମାନେ ଏକ

ମୂଲ୍ୟ ଦେଇ କ୍ରୟ କରାଯାଇଛନ୍ତି, ସେମାନେ ଅବ୍ରହାମଙ୍କର ରାଜକୀୟ ବଂଶ, ପ୍ରଭୁ ଯୀଶୁ ଅଟନ୍ତି।

264 ତୁ ଅପରିଷ୍କାର, ମଇଳା, ଦୁର୍ଗନ୍ଧ କପଟୀ, ମନୁଷ୍ୟର ପ୍ରତାରଣାକାରୀ, ସେମାନଙ୍କୁ ଅନ୍ଧ ଭାବରେ ନରକର ଗର୍ତ୍ତକୁ କଢାଇ ନେଉଅଛୁ, ସେମାନଙ୍କୁ ମୁକ୍ତ କରି ଦେ। ଜୀବନ୍ତ ପରମେଶ୍ୱରଙ୍କ ଦ୍ୱାରା, ତାହାଙ୍କ ପୁତ୍ର, ଯୀଶୁଙ୍କ ବଳିଦାନ ଦ୍ୱାରା, ମୁଁ ତୋତେ ଆଦେଶ ଦେଉଅଛି ଯେ, ତୁ ସେମାନଙ୍କୁ ମୁକ୍ତ କରି ଦେ, ଯେପରିକି ସେମାନଙ୍କର ପ୍ରାଣଗୁଡିକ ତାହାଙ୍କର ଆଶୀର୍ବାଦ ଏବଂ ତାହାଙ୍କର ଉପସ୍ଥିତିରେ ଶକ୍ତିଯୁକ୍ତ ହୋଇପାରେ, ଯେଣୁ ସେମାନେ ପ୍ରତ୍ୟେକ ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିପାରିବେ। [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।] ତୁ ସେମାନଙ୍କୁ *ଏହା*, *ତାହା*, ବା *ଅନ୍ୟ* କିଛି ବିଷୟ ପାଇଁ ଅପେକ୍ଷା କରାଇ ରଖିଅଛୁ, କିମ୍ୱା କୌଣସି ପବିତ୍ର ସ୍ୱର୍ଶ, ଅବା ଅନ୍ୟ କିଛି ବିଷୟ, ମାତ୍ର ମୁଁ କହୁଛି ଯେ ତୁ ତୋର ଧରିଥିବା ବନ୍ଧନକୁ ହରାଇବାକୁ ଯାଉଅଛୁ।

265 ଏହିପରି ଏକ ଅଭିଷେକରେ ଅସୁସ୍ଥତା କିପରି ଭାବରେ ଛିଡା ହୋଇପାରିବ? କେବଳ ଯେତେବେଳେ ସେମାନେ ପିତା ଅବ୍ରହାମ କରିଥିବା ଭଳି ପ୍ରତିଜ୍ଞା ଉପରେ ଦୃଷ୍ଟି କରିବାକୁ ମନା କରିଦିଅନ୍ତି, ଯେତେବେଳେକି ସେ ତାହାଙ୍କୁ ଏକ ପ୍ରତିଚିତ୍ରଣରେ ଶହ ଶହ ବର୍ଷ ଉତ୍ତାରେ ଆସୁଥିବାର ଦେଖି ପାରିଥିଲେ।

266 ସେମାନଙ୍କୁ ଛାଡ଼ି ଦେ। ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ସେହି ଲୋକମାନଙ୍କୁ ଯିବାକୁ ଦେ।

267 ଏହା ହେଉ ଯେ ପରମେଶ୍ୱରଙ୍କ ଶକ୍ତି, ବାକ୍ୟର ସେହି ବୁଝାମଣା, ଯେତେବେଳେ ସେମାନେ ଆଜି ସକାଳେ ଏହା ଦ୍ୱାରା ଧୌତ କରାଯାଇ ଅଛନ୍ତି, ତେବେ ପରମେଶ୍ୱରଙ୍କ ବାକ୍ୟ ଏବଂ ତାହାଙ୍କର ପ୍ରତିଜ୍ଞାଗୁଡ଼ିକୁ ପାଳନ କରିବାର ବୁଝାମଣା ସତ୍ୟ ହେଉ, ଏପରି ଏକ ବନ୍ଧନ ହେଉ ଯାହାକି ଶୟତାନ ଦ୍ୱାରା ଭଙ୍ଗା ଯାଇପାରେ ନାହିଁ। ଏହା ହେଉ ଯେ ପ୍ରତ୍ୟେକ ଜଣ ସେହି ପ୍ରତିଜ୍ଞାକୁ ଧରି ରଖିଥାନ୍ତୁ, ଏହା କହି, "ଏହାହିଁ ତାହା ଅଟେ। ମୁଁ ଏହାକୁ ଧରି ରହିଛି। ପରମେଶ୍ୱର ପ୍ରତିଜ୍ଞାକୁ କରିଥିଲେ। ମୁଁ ଅବ୍ରହାମଙ୍କ ବଂଶ ଅଟେ। ମୁଁ ତାହାଙ୍କ ପ୍ରତିଜ୍ଞାକୁ କିପରି ସନ୍ଦେହ କରିପାରେ?" ଏବଂ ଆମ ପ୍ରଭୁ, ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମ ଦେଇ, ଠିକ୍ ଆଗକୁ ବଢି ଯାଆନ୍ତୁ। ଆମେନ୍।

ମୁଁ ତାହାଙ୍କୁ ପ୍ରେମ କରେ...

268 ବନ୍ଧୁଗଣ, ଆଜି ସକାଳେ ଏହା କାଟୁଥିବା ପରି କଠୋର ବାର୍ତ୍ତା ଅଟେ। ତେବେ ଆସନ୍ତୁ ଆମେମାନେ ମଧୁର ଭାବରେ ଉପାସନା କରିବା।

କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ
ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲବରୀ ବୃକ୍ଷ ଉପରେ।

269 କଅଣ ଏହା ସମ୍ଭବ ହୋଇପାରେ କି, ଧର୍ମ ବିରୋଧୀ ଭାବରେ ନୁହେଁ, ନିଶ୍ଚିତରେ ନୁହେଁ…ଏହା—ଧାର୍ମିକ ଅଟେ। ଆସନ୍ତୁ ଆମେମାନେ ତାହାଙ୍କ ଆଡକୁ ନିଜର ହାତକୁ ଉଠାଇବା ଯାହାଙ୍କୁ ଆମେମାନେ ପ୍ରେମ କରୁ । ଏବଂ କହିବା:

ମୁଁ ତାହାଙ୍କୁ ପ୍ରେମ କରେ, ମୁଁ ତାହାଙ୍କୁ ପ୍ରେମ କରେ
କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ
ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲବରୀ ବୃକ୍ଷ ଉପରେ ।

270 ତେବେ, ଏଠାରେ ଥିବା ପ୍ରତ୍ୟେକ ସ୍ତ୍ରୀଲୋକ କିମ୍ବା ଝିଅଙ୍କୁ, ଏହା ମୋର ହାତ ଅଟେ। ପରମେଶ୍ୱର ଆପଣଙ୍କୁ ପ୍ରେମ କରନ୍ତୁ। ଏଠାରେ ଥିବା ପ୍ରତ୍ୟେକ ପୁରୁଷ କିମ୍ବା ବାଳକଙ୍କୁ, ପରମେଶ୍ୱର ଆପଣଙ୍କୁ ପ୍ରେମ କରନ୍ତୁ । ମୁଁ ଆପଣଙ୍କୁ ପ୍ରେମ କରେ । ତେବେ, ମୁଁ ଯାଇ ଆପଣ ପ୍ରତ୍ୟେକ ଜଣଙ୍କର ହାତ ନିକଟକୁ ପହଞ୍ଚିପାରେ ନାହିଁ, ମାତ୍ର ମୋର ଯାହା କହିବାର ଅଭିପ୍ରାୟ ତାହା ପରମେଶ୍ୱର ଆପଣଙ୍କୁ ଜଣାନ୍ତୁ। ଯେତେବେଳେକି ଆମେମାନେ ତାହା ପୁଣିଥରେ ଗାଉଥାଉ, ତେବେ ଆସନ୍ତୁ କେବଳ ବୁଲି ପଡନ୍ତୁ ଓ କାହାରି ସହିତ ହାତ ମିଶାନ୍ତୁ। "ଏହା ଦ୍ୱାରା ସମସ୍ତ ମନୁଷ୍ୟଜାତି ଜାଣିବେ ଯେ ତୁମେମାନେ ମୋର ଶିଷ୍ୟ ଅଟ, ଯେତେବେଳେ ତୁମମାନଙ୍କର, ପରସ୍ପର ଜଣେ ଅନ୍ୟ ପ୍ରତି ପ୍ରେମ ରହିଥାଏ ।"

ମୁଁ…
…କ୍ରୟ କରିନେଲେ ମୋର ପରିତ୍ରାଣକୁ
କାଲବରୀ ବୃକ୍ଷ ଉପରେ ।

ମୁଁ ତାହାଙ୍କୁ ପ୍ରେମ କରେ, ମୁଁ ତାହାଙ୍କୁ ପ୍ରେମ କରେ
କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ
ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲବରୀ ବୃକ୍ଷ ଉପରେ ।

271 କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି ନାହିଁ କି? ପବିତ୍ରଆତ୍ମାଙ୍କର ସେହି ମଧୁର ଅନୁଭୂତି! ବାକ୍ୟ ହେଉଛି ଏକ ପରିଷ୍କାର କରିବାର ପ୍ରକ୍ରିୟା, ଠିକ ଆପଣଙ୍କୁ ସଫା କରିଥାଏ, ଆପଣଙ୍କୁ ଏକ ନୂତନ ଜୀବ କରିଥାଏ, ସମସ୍ତକିଛିକୁ ଦୂର କରି ଦେଇଥାଏ। ସେହି ବାକ୍ୟ ଦ୍ୱି-ଧାର ଖଣ୍ଡଠାରୁ ଅଧିକ ତୀକ୍ଷ୍ଣତର, ସୁନ୍ନତ କରିଥାଏ, ଜଗତର ସମସ୍ତ ବିଷୟଗୁଡିକୁ କାଟି ଅଲଗା କରି ଦେଇଥାଏ । ବୁଝିଲେ? ତାହାପରେ ଆମେମାନେ ପରିଷ୍କାର, ସଫା କରାଯାଇଥିବା ଭଳି, ତାହାଙ୍କୁ ଗ୍ରହଣ କରି ବିଶ୍ୱାସ କରିବାର ଅନୁଭବ କରିଥାଉ । ତାହାପରେ ଯାଇ ଆମେମାନେ ସେହିପରି ଭାବରେ ଗୀତ ଗାଇପାରୁ:

ମୁଁ ତାହାଙ୍କୁ ପ୍ରେମ କରେ, ମୁଁ ତାହାଙ୍କୁ ପ୍ରେମ କରେ
କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ

ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲବରୀ ଉପରେ ।

272 ତାହା ସୁନ୍ଦର ଅଟେ କି? ମୁଁ କେବଳ ଏହାକୁ ମୋର ସମ୍ପୂର୍ଣ୍ଣ ହୃଦୟ ସହିତରେ ପ୍ରେମ କରେ । ବୁଝିଲେ? ଆସନ୍ତୁ ଆମେମାନେ ଏହାକୁ ପୁନର୍ବାର ଚେଷ୍ଟା କରିବା, ସମସ୍ତେ ବର୍ତ୍ତମାନ, ପ୍ରକୃତରେ, ତେବେ ଆପଣଙ୍କର ସ୍ୱରର ଶୀର୍ଷରେ ।

ମୁଁ ତାହାଙ୍କୁ ପ୍ରେମ କରେ, ମୁଁ ତାହାଙ୍କୁ ପ୍ରେମ କରେ
କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ
ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲବରୀର ଉପରେ…

62-0121M ତୁମ୍ଭର ବଂଶ ଶତ୍ରୁଗଣର ନଗରଦ୍ୱାର ଅଧିକାର କରିବେ

ଫେଥ୍ ଟାବର୍ନେକଲ

ଫିନିକ୍ସ, ଏରିଜୋନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।


ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:


VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org